CMYK

• Vol.- 46, Issue No. 62
• Tuesday, 2 June 2026
• ମଙ୍ଗଳବାର, ୨ ଜୁନ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### କବିସୂର୍ଯ୍ୟନଗର: 'ଥାର୍ଡ ଡିଗ୍ରୀ'ରେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ଘଟଣା

## ୩ ପୋଲିସ କର୍ମଚାରୀ ନିଲମ୍ବିତ

କବିସୂର୍ଯ୍ୟନଗର,୧ ।୬(ନିପ୍ର) କବିସୂର୍ଯ୍ୟନଗର ଥାନା ପୁଲିସ ଅଧିକାରୀମାନଙ୍କ ନିଷ୍ଠୁର ମାଡ଼ରେ ସାବୁଲିଆ ଗ୍ରାମର ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସୁଶାନ୍ତ ସାହୁ(୩୨)କୁ ପିଟିପିଟି ପୁଲିସ ମାରି ଦେଇଥିବା ଅଭିଯୋଗ ହୋଇଛି । ଗତ ୨୫ତାରିଖରୁ ପୁଲିସ ଥାନାକୁ ଆଣି ଥାନାରେ ରଖି ନିର୍ଯାତନା ଦେଇ ମାଡ ମାରିବା ସହ ଗରମ ପାଣି ତା ଉପରେ ପକାଇ ଫୋଟକା କରାଯାଇଛି । ଗତକାଲି ଆହତ ଗୁରୁତର ଯୁବକକୁ ତାଙ୍କ ପରିବାରକୁ ପଠାଇ ଦେଇଥିଲେ। ତାଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା ।




ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ସୁଶାନ୍ତର ମୃତ୍ୟୁ ଘଟିଛି। ଏହି ଘଟଣା ପରେ କବିସୂର୍ଯ୍ୟ ନଗର ଥାନା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାର ତଦନ୍ତ କରିବାକୁ ଦକ୍ଷିଣାଞ୍ଚଳ ଆଇଜିଙ୍କ ନିର୍ଦ୍ଦେଶରେ ସକାଳେ ଗଞ୍ଜାମ ଜିଲା ଏସପି କବିସୂର୍ଯ୍ୟ ନଗର ଥାନାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଥାନାରେ ପୋଲିସର ଥାର୍ଡ଼ ଡିଗ୍ରୀରେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘଟଣାରେ ୩ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି । ଆଇପିଏସ ନୀତିଶ ମିଶ୍ରଙ୍କୁ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଜଣେ କନେଷ୍ଟବଳଙ୍କୁ ଚାକିରିରୁ ସବୁଦିନ ପାଇଁ ବହିଷ୍କାର କରାଯାଇଛି। ଏହି ଥାନାର ସମସ୍ତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯିବ ବୋଲି ଗଂଜାମ ଏସପି ହରିଶ ବିଶି ଆଜି ସୂଚନାଦେଇଛନ୍ତି।

### ବୃଦ୍ଧି ପାଉଛି ହାଜତ ମୃତ୍ୟୁ ମାମଲା

## ୨ ବର୍ଷରେ ମୃତ୍ୟୁବରଣ କଲେଣି ୧୦ ଜଣ: ବିଜେଡି

ଭୁବନେଶ୍ୱର,୧ ।୬(ନିପ୍ର): ରାଜ୍ୟରେ ପୋଲିସ୍ ପ୍ରଶାସନର ବର୍ବରତା ସବୁ ସୀମା ଟପିସାରିଲାଣି । ଥାନା ଭିତରେ ଥାର୍ଡଡିଗ୍ରୀ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଘଟୁଥିବା ହିଂସା ଘଟଣାରେ ପୀଡ଼ିତଙ୍କୁ ନ୍ୟାୟ ଦେବାରେ ବିଫଳ ପୋଲିସ୍ ପ୍ରଶାସନ ଅମାନୁଷିକ ଭାବେ ସାଧାରଣ ଲୋକଙ୍କ ଉପରେ ଥାର୍ଡଡିଗ୍ରୀ କରିବା ଅତ୍ୟନ୍ତ ନିନ୍ଦନୀୟ କହି ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ, ପୋଲିସ୍ ପ୍ରଶାସନ ଓଡ଼ିଶାର ନିରୀହ ଜନସାଧାରଣଙ୍କ ଉପରେ ବର୍ବରୋଚିତ ଭାବେ ଥାନା ଭିତରେ ଯେଉଁ ଥାର୍ଡଡିଗ୍ରୀ କରୁଛି, ତାହା ସମସ୍ତଙ୍କୁ ବିଚଳିତ କରିଦେଇଛି ବୋଲି କହିଥିଲେ । ଡ଼ ମହାନ୍ତି ଆହୁରି କହିଥିଲେ, ଗତକାଲି ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ଥାନାର ଆଇଆଇସି ଲଘୁ ଖଣିଜ ସମ୍ପଦ ଚୋରା କାରବାରର ମୁଖ୍ୟ କାର୍ପେଟଦାରଙ୍କୁ ପଚାରିବାକୁ ସାହସ ଜୁଟାଇ ନ ପାରି ଜଣେ ନିରୀହ ଭିନ୍ନକ୍ଷମ ଯୁବକଙ୍କୁ ଉଠାଇ ଆଣି ଦୀର୍ଘ ୩ ଦିନ ଧରି ହାଜତ ଭିତରେ ଥାର୍ଡଡିଗ୍ରୀ ଦେଇଚାଲିଲେ, ଯାହା ଫଳରେ ତାଙ୍କର ମୃତ୍ୟୁ ହେଲା । ବିଗତ ୨୦ ଦିନ ଭିତରେ ଗଞ୍ଜାମ ଜିଲ୍ଲାରେ ୧୦ଟି ମର୍ଡର ହେଲାଣି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସଂସଦରେ ଉପସ୍ଥାପନ କରିଥିବା ରିପୋର୍ଟ ଅନୁଯାୟୀ ୨୦୨୫-୨୬ ବର୍ଷରେ ଓଡ଼ିଶାରେ ହାଜତ ମୃତ୍ୟୁ ସଂଖ୍ୟା ୧୦ରେ ପହଞ୍ଚିଲାଣି ।

## ସୁପ୍ରିମକୋର୍ଟଙ୍କୁ ମିଳିଲେ ୫ ନୂଆ ବିଚାରପତି

ନୂଆଦିଲ୍ଲୀ,୧ ।୬: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟରେ ୫ ଜଣ ବିଚାରପତିଙ୍କୁ ନିଯୁକ୍ତ କରିଛନ୍ତି। ସୋମବାର ୪ ଜଣ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ବରିଷ୍ଠ ଆଇନଜୀବୀ



ଭି. ସୁବ୍ରମଣି ମୋହନାଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତିକୁ ମଞ୍ଜୁରି ମିଳିଛି । ଏହା ସହିତ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି, ଯାହା ଅନୁମୋଦିତ ୩୮ ପଦବୀରୁ ଗୋଟିଏ କମ୍ । ସୁପ୍ରିମକୋର୍ଟରେ ନିଯୁକ୍ତ ବିଚାରପତିଙ୍କ ମଧ୍ୟରେ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚନ୍ଦ୍ରଶେଖରଙ୍କ ନାମ ରହିଛି । ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଶୀଲ ନାଗୁ ।ମଧ୍ୟପ୍ରଦେଶ ହାଇକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ସଚ୍ଚଦେବ । ଜମ୍ମୁ ଓ କାଶ୍ମୀର ଏବଂ ଲଦାଖ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଅରୁଣ ପାଲି । ବରିଷ୍ଠ ଓକିଲ ଭି. ସୁବ୍ରମଣି ମୋହନାଙ୍କୁ ମଧ୍ୟ ସୁପ୍ରିମକୋର୍ଟର ବିଚାରପତି ଭାବରେ ନିଯୁକ୍ତ କରାଯାଇଛି । ଏନେଇ ଆଇନ ମନ୍ତ୍ରଣାଳୟ ସୋମବାର ସକାଳେ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି କରିଛି ।

## ସରକାରୀ କାମ ପାଇଁ ଇଭି କ୍ରୟ

### ନିର୍ଦ୍ଦେଶାବଳି ଜାରି କଲା ଅର୍ଥ ବିଭାଗ

ଭୁବନେଶ୍ୱର,୧ ।୬(ନିପ୍ର): ସରକାରୀ କାର୍ଯ୍ୟରେ ବାଧ୍ୟତାମୂଳକ ଇଭି ବ୍ୟବହାର ପାଇଁ ନିର୍ଦ୍ଦେଶାବଳି ଜାରି ହୋଇଛି। ଇଭି କିଣିବାକୁ ନିର୍ଦ୍ଦେଶାବଳି ଜାରି କରିଛି ଅର୍ଥ ବିଭାଗ। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇଭି କିଣିପାରିବେ। ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି, ମନ୍ତ୍ରୀମାନେ ମଧ୍ୟ ୩୦ ଲକ୍ଷ ପର୍ଯ୍ୟନ୍ତ କିଣିପାରିବେ। ମୁଖ୍ୟ ସଚିବ, ଉନ୍ନୟନ କମିଶନର, ସଚିବ ଆଦି ୨୫ ଲକ୍ଷ ପର୍ଯ୍ୟନ୍ତ ଇଭି କିଣିପାରିବେ । ଜିଲ୍ଲା ଜଜ୍, ଜିଲ୍ଲାପାଳ ଓ ଏସ୍‌ପିମାନେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇଭି କିଣି ପାରିବେ ବୋଲି ଅର୍ଥ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅର୍ଥ ବିଭାଗର ଅନୁମୋଦନ ପରି ଏବଂ ବର୍ତ୍ତମାନ ବ୍ୟବହାର ହେଉଥିବା ଗାଡିର ଅବଧି ଶେଷ ହେବା ପରେ କିମ୍ବା ସ୍କ୍ରାପିଂ ହେବା ପରେ ନୂଆ ଇଭି କିଣାଯିବ। କେବଳ ଟାଟା , ମହିନ୍ଦ୍ରା ଓ ମାରୁତି କମ୍ପାନୀର ଇଭି କିଣାଯିବ। ଏହା ବ୍ୟତୀତ ଜଣେ ଅଧିକାରୀ ଗୋଟିଏ ଗାଡି ନିୟମ ଲାଗୁ ହେବ ବୋଲି ନିର୍ଦ୍ଦେଶାବଳି ଜାରି କରିଛି ଅର୍ଥ ବିଭାଗ ।

### ୧୭ ପାଳି ସୁଦ୍ଧା ୯୬ ପ୍ରତିଶତର ସମାଧାନ

# ଅଭିଯୋଗ ଶୁଣାଣି ପାଲଟିଛି ଅଭିନ୍ନ ଅଙ୍ଗ

**୨ବର୍ଷରେ ଜିଲ୍ଲାସ୍ତରରେ ୨.୪୦ ଲକ୍ଷ ଅଭିଯୋଗ ଶୁଣାଣି**

**୯୨ ପ୍ରତିଶତ ସମାଧାନ ହୋଇଛି: ମୁଖ୍ୟମନ୍ତ୍ରୀ**



ଭୁବନେଶ୍ୱର, ୧ ।୬(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୧୩ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ୨ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ଆଜିକୁ ମିଶାଇ ୧୮ ଥର ଶୁଣାଣି କରିସାରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ ଭେଟି ତାଙ୍କ ଅଭିଯୋଗ ଗ୍ରହଣ କରିଥାନ୍ତି। ଅଭିଯୋଗ ଶୁଣାଣି ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଯୋଗୁ ପ୍ରଶାସନର ବିଭିନ୍ନ ସ୍ତରରେ ଏହାର ସୁପ୍ରଭାବ ପଡିଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପିମାନେ ନିୟମିତ ଭାବେ ଲୋକଙ୍କ ଆପତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଏପ୍ରିଲ ମାସ ସୁଦ୍ଧା ୨.୪୦ ଲକ୍ଷ ଅଭିଯୋଗ ଶୁଣାଣି ହୋଇ ୯୨ ପ୍ରତିଶତ ସମାଧାନ ହୋଇଛି। ଏହା ଦ୍ୱାରା ସାଧାରଣ ଲୋକମାନେ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ ପ୍ରଭାବ ପକାଇଛି ଓ ସରକାରଙ୍କ ଉପରେ ସେମାନଙ୍କ ଆସ୍ଥା ବୃଦ୍ଧି ପାଇଛି। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଂଜୀକୃତ କରିଥିବା ଅଭିଯୋଗକାରୀମାନଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ରୋଗରେ ପୀଡ଼ିତ ପ୍ରାୟ ୧୩ ଜଣ ଅଭିଯୋଗକାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୩.୬୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ସେହିଭଳି ପୁଅର ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ନୟାଗଡ ଜିଲ୍ଲାର କାମାକ୍ଷୀ ସାହୁଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମଞ୍ଜୁର କରିଛନ୍ତି। ଆଜି ଉଭୟ ଅନଲାଇନ ଓ ଅଫ୍‌ଲାଇନ ଜରିଆରେ ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୧୭ ପାଳି ସୁଦ୍ଧା ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ଭାବେ ଆସି ଅଭିଯୋଗ ଦେଇଥିବା ୧୪,୬୫୧ ଟି ଅଭିଯୋଗ ମଧ୍ୟରୁ ୧୪,୦୪୬ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଏହି ଜନାଭିମୁଖୀ କାର୍ଯ୍ୟକ୍ରମ ଯୋଗୁଁ ସାଧାରଣ ଲୋକଟିଏ ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇ ପାରୁଛି ।

### ମାନୁନାହିଁ ଇସ୍କନ !

## ଅ-ତିଥିରେ କାନାଡାରେ ରଥଯାତ୍ରା

ଭୁବନେଶ୍ୱର,୧ ।୬: ଶ୍ରୀକ୍ଷେତ୍ରରେ ବିଧି ଅନୁସାରେ ହେଉଥିବା ରଥଯାତ୍ରା ଭାରତ ବାହାରେ ଏବେ ଅ-ତିଥିରେ ରଥଯାତ୍ରା ପାଳନକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି। ରାଜ୍ୟର ଭକ୍ତମାନେ ପ୍ରଭୁ ଜଗନ୍ନାଥଙ୍କ ଆଗାମୀ ରଥଯାତ୍ରାକୁ ଅପେକ୍ଷା କରିଥିବା ବେଳେ, ବିଦେଶର ଇସ୍କନ ମନ୍ଦିରଗୁଡ଼ିକ ପୂର୍ବରୁ ଅନେକ ଦେଶରେ ଏହି ଉତ୍ସବ ଆୟୋଜନ ଏବଂ ପାଳନ କରିସାରିଛନ୍ତି। ଆମେରିକାର ଇସ୍କନ ମନ୍ଦିରଗୁଡ଼ିକ ଦ୍ୱାରା ସମ୍ପ୍ରତି ରଥଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ, ବର୍ତ୍ତମାନ କାନାଡାରେ



ସମାନ ଉତ୍ସବ ଅନୁଷ୍ଠିତ ହୋଇଛି। ମେ ୩୦ ତାରିଖରେ, ଗ୍ରେଟର ଟୋରଣ୍ଟୋ ଅଞ୍ଚଳର ଇସ୍କନର ୱାଟରଲୁ ମନ୍ଦିର ଏକ ରଥଯାତ୍ରା ଆୟୋଜନ କରିଥିଲା, ତା'ପରେ ମେ ୩୧ ତାରିଖରେ ନାଏଗ୍ରା ରେ ଆଉ ଏକ ଶୋଭାଯାତ୍ରା କରାଯାଇଥିଲା ।କାନାଡାରେ ଓଡ଼ିଆ ସମ୍ପ୍ରଦାୟର ସଦସ୍ୟମାନଙ୍କ ଦ୍ୱାରା ଆପତ୍ତି ସତ୍ତ୍ୱେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଟୋରଣ୍ଟୋରେ ଥିବା ଓଡ଼ିଆ ସଂଗଠନଗୁଡ଼ିକ ସମ୍ପୃକ୍ତ ଇସ୍କନ ମନ୍ଦିରଗୁଡ଼ିକୁ ଚିଠି ଲେଖି ପୁରୀରେ ପାରମ୍ପରିକ ପାଳନ ପୂର୍ବରୁ ରଥଯାତ୍ରା ନ କରିବାକୁ ଅନୁରୋଧ କରିଥିଲେ ହେଁ ଆୟୋଜନକାରୀଙ୍କ ଉପରେ କୌଣସି ପ୍ରଭାବ ପଡ଼ିନାହିଁ।

## ୯ ଘଣ୍ଟା ପରେ ଆୟତ୍ତ ମାଛ ମାର୍କେଟ ନିଆଁ: ଜଳିଗଲା ୫୦ ଲକ୍ଷ ଟଙ୍କାର ସଂପତ୍ତି

କଟକ,୧ ।୬(ନିପ୍ର): ୯ ଘଣ୍ଟା ପରେ ଲିଭିଲା ମଧୁପଟଣା ପ୍ରେସ ଛକରେ ଥିବା ମାଛ ମାର୍କେଟରେ ଲାଗିଥିବା ନିଆଁ। ମିଳିଥିବା ଖବର ଅନୁଯାୟୀ, ରବିବାର ରାତି ପ୍ରାୟ ୨ଟାରୁ କଟକ ପ୍ରେସ ଛକରେ ଥିବା ମାଛ ମାର୍କେଟରେ ନିଆଁ ଲାଗିଥିଲା । ଦେଖୁ ଦେଖୁ ନିଆଁ ବ୍ୟାପିବାରେ ଲାଗିଥିଲା। ଏପିରିକି ମାଛ ମାର୍କେଟରେ ଥିବା, ଏକ ରଙ୍ଗ କମ୍ପାନୀ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ମଧ୍ୟ ନିଆଁ ଲାଗିଥିଲା । ନିଆଁ ଲାଗିଥିବା ବିଲ୍ଡିଂରେ ରଙ୍ଗ ଗୋଦାମ ଥିବାରୁ ନିଆଁ



ବ୍ୟାପିବାରେ ଲାଗିଥିଲା । ନିଆଁ ଲିଭାଇବାକୁ ୧୦ଟି ଅଗ୍ନିଶମ ବାହିନୀ ନିୟୋଜିତ ରହିଥିଲେ । ମାଛ ବ୍ୟବସାୟୀଙ୍କର ୫୦ରୁ ୬୦ଲକ୍ଷ ଟଙ୍କା ନଗଦ କ୍ୟାସ୍ ମଧ୍ୟ ଜଳିଯାଇଛି । ମାଛ ମାର୍କେଟ୍ ଜଳିଯିବା ଫଳରେ ବ୍ୟବସାୟୀମାଙ୍କର ସର୍ବସ୍ୱ ଜଳିଯାଇଛି । ପ୍ରାୟ ୧୭ ଜଣ ବ୍ୟବସାୟୀ ଏହି ଅଗ୍ନିକାଣ୍ଡ ହେତୁ କ୍ଷତିଗ୍ରସ୍ତ ହୋଇଛନ୍ତି । ମାଛ ମାର୍କେଟ୍ ଆସବାବପତ୍ର ସହ ଡିପ୍ ଫ୍ରିଜର୍ ମଧ୍ୟ ଜଳିଯାଇଛି । ସେପଟେ ନିଆଁକୁ ଆୟତ୍ତ କରିବାକୁ ମୁସ୍କିଲ୍ ହେଉଥିବାର ବିଲ୍ଡିଂର କିଛି ଅଂଶକୁ ଜେସିବି ସହାୟତାରେ ଭଙ୍ଗାଯାଇଥିଲା । ଶେଷରେ ଦୀର୍ଘ ୯ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲା ଅଗ୍ନିଶମ ବାହିନୀ ।

### ସୌମ୍ୟ ହତ୍ୟା ମାମଲା

## ଭୁବନେଶ୍ୱରରେ ଏନ୍‌ଏଚ୍‌ଆରସି ଟିମ୍

### ୪୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପକ୍ଷ ରଖିବାକୁ ନୋଟିସ୍

ଭୁବନେଶ୍ୱର,୧ ।୬(ନିପ୍ର): ପୋଲିସ କନେଷ୍ଟବଳ ସୌମ୍ୟରଞ୍ଜନ ହତ୍ୟା ମାମଲାର ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ଟିମ୍ ତଦନ୍ତ କରିବ। ଏଥିଲାଗି ଏନଏଚଆରସିର ଦୁଇ ଜଣ ସଦସ୍ୟ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ରାଜେନ୍ଦ୍ର ସିଂ ଓ ଅବିନାଶ କୁମାର ସଦସ୍ୟ ଭାବେ ଓଡ଼ିଶା ଆସିଥିବାବେଳେ ୫ ତାରିଖ ପର୍ଯ୍ୟନ୍ତ ଏହି ଟିମ୍ ଭୁବନେଶ୍ୱରରେ ରହି ଘଟଣାର ତଦନ୍ତ କରିବ। ଏନଏଚଆରସି ଟିମ୍ ପୋଲିସ କମିଶନର ଓ ଭୁବନେଶ୍ୱର ଡିସିପିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହା ସହ ସୌମ୍ୟଙ୍କ ସାଙ୍ଗ, ବାପା-ମାଆ ଓ ମାମୁଙ୍କୁ ପଚରାଉଚରା କରିବେ। ବର୍ତ୍ତମାନ ସୁଦ୍ଧା ମାମଲାର ଅଗ୍ରଗତି ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଅଧିକାରୀଙ୍କ ନିକଟରୁ ତଥ୍ୟ ନେବେ। ଏନଏଚଆରସି ଟିମ୍ ଦିଲ୍ଲୀରୁ ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜ୍ୟ ଅତିଥି ଭବନ ଯାଇଥିଲେ। ୫ ଦିନ ଧରି ଏହି ଟିମ୍ ଘଟଣାସ୍ଥଳକୁ




ପରିଦର୍ଶନ କରିବା ସହ ଏହି ଲିଙ୍କରେ ଥିବା ସମସ୍ତଙ୍କୁ ଜେରା କରି ତଥ୍ୟ ହାସଲ କରିବ। ଏଥିସହ ପୋଲିସ ଅଧିକାରୀ, ପ୍ରଶାସନିକ ଅଧିକାରୀ, ସାକ୍ଷୀଙ୍କୁ ପଚରାଉଚରା କରିବ। ଏପରିକି ସୌମ୍ୟଙ୍କ ବାପା, ମା ଓ ଅନ୍ୟ ପରିବାର ସଦସ୍ୟ, ସମ୍ପର୍କୀୟ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କୁ ମଧ୍ୟ ପଚରାଉଚରା କରି ଛାନଭିନ କରିବ। ସୌମ୍ୟଙ୍କ ମା' କରିଥିବା ଅଭିଯୋଗ ଆଧାରରେ ଏଡିଜି ଦୟାଳ ଗଙ୍ଗୱାରଙ୍କୁ ମଧ୍ୟ ପଚରାଉଚରା କରିବାକୁ ଏନଏଚଆରସିଙ୍କ ପକ୍ଷରୁ ନୋଟିସ ହୋଇଛି। ଏଥିସହ କଟକ-ଭୁବନେଶ୍ୱର ଟ୍ୱିନସିଟି ପୋଲିସ କମିଶନର ଏସ ଦେବଦତ୍ତ ସିଂହ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ପୂର୍ବତନ ବାଲିଅନ୍ତା ଥାନାଧିକାରୀଙ୍କୁ ମଧ୍ୟ ପକ୍ଷ ରଖିବାକୁ କୁହାଯାଇଛି। ସେହିପରି ଘଟଣାରେ ଅବହେଳା ପାଇଁ ନିଲମ୍ବିତ ଜଣେ ଏସଆଇ, ଜଣେ ଏଏସଆଇ ଓ ଜଣେ ଓଏପିଏଫ୍, ପିସିଆର ୪୨ର ଜଣେ କନଷ୍ଟେବଳ ଏବଂ ସେବାରୁ ନିବୃତ୍ତ ଦୁଇ ହୋମଗାର୍ଡଙ୍କୁ ମଧ୍ୟ ନୋଟିସ୍ ଦିଆଯାଇଛି। ଏଥିସହ ଘଟଣା ଦିନ ସୌମ୍ୟଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିବା ଦୁଇ ପୀଡ଼ିତାଙ୍କୁ ମଧ୍ୟ ନିଜ ପକ୍ଷ ରଖିବାକୁ ନୋଟିସ୍ ହୋଇଛି। ଏହାସହ ଏହି ଘଟଣାରେ କେହି କିଛି ତଥ୍ୟ ଦେବାକୁ ଚାହିଁଲେ ଆଫିଡେଭିଟ୍ ମାଧ୍ୟମରେ ଏନଏଚଆରସିଙ୍କ ନିକଟରେ ସିଧାସଳଖ ଦେଇପାରିବେ ବୋଲି ସୂଚନା ମିଳିଛି।

## ଜେଇଇ ଆଡଭାନ୍ସରେ ୫୬,୮୮୦ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ

★ କଟ୍-ଅଫ୍ ୧୮ ପଏଣ୍ଟ ବୃଦ୍ଧି
★ ଶୀର୍ଷ ୩ ଜଣରେ ଦିଲ୍ଲୀ ଜୋନର ଶୁଭମ୍, କବୀର ଏବଂ ଯତୀନ
★ ଭୁବନେଶ୍ୱର ଜୋନ୍‌ରେ ଭବେଶ ପାତ୍ର ୨୯ତମ ସ୍ଥାନରେ

ନୂଆଦିଲ୍ଲୀ, ୧ ।୬: ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ରୁର୍କି ସୋମବାର ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ଆଡଭାନ୍ସଡ୍-୨୦୨୬ ର ଫଳାଫଳ ଘୋଷଣା କରିଛି। ଚଳିତ ବର୍ଷ ଦିଲ୍ଲୀ ଜୋନର ଶୁଭମ୍ କୁମାର ୩୬୦ରୁ ୩୩୦ ମାର୍କ ରଖି ପରୀକ୍ଷାରେ ଟପ୍ପର ହୋଇଛନ୍ତି। ଦିଲ୍ଲୀ ଜୋନର କବୀର ଚିଲ୍ଲର ୩୨୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଜତିନ ଚାହର ୩୧୯ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଏହିପରି ଦିଲ୍ଲୀ ଜୋନର ପ୍ରାର୍ଥୀମାନେ ଶ୍ରେଷ୍ଠ ତିନୋଟି ପଦବୀରେ ରହିଥିଲେ। ଆଇ. ଆଇ. ଟି. ରୁର୍କି ମଧ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଫଳାଫଳ ପ୍ରକାଶ କରିବା ସମୟରେ ଚୂଡ଼ାନ୍ତ ଉତ୍ତର କି ପ୍ରକାଶ କରିଥିଲା। ପ୍ରାର୍ଥୀମାନେ ରୋଲ୍ ନମ୍ବର, ଜନ୍ମ ତାରିଖ ଏବଂ ପଞ୍ଜୀକୃତ ମୋବାଇଲ୍ ନମ୍ବର ସାହାଯ୍ୟରେ ଅଫିସିଆଲ୍ ୱେବସାଇଟରେ ସେମାନଙ୍କର ଫଳାଫଳ ଯାଞ୍ଚ କରିପାରିବେ। ଚଳିତ ବର୍ଷ ଜେଇଇ ଆଡଭାନ୍ସଡ ପାଇଁ ୧,୮୭,୩୮୯ ଜଣ ପ୍ରାର୍ଥୀ ପଂଜୀକୃତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୧,୭୯,୬୯୪ ଜଣ ପ୍ରାର୍ଥୀ ପରୀକ୍ଷାରେ ବସିଥିଲେ ଏବଂ ୫୬,୮୮୦ ଜଣ ପ୍ରାର୍ଥୀ ସଫଳ ଘୋଷିତ ହୋଇଥିଲେ। ସଫଳ ପ୍ରାର୍ଥୀମାନେ ବର୍ତ୍ତମାନ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ଆଡମିଶନ ପାଇଁ ଯୁଗ୍ମ ସିଟ୍ ଆବଣ୍ଟନ ପ୍ରକ୍ରିୟା (ଜୋସା) କାଉନସେଲିଂରେ



ଅଂଶଗ୍ରହଣ କରିପାରିବେ। ସଫଳ ପ୍ରାର୍ଥୀଙ୍କ ମଧ୍ୟରେ ୧୦,୧୦୭ ଜଣ ଛାତ୍ରୀ ଅଛନ୍ତି। ଏଥର ସାଧାରଣ ବର୍ଗ ପାଇଁ କଟ୍-ଅଫ୍ ୯୨ ପଏଣ୍ଟ ଥିଲା, ଯାହା ଗତ ବର୍ଷ ତୁଳନାରେ ୧୮ ପଏଣ୍ଟ ଅଧିକ। ଆଇଆଇଟି ରୁର୍କି ଜୋନର ନିକୁଞ୍ଜ ଅଗ୍ରୱାଲ ୧୧ତମ, ଆଇଆଇଟି କାନପୁର ଜୋନ୍ର ରିଧେଶ ଅନନ୍ତ ବେଣ୍ଡାଲେ ୧୮ତମ ଏବଂ ଆଇଆଇଟି ଭୁବନେଶ୍ୱର ଜୋନ୍‌ରେ ଭବେଶ ପାତ୍ର ୨୯ତମ ସ୍ଥାନରେ ରହିଛନ୍ତି।

CMYK

# ମୌନତା

• ଏକ ଶ୍ଳୋକରେ କୁହାଯାଇଛି

ମନଃ-ପ୍ରସାଦଃ ସୌମ୍ୟତ୍ୱଂ
ମୌନମ୍ ଆତ୍ମା-ବିନିଗ୍ରହଃ
ଭାବ-ସଂଶୁଦ୍ଧିର ଇତି ଏତତ୍
ତପୋ ମାନସମ୍ ଉଚ୍ୟତେ

**ଅସ୍ତିତ୍ୱ ଶୁଦ୍ଧିକରଣ ପାଇଁ ମନର ତପସ୍ୟା**





**ମୌନତା କେବଳ ବାକ୍ ସଂଯମ ନୁହେଁ; ଏହା ତୁମର କାର୍ଯ୍ୟ, ବାଣୀ ଏବଂ ଚିନ୍ତାଧାରାକୁ ଶାନ୍ତ କରିଥାଏ।**

ଯେତେବେଳେ ତୁମେ ନୀରବତା ଅଭ୍ୟାସ କର। ବାସ୍ତବରେ କ'ଣ ଘଟେ ? ଆତ୍ମାର ସ୍ୱର ଏକ ଅଙ୍କୁରିତ ବୀଜ ପରି ଖୋଲିଯାଏ। ସେତେବେଳେ ତୁମେ ସୁନ୍ଦର ସୁଗନ୍ଧ ଚାରିଆଡେ ବିତରଣ କରିଥାଅ।

ଆତ୍ମପରିବର୍ତ୍ତନ ବା ନିଜର ଆଭ୍ୟନ୍ତରୀଣ ପଥର ଯାତ୍ରା ଲାଗି ପ୍ରଥମ ଅଭ୍ୟାସ ହେଉଛି ନୀରବତା । ଏହା ପାଳନ କରିବା ମଧ୍ୟ ଏକ କଳା। ନୀରବତା ପାଳନ କରିବା ଦ୍ୱାରା ତୁମକୁ ମନର ନୀରବ କରିବାର ସାମର୍ଥ୍ୟ ହାସଲ କରିପାରିବ ଓ ଏହା ସେଦିଗରେ ସାହାଯ୍ୟ କରିପାରିବ। ସଂସ୍କୃତରେ ନୀରବତା ପାଳନ କରିବାର ଶବ୍ଦ ହେଉଛି ମୌନ। ଆକର୍ଷଣୀୟ ଭାବରେ, ଭଗବଦ୍ ଗୀତାରେ ମୌନକୁ ତପସ, ତପସ୍ୟା, ମନର ଭାବରେ ପରିଭାଷିତ କରାଯାଇଛି। ସନ୍ତୋଷ, ସରଳତା, ଗୁରୁତ୍ୱାକର୍ଷଣ, ଆତ୍ମନିୟନ୍ତ୍ରଣ ଏବଂ ନିଜ ଅସ୍ତିତ୍ୱର ଶୁଦ୍ଧିକରଣ ହେଉଛି ମନର ତପସ୍ୟା। ମଣିଷ ତା' ମନ ସହ ସର୍ବଦା କଥାବାର୍ତ୍ତା କରୁଛି। ଯଦି ତୁମେ କଥା କହୁଛ ତେବେ ତୁମର ମନକୁ ଶୁଣିବା ସମ୍ଭବ ନୁହେଁ। ତୁମ ମନକୁ ଶୁଣିବା ପାଇଁ, ତୁମଙ୍କୁ ଶାନ୍ତ ରହିବାକୁ ପଡିବ। ମନର ସମ୍ପୂର୍ଣ୍ଣ ନିରବତା ହାସଲ କରିବା ପାଇଁ କଥାବାର୍ତ୍ତାର ନୀରବତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୀରବତା ଅଭ୍ୟାସର ଏକ ଅଂଶ ଭାବରେ, ତୁମକୁ ପ୍ରଥମେ ଛୋଟ ଅବଧିର ସମୟ ସହିତ ଆରମ୍ଭ କରିବାକୁ ପଡିବ। ଅଭ୍ୟାସରେ ସମ୍ପୂର୍ଣ୍ଣ ନୀରବତା ପାଳନ ଅନ୍ତର୍ଭୁକ୍ତ; ଏହାର ଅର୍ଥ, କୌଣସି ପ୍ରକାରର କଥାବାର୍ତ୍ତା ନକରିବା। ତୁମ ନୀରବତା ଅବଧି ସମୟରେ, ତୁମେ ଆରମ୍ଭରେ ସର୍ବାଧିକ ଗୋଟିଏ ପୁସ୍ତକ ନେଇପାରିବ। ତୁମେ ଯେତେ ଅଧିକ ସଚେତନ ଏବଂ ସତର୍କ ହେବ, ଅଭ୍ୟାସ ସେତେ ଭଲ ହେବ। ସମ୍ପୂର୍ଣ୍ଣ ନୀରବତାରେ, ତୁମ ମନର ବାକ୍ ଚାତୁରୀ ସ୍ୱଭାବ ବିଷୟରେ ସଚେତନ ହେବା ଆରମ୍ଭ କରିବ। ତୁମେ ଦେଖିବା ଆରମ୍ଭ କରିବ ଯେ ତୁମର ମନ କିପରି ମାଙ୍କଡ ପରି ଅସ୍ଥିର, ଯିଏ କିଛି ସେକେଣ୍ଡରୁ ଅଧିକ ସମୟ ପାଇଁ କୌଣସି ଡାଳରେ ରହିପାରେ ନାହିଁ। ପ୍ରାରମ୍ଭରେ, ନୀରବତା ଅବଲମ୍ବନ କରିବା ସମୟରେ ତୁମର ଧ୍ୟାନ କରିବାର କ୍ଷମତା ହ୍ରାସ ପାଇବ। ତୁମେ ଏକ ନିର୍ଦ୍ଦିଷ୍ଟ ଅସ୍ଥିରତା ଅନୁଭବ କରିବାର ସମ୍ଭାବନା ମଧ୍ୟ ଅଛି। ତୁମେ ଭୟଭୀତ ହେବା ଆବଶ୍ୟକ ନାହିଁ। ଦୃଢ଼ତା ଏବଂ ଧୈର୍ଯ୍ୟ ସହିତ, ନୀରବତାର ଉଦୟ ହେବା ଆରମ୍ଭ କର। ଏହା ତୁମକୁ ଭଲ ଧ୍ୟାନ ପାଇଁ ପ୍ରସ୍ତୁତ କରିବ। ନୀରବତା ଅବଲମ୍ବନ କରିବା ଧ୍ୟାନର ବୀଜ ବୁଣିବା ପାଇଁ ଏକ ଉର୍ବର ଭୂମି ପ୍ରସ୍ତୁତ କରିବା ସହିତ ତୁଳନୀୟ। ଉଚ୍ଚ ବା ସୁପର ଚେତନା ଅବସ୍ଥା ଅନୁଭବ କରିବାକୁ ଚାହୁଁଥିବା ସାଧକଙ୍କ ପାଇଁ ନୀରବତା ଅବଲମ୍ବନ କରିବାର ଅଭ୍ୟାସ ସମ୍ପୂର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ତୁମେ ତୁମର ମୌନତା ଶୁଣି ଉପଭୋଗ କରୁଛ, ବାହ୍ୟ ଶବ୍ଦ ସ୍ୱୟଂଚାଳିତ ଭାବରେ କମିଯିବା ପରି ମନେହେବ; ତୁମର କାନରେ ବାହ୍ୟ ସଙ୍ଗୀତର ବାହ୍ୟ ତରଙ୍ଗ ମୂଲ୍ୟହୀନ ମନେ ହେବ। ସେହିପରି, ଯେତେବେଳେ ତୁମେ ଆଭ୍ୟନ୍ତରୀଣ ଧ୍ୱନିକୁ ଚ୍ୟାନେଲାଇଜ୍ ବା ଗୋଟିଏ ମାର୍ଗରେ ପ୍ରବାହ କରିବାକୁ ସକ୍ଷମ ହୁଅ, ଏହା ସେତେବେଳେ ସଙ୍ଗୀତରେ ପରିଣତ ହୁଏ। ନୀରବତାର ଭଲ ଅଭ୍ୟାସରେ କୌଣସି ସଂଳାପ, କଥାବାର୍ତ୍ତା ନ ଥାଏ- ଲିଖିତ କିମ୍ବା ମୌଖିକ, ଇଙ୍ଗିତ, ପାରସ୍ପରିକ କ୍ରିୟା କିମ୍ବା କାର୍ଯ୍ୟ ମଧ୍ୟ ନଥାଏ। ମୌନତା କେବଳ ବାକ୍ ସଂଯମ ନୁହେଁ; ଏହା ତୁମର କାର୍ଯ୍ୟ, ବାଣୀ ଏବଂ ଚିନ୍ତାଧାରାକୁ ଶାନ୍ତ କରିଥାଏ। ମୌନତା କାଳରେ ଜଣେ ସଗୁଣ ଉପାସକ, ରୂପର ଉପାସକ, ତାଙ୍କ ଦେବତାଙ୍କୁ ସ୍ତୁତି ବା ପ୍ରଶଂସା କରିବାକୁ ଅନୁମତି ପାଇଥାନ୍ତି।



# ମଳମାସ ମନ୍ଦିର

## ମଳମାସ ଠାକୁର

ବର୍ଷର ବାରମାସର ଅଧିପତି ଦ୍ୱାଦଶ ବିଷ୍ଣୁ। ମଳମାସ ବର୍ଷର ତ୍ରୟୋଦଶ ମାସ। ପୌରାଣିକ ପ୍ରସଙ୍ଗ ଅନୁସାରେ, ଏହି ମାସର କୌଣସି ନାମ ନ ଥିବାରୁ, ଏବଂ ଏହାର କେହି ଅଧିପତି ମଧ ନ ଥିବାରୁ, ଏହି ମାସ ଅପବିତ୍ର ଥିଲା। ତେଣୁ ମଳମାସର ଅନୁରୋଧ ରକ୍ଷାକରି ଭଗବାନ ବିଷ୍ଣୁ ତାହାକୁ ନିଜର ନାମ ଦେଇଥିଲେ। ସେହିଦିନଠାରୁ ମଳମାସ 'ଶ୍ରୀପୁରୁଷୋତ୍ତମମାସ' ହେଲା। ପୁରୀଶ୍ରୀଜଗନ୍ନାଥ ମନ୍ଦିରର ଭିତର ବେଢ଼ାରେ, କଳ୍ପବଟ ମୂଳଠାରେ ଅଛି ମଳମାସ ଠାକୁରଙ୍କ ମନ୍ଦିର। ଏହା ବଟମୂଳ ମଙ୍ଗଳାଙ୍କର ପ୍ରାୟ ସମ୍ମୁଖଭାଗରେ ଅବସ୍ଥିତ। ଏହି ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଶ୍ରୀଲୋକନାଥ ଦେବଙ୍କ ମନ୍ଦିର ଏବଂ ବାମ ପାର୍ଶ୍ୱରେ ଶ୍ରୀଜମ୍ବେଶ୍ୱର ଦେବଙ୍କ ମନ୍ଦିର ବିଦ୍ୟମାନ। ଏହି ମନ୍ଦିରର ଉଚ୍ଚତା ପ୍ରାୟ ୧୧ଫୁଟ। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଏହାକୁ 'ବରାହନାରାୟଣ ମନ୍ଦିର' କୁହାଯାଇଥିଲେ ମଧ, ଲୋକମୁଖରେ ଏହା ଶ୍ରୀପୁରୁଷୋତ୍ତମ ମନ୍ଦିର ବା ଶ୍ରୀମଳମାସ ନାରାୟଣ ମନ୍ଦିର ଭାବରେ କଥିତ। ଏହି ମନ୍ଦିରକୁ ସ୍ୱତ୍ୱଲିପିରେ ବରାହନାରାୟଣ ମନ୍ଦିର କୁହାଯିବାର କାରଣ, ଏହି ମନ୍ଦିରରେ ନାରାୟଣଙ୍କ ସହିତ ବରାହ ଅବତାରଙ୍କର ବିଗ୍ରହ ମଧ ପୂଜିତ ହୋଇଥାଆନ୍ତି। ତେବେ ବରାହ ଓ ନାରାୟଣ ଉଭୟ ଏଠାରେ ଏକତ୍ର ପୂଜିତ ହେବାର କାରଣ ଜଣାଯାଏ ନାହିଁ। ଏହି ମନ୍ଦିରର ଶ୍ରୀ ନାରାୟଣ ମୂର୍ତ୍ତି ସ୍ୱତନ୍ତ୍ର। ଏହି ମୂର୍ତ୍ତି ଚତୁର୍ଭୁଜ ଏବଂ ଧ୍ୟାନମୁଦ୍ରାରେ ସୁଖାସୀନ ହୋଇ ପଦ୍ମଦଳ ଉପରେ ଉପବେଶନ କରିଛନ୍ତି। ଏହାଙ୍କର ଊର୍ଦ୍ଧ୍ୱ ଦକ୍ଷିଣ ହସ୍ତରେ ଚକ୍ର ଓ ଊର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ ବିଦ୍ୟମାନ। ନିମ୍ନ ଦୁଇ ହସ୍ତ ମଧ୍ୟରୁ ବାମ ହସ୍ତର ପାପୁଲି ଉପରେ ଦକ୍ଷିଣ ହସ୍ତର ପାପୁଲି ରହିଛି। ତାହାଙ୍କର ଚକ୍ଷୁ ଅର୍ଦ୍ଧନିମୀଳିତ। ଏହି ବିଗ୍ରହଙ୍କର ଦୁଇପାର୍ଶ୍ୱରେ ବିଭିନ୍ନ ଅବତାରଙ୍କର ମୂର୍ତ୍ତି ପରିଲକ୍ଷିତ। ଦକ୍ଷିଣ ଭାଗରେ ନିମ୍ନରୁ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ଯଥାକ୍ରମେ ମତ୍ସ୍ୟ, କଚ୍ଛପ, ବରାହ ଓ ନୃସିଂହ ଅବତାର ଏବଂ ବାମଭାଗରେ ଊର୍ଦ୍ଧ୍ୱରୁ ନିମ୍ନ ପର୍ଯ୍ୟନ୍ତ ଯଥାକ୍ରମେ ବାମନ, ପରଶୁରାମ, ବଳରାମ ଓ ରାମଙ୍କ ଅବତାର ରହିଛନ୍ତି। କେତେକ ପ୍ରବାଚକ ଏହି ବିଗ୍ରହଙ୍କର ଆଲୋଚନା କରି ଏହାଙ୍କୁ ନବମ ଅବତାର 'ବୁଦ୍ଧ'ଙ୍କ ସହ ସମନ୍ୱିତ କରି ''ଶ୍ରୀଜଗନ୍ନାଥ ହିଁ ବୋଧାତ୍ମକ ବୁଦ୍ଧ'' ବୋଲି କହିଲେ ମଧ, ପ୍ରକୃତରେ ଏହା ଯୋଗେଶ୍ୱର ବିଷ୍ଣୁଙ୍କର ମୂର୍ତ୍ତି। ଏହି ମୂର୍ତ୍ତି ସମଗ୍ର ଭାରତବର୍ଷରେ ବିରଳ। ଏଣୁ ଏହି ବିରଳ ଯୋଗେଶ୍ୱର ନାରାୟଣ ମୂର୍ତ୍ତିଙ୍କୁ ମଳମାସର ଅଧିପତି ଶ୍ରୀପୁରୁଷୋତ୍ତମ ବା ମଳମାସ ନାରାୟଣ ରୂପେ ପୂଜା କରାଯିବା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ।






# ସୀତାଙ୍କ ଆଶ୍ରୟସ୍ଥଳ ସୀତାବିଞ୍ଜି



ସୀତାବିଞ୍ଜି ଅର୍ଥାତ୍ ସୀତାଙ୍କର ଆଶ୍ରୟସ୍ଥଳ। ରାମଙ୍କର ବନବାସ ଅଧ୍ୟାୟର ପରିସମାପ୍ତି ପରେ, ତାଙ୍କ ଜୀବନରେ ଆରମ୍ଭ ହୋଇଥିଲା ଆଉ ଏକ ବନବାସ ପର୍ବ। ଏହି ଅଧ୍ୟାୟରେ ରାମ ବନବାସ କରି ନ ଥିଲେ; ବନବାସରେ ଯାଇଥିଲେ ମାତା ସୀତା। ଯେତେବେଳେ ସେ ଥିଲେ ଅନ୍ତଃସତ୍ତ୍ୱା। 'ରାମାୟଣ'ର ବର୍ଣ୍ଣନା ଅନୁସାରେ, ରାମଙ୍କ ଆଦେଶରେ ଲକ୍ଷ୍ମଣ ମାତା ସୀତାଙ୍କୁ ନେଇ ଅଯୋଧ୍ୟାର ପରିସୀମା ବାହାରେ ଏକ ଘଞ୍ଚ ଜଙ୍ଗଲ ମଧ୍ୟରେ ଛାଡ଼ି ଦେଇ ଆସିଥିଲେ। ସେହି ବନଭୂମି ମଧ୍ୟରେ ଥିଲା ମହର୍ଷି ବାଲ୍ମୀକିଙ୍କର ଆଶ୍ରମ। ଅସହାୟା ସୀତାଙ୍କୁ ବାଲ୍ମୀକି ନେଇ ନିଜ ଆଶ୍ରମରେ ରଖିଥିଲେ ଏବଂ ସେହିଠାରେ ଲବ ଓ କୁଶ ଜନ୍ମଗ୍ରହଣ କରିଥିଲେ। ଲୋକକଥା ଅନୁସାରେ, ଏହି ସ୍ଥାନଟି ଓଡ଼ିଶାର କେନ୍ଦୁଝର ଜିଲାର ସଦରମହକୁମାଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଅବସ୍ଥିତ ସୀତାବିଞ୍ଜି ପାର୍ବତ୍ୟ ଗୁମ୍ଫା। ସୀତାବିଞ୍ଜି ଗୋଟିଏ ପାହାଡ଼ ବା ଗୋଟିଏ ଗୁମ୍ଫା ନୁହେଁ। ବରଂ ଏହା କେତେଗୁଡ଼ିଏ ଛୋଟ-ବଡ଼ ପାହାଡ଼ର ସମଷ୍ଟି। ପ୍ରତ୍ୟେକ ଛୋଟ ପାହାଡ଼ ତଥା ଗୁମ୍ଫା ସହିତ ଯୋଡ଼ି ହୋଇ ରହିଛି ଅନେକ ପୌରାଣିକ ଓ ଐତିହାସିକ ତଥ୍ୟ। ମନ୍ଦିର ଆକାରର ଏକ ପାହାଡ଼ ଗୁମ୍ଫାରେ ରହିଛି ମାତା ସୀତା ଓ ଲବ-କୁଶଙ୍କର ଜନ୍ମସ୍ଥଳୀ। ତାହାକୁ ଆଜି ମଧ ସ୍ଥାନୀୟ ଡାଙ୍ଗୁଆ ପୋଷି ଗ୍ରାମର ଲୋକମାନେ ଯାଇ ପୂଜା କରିଥାନ୍ତି। ସେଠାରେ ତିନୋଟି ପଥର ସହିତ ଅନେକ ଘୋଡ଼ା, ହାତୀ ଇତ୍ୟାଦି ପଥର ଖେଳନା ରହିଛି। ନିକଟରେ ରହିଛି ସୀତା ନଦୀ। ଏଠାରେ ସୀତା ସ୍ନାନ କରିଥିବାର କିଂବଦନ୍ତି ଅଛି। ଗମ୍ବୁଜ ଆକାରର ପ୍ରାୟ ୩୦ ଫୁଟ ଉଚ୍ଚର ଏକ ପାହାଡ଼ ଏଠାରେ ରହିଛି। କୁହାଯାଏ, ଏହା ଥିଲା ଦସ୍ୟୁ ରତ୍ନାକର (ବାଲ୍ମୀକିଙ୍କ ପୂର୍ବନାମ)ର ଭଣ୍ଡାର ଘର। ଏହା ଭିତରକୁ ଯିବାକୁ କୌଣସି ପଥ ନାହିଁ। ନିକଟରେ ଅନେକ ଛୋଟବଡ଼ ମୂର୍ତ୍ତି ଦେଖାଯାଏ। ଚତୁର୍ମୁଖୀ ବ୍ରହ୍ମା, ପଞ୍ଚମୁଖୀ ଶିବ, ସୂପର୍ଣଖା ମନ୍ଦିର (ମନ୍ଦିର ଆକୃତିର ଶିଳାଖଣ୍ଡ) ଏଠାରେ ରହିଛି। ସୀତାଙ୍କ ବାସସ୍ଥାନ ନିକଟରେ ଅନ୍ୟ ଏକ ଛତା ଆକୃତିର ପାହାଡ଼ ଗୁମ୍ଫା ରହିଛି, ଯାହା ଇତିହାସ ପ୍ରସିଦ୍ଧ 'ରାବଣ ଛାୟା' ଭାବରେ ପ୍ରସିଦ୍ଧ। ଏହି ଗୁମ୍ଫାର ଉପରିଭାଗରେ ପ୍ରାକୃତିକ ରଙ୍ଗର ଏକ ବିଶାଳ କଳାକୃତି ଦେଖାଯାଏ। ତାହାକୁ ଗବେଷକମାନେ ଚତୁର୍ଥ-ପଞ୍ଚମ ଶତାବ୍ଦୀର କଳାକୃତି ବୋଲି ମନେ କରନ୍ତି। ଏଥିରେ ପ୍ରାୟ କଳା, ଧଳା, ହଳଦିଆ ଆଦି ରଙ୍ଗର ବ୍ୟବହାର ଦେଖାଯାଏ। ଏଗୁଡ଼ିକ ଭିତ୍ତିଚିତ୍ର ଏବଂ ଗୁମ୍ଫାଟି ମନୁଷ୍ୟକୃତ ବୋଲି ମନେହୁଏ। ଏଥିରେ କେବଳ ମହାରାଜ ଶ୍ରୀ ଦିଶା ଭଞ୍ଜଙ୍କ ଚିତ୍ର ଲେଖା ଥିବା ଦେଖାଯାଏ। ଜଣେ ରାଜା ଏକ ହାତୀ ଉପରେ ଏକ ଅଂକୁଶ ଧରି ବସିଛନ୍ତି। ତାଙ୍କ ସାଥିରେ ଛତ୍ର ଓ ଚାମର ଆଦି ଧରି କେତେକ ଦାସ-ଦାସୀ ଚାଲୁଛନ୍ତି। ଏହି କଳାକୃତି ଅତ୍ୟନ୍ତ ପ୍ରାଚୀନ ହେତୁ ଏହାକୁ ସଂରକ୍ଷିତ କରି ରଖାଯାଇଛି। ପାଖରେ କ୍ଷତ ବିକ୍ଷତ ଅବସ୍ଥାରେ ପଡ଼ିଥିବା ଆଉ କେତେକ ଶିଳାଲେଖ ମିଳିଛି। ଏସବୁ ଦୃଷ୍ଟିରୁ ସୀତାବିଞ୍ଜିକୁ ପୁରାଣ ଓ ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ବୋଲି ଗ୍ରହଣ କରାଯାଇଛି।



***ଏହି କଳାକୃତି ଅତ୍ୟନ୍ତ ପ୍ରାଚୀନ ହେତୁ ଏହାକୁ ସଂରକ୍ଷିତ କରି ରଖାଯାଇଛି। ପାଖରେ କ୍ଷତ ବିକ୍ଷତ ଅବସ୍ଥାରେ ପଡ଼ିଥିବା ଆଉ କେତେକ ଶିଳାଲେଖ ମିଳିଛି। ଏସବୁ ଦୃଷ୍ଟିରୁ ସୀତାବିଞ୍ଜିକୁ ପୁରାଣ ଓ ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ବୋଲି ଗ୍ରହଣ କରାଯାଇଛି।***

# ସେବା ମାଧ୍ୟମରେ ଅନେକ ମହାପୁରୁଷ ହୋଇଥିଲେ



ଇତିହାସର ପୃଷ୍ଠାଗୁଡ଼ିକୁ ଦେଖିବା ଦ୍ୱାରା ଅନେକ ମହାପୁରୁଷଙ୍କ ନାମ ପ୍ରକାଶ ପାଏ ଯାହା ସେମାନଙ୍କ ସେବା ଆଧାରରେ ଲେଖାଯାଇଥିଲା। କେତେକ ଜାତିର ସେବା କରି, କେତେକ ମାନବତାର ସେବା କରି ଏବଂ ଅନ୍ୟମାନେ ପଶୁ ଏବଂ ପକ୍ଷୀଙ୍କୁ ଭଲପାଇ ଏବଂ ସେବା କରି ନିଜର ପତାକା ଉଠାଇଥିଲେ। ଆଜିର ପିଲା ଏବଂ କିଶୋରମାନଙ୍କୁ ଏହି ମହାପୁରୁଷଙ୍କ ଆଦର୍ଶକୁ ଅନୁକରଣ କରି ସେବା ମନୋଭାବରେ ନିୟୋଜିତ ହେବା ଆବଶ୍ୟକ। ଏହା ନିଜର, ପରିବାର, ସମାଜ ଏବଂ ଜାତିର ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରିବ। ପିଲାମାନଙ୍କ ମଧ୍ୟରେ ଦାନଶୀଳତାର ଭାବନା ଚାଷ କରିବା ଉଚିତ। ଏହା ପାରସ୍ପରିକ ପ୍ରେମ ଏବଂ ଭ୍ରାତୃତ୍ୱକୁ ସୁଦୃଢ଼ କରେ ଏବଂ ସମାଜରେ ବିଭାଜନ ଏବଂ ଖଣ୍ଡବିଖଣ୍ଡନର ଆଶଙ୍କା ହ୍ରାସ କରେ। ଆଜି ମଧ, ଯେଉଁ ପିଲାମାନଙ୍କ ଭିତରେ ସେବା ମନୋଭାବ ଥାଏ ସେମାନେ ଏକ ସ୍ୱତନ୍ତ୍ର ସଂସ୍କୃତି ପ୍ରଦର୍ଶନ କରନ୍ତି, ପ୍ରମାଣ କରନ୍ତି ଯେ ସେବା ଏବଂ ସଂସ୍କୃତି ପରସ୍ପର ନିର୍ଭରଶୀଳ। ଏହା ଆମର ପରମ୍ପରା ଏବଂ ଐତିହ୍ୟକୁ ସଂରକ୍ଷଣ କରିବାର ଭାବନାକୁ ମଧ ପ୍ରୋତ୍ସାହିତ କରେ।

***ପିଲାମାନଙ୍କ ମଧ୍ୟରେ ଦାନଶୀଳତାର ଭାବନା ଚାଷ କରିବା ଉଚିତ। ଏହା ପାରସ୍ପରିକ ପ୍ରେମ ଏବଂ ଭ୍ରାତୃତ୍ୱକୁ ସୁଦୃଢ଼ କରେ ଏବଂ ସମାଜରେ ବିଭାଜନ ଏବଂ ଖଣ୍ଡବିଖଣ୍ଡନର ଆଶଙ୍କା ହ୍ରାସ କରେ।***

# ମଙ୍ଗଳବାରକୁ କାହିଁକି ହନୁମାନଙ୍କ ଦିନ କୁହାଯାଏ ?

ହିନ୍ଦୁ ଧର୍ମରେ, ପ୍ରତ୍ୟେକ ଦିନ କୌଣସି ନା କୌଣସି ଦେବା ଦେବୀଙ୍କୁ ସମର୍ପିତ । ମଙ୍ଗଳବାର ଦିନ ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ପ୍ରଭୁ ହନୁମାନଙ୍କୁ ସମର୍ପିତ । ଏହି ଦିନ ପ୍ରଭୁ ହନୁମାନଙ୍କୁ ରୀତିନୀତି ସହିତ ପୂଜା କରାଯାଏ ଏବଂ ଉପବାସ ପାଳନ କରାଯାଏ । ବିଶ୍ୱାସ କରାଯାଏ ଯେ, ଏହି ଦିନ ପୂଜା ଏବଂ ଉପବାସ ବଜରଙ୍ଗବାଲୀଙ୍କୁ ପ୍ରସନ୍ନ କରେ, ଯିଏ ଜୀବନରୁ ସମସ୍ତ କଷ୍ଟ ଦୂର କରନ୍ତି । ତାଙ୍କ ଆଶୀର୍ବାଦରେ ସମସ୍ତ ଭୟ ଦୂର ହୁଏ । ହନୁମାନଙ୍କ ଆଶୀର୍ବାଦରେ ଜୀବନ ସମୃଦ୍ଧ ହୁଏ । ମଙ୍ଗଳବାର ଦିନ ପୂଜା ଏବଂ ଉପବାସ କରିବା ଦ୍ୱାରା ଅନେକ ଲାଭ ମିଳିଥାଏ, କିନ୍ତୁ କ'ଣ ଜାଣନ୍ତି ଯେ, ଏହି ଦିନଟି ହନୁମାନଙ୍କ ପାଇଁ କାହିଁକି ଉତ୍ସର୍ଗୀକୃତ ? ଏହି ଦିନ ଉପବାସ ରଖିବା ସମୟରେ କ'ଣ ସତର୍କତା ଅବଲମ୍ବନ କରିବା ଉଚିତ୍ । ପୌରାଣିକ ବିଶ୍ୱାସ ଅନୁସାରେ, ବଜରଙ୍ଗବଲୀ ମଙ୍ଗଳବାର ଦିନ ଜନ୍ମ ହୋଇଥିଲେ । ଏହି କାରଣରୁ ମଙ୍ଗଳବାର ଦିନ ତାଙ୍କର ପୂଜା ଏବଂ ଉପବାସ ପାଇଁ ସମର୍ପିତ । ଏହି ଦିନ ପୂଜା ଏବଂ ଉପବାସ କରିବା ଦ୍ୱାରା ହନୁମାନ ସମସ୍ତ ପ୍ରକାରର ଦୁଃଖକୁ ନାଶ କରନ୍ତି । ମଙ୍ଗଳ ଗ୍ରହକୁ ମଧ ହନୁମାନଙ୍କ ସହିତ ଜଡିତ ବୋଲି ବିଶ୍ୱାସ କରାଯାଏ, ତେଣୁ ମଙ୍ଗଳବାର ଦିନ ପୂଜା ଏବଂ ଉପବାସ ପାଳନ କରାଯାଏ ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,(ନିପ୍ର): ଭଦ୍ରକର ଆମ୍ବରୋଳି ଗ୍ରାମ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୧୪୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୧୦୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୩ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ




ଓ ରେଡ କ୍ରଶ ଅଧିନସ୍ଥ ୨ଟି ଅଭିଯୋଗ ରହିଥିଲାଶୁଣାଣି ସମୟରେ ୩୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୨ଜଣ ଅଭିଯୋଗକାରୀଙ୍କୁ ମୋଟ ୬,୦୦୦/- ଟଙ୍କା ମଞ୍ଜୁର କରାଯାଇଛି ।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀ ଦିଲ୍ଲୀପ ରାଉତରାୟ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ , ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ ପ୍ରହରାଜ, ତହସିଲଦାର ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିରଂଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱଚ୍ଛ ବଣାଇ, ସୁସ୍ଥ ବଣାଇ ଅଭିଯାନ

ବଣାଇ, (ନିପ୍ର): ବଣାଇ ଉପଖଣ୍ଡ ଅନ୍ତର୍ଗତ ଚାରି ବ୍ଲକ୍ ସମେତ ସଦର ମହକୁମାକୁ ମଳମୁକ୍ତ ତଥା ସ୍ୱଚ୍ଛ ଓ ସୁସ୍ଥ ରଖିବା ନିମନ୍ତେ ଆଜି ବଣାଇ ପ୍ରଶାସନ ପକ୍ଷରୁ ଏକ ସ୍ୱଚ୍ଛ ଅଭିଯାନ କାର୍ଯ୍ୟ କ୍ରମ ବାବା ବାଣେଶ୍ୱର ମନ୍ଦିର ପରି ସରରେ ଅନୁଷ୍ଠିତ ହେକ୍ଷଇଯାଇଛି । ଉକ୍ତ ଅଭିଯାନରେ ବଣାଇ ଉପଜିଲ୍ଲାପାଳ ଅଶେକ୍ଷକ ଦାସ, ବଣାଇ ବି. ଡି. ଓ ଦିବ୍ୟଶଙ୍କର ଜୟପୁରିଆ, ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଶିବାଙ୍ଗୀ ଆନନ୍ଦ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ଜିଲ୍ଲା ପରିଷଦ (ଖ) ରାମ ଚନ୍ଦ୍ର ସାହୁ, ସରପଞ୍ଚ ନମିତା ନାଗ, କନିଷ୍ଠ ଯନ୍ତ୍ରୀ ବିକାଶ ସିଂ ଦଣ୍ଡପାଟଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ । ନିଜର ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ସହିତ ଏକ ସୁସ୍ଥ ପରିବେଶ ଗଠନ କରିବା ପାଇଁ ଅନ୍ୟମାନଙ୍କୁ ପ୍ରେରଣା ଦେବା ହେଉଛି । ଏହି ଅଭିଯାନର ଆଭିମୁଖ୍ୟ । ଏହି ଅବସରରେ ସଫେଇ କାର୍ଯ୍ୟକ୍ରମ ଚାଲିଥିଲା ।

## ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ କର୍ମଶାଳା

ଜଟଣୀ,୧୬ : ସ୍ଥାନୀୟ ବଡ଼ ବଜାର ଠାରେ ଅବସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଭା କକ୍ଷଠାରେ ନୂତନ ଭାରତ ଗଠନ ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୁଲେଖିକା ଡ ପ୍ରତିଭା ମହାରଥୀ ଯୋଗଦେଇ ଭାରତକୁ ବିଶ୍ୱ ଗୁରୁ ଭାବେ ଗଢି ତୋଳିବାକୁ ଶିକ୍ଷାଦାନ କ୍ଷେତ୍ରରେ ନୈତିକତା ଓ ଆଧ୍ୟାତ୍ମିକତା ରହିବା ନିହାତି ଦରକାର ବୋଲି କହିଥିଲେ । ସେହିପରି ଭୁବନେଶ୍ୱର ସବଜୋନର ସଂଚାଳିକା ତଥା ହରିଡ଼ାମଡ଼ା ସ୍ଥିତ କେନ୍ଦ୍ରର ମୁଖ୍ୟ ରାଜଯୋଗିନୀ ବ୍ରହ୍ମା କୁମାରୀ ଲୀନା ଭଉଣୀ ତାଙ୍କ ବ୍ୟକ୍ତବ୍ୟରେ ଆଧ୍ୟାତ୍ମିକ କ୍ଷେତ୍ରରେ ଉର୍ନତି ପାଇଁ ପରମପିତାଙ୍କ ଆଶୀର୍ବାଦ ନିହାତି ଦରକାର ବୋଲି



କହିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଷ୍ଠୀ ଉର୍ଣ୍ଣୟନ ଅଧିକାରୀ ବସନ୍ତ କୁମାର ହାତୀ, ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଯୋଗଦେଇଥିଲେ । ଜଟଣୀ ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ୯୯ ଅଭିଯୋଗର ଶୁଣାଣି କଲା ଜିଲ୍ଲା ପ୍ରଶାସନ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ବ୍ଲକ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସମ୍ବଲପୁର ସିଡିଓ( ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ପ୍ରସନ୍ନ କୁମାର ପାତ୍ର ଅଧକ୍ଷତା କରି ୧୭ଗୋଟି ପଞ୍ଚାୟତରୁ ଆସିଥିବା ମୋଟ ୯୯ଗୋଟି ଅଭିଯୋଗ ଉପରେ ଶୁଣାଣି କରିଥିଲେ ।ସେଥିରେ ୩୦ଟି ଅଭିଯୋଗ ସାମୂହିକ ଥିବା ବେଳେ ୬୯ଟି ଅଭିଯୋଗ ବ୍ୟକ୍ତିଗତ ଭାବେ ଉଦ୍ଦିଷ୍ଟ ଥିଲା । ଅଧିକାଂଶ ଅଭିଯୋଗ ଡିବିଟିରେ ଭତ୍ତା ମିଳୁନଥିବା,ପାନୀୟଜଳ ଓ ବିଦ୍ୟୁତ ସମସ୍ୟା ଉପରେ ଥିଲା । ସିଡିଓ ପାତ୍ର ପାନୀୟଜଳ ସମସ୍ୟା ଭିତ୍ତିକ ଆସିଥିବା ଅଭିଯୋଗକୁ ଗୁରୁତର ସହ ନେଇ ତୁରନ୍ତ ଏହାର ସମାଧାନ କରି ଲୋକଙ୍କୁ ପାଣି ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ୨ମାସ ହେଲା ହିତାଧିକାରୀ ମାନେ ଡିବିଟି ଭତ୍ତା ନପାଇ ହଇରାଣ ହେଉଥିବା ସମ୍ପର୍କୀତ ଅଭିଯୋଗର ଶୁଣାଣି କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କହିଥିଲେ । ଏହାଛଡା ଅନ୍ୟାନ୍ୟ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଟ୍ରେନ ରହଣି ପାଇଁ ଅଞ୍ଚଳବାସୀଙ୍କ ଦାବି

ରାୟଗଡା,(ନିପ୍ର): ଲେଲିଗୁମ୍ମା ରେଳବାଇ ଷ୍ଟେସନ ନିକଟବର୍ତ୍ତୀ ସିରିପାଇ, ମିନାଖୁଣ୍ଟି, କେଶକେରି, ଆମ୍ବବାଲି, ତୟାଙ୍ଗିରି, କେରାଙ୍ଗଗୁଡ଼ା, ସରପାସ, ଭାଲିଆଭଚ୍ଚା, ଓଙ୍ଗାଘାଟି, କଳାକାନୀ, ସିର୍ଲିଝୋଡ଼ି, ସିକକଣା, ଓଟାଙ୍ଗା, ପେରାକୁ, ଭାଲୁମାସ୍କା, କିଚଖାଲ, ଶିକାପାଇ, ସେମେର,ଆଦି ଗ୍ରାମାଞ୍ଚଳର ବାସିନ୍ଦା ରାୟଗଡା ଜିଲ୍ଲାପାଳଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ସାକ୍ଷାତ କରି ଏକ ଆବେଦନ ପତ୍ର ମାଧ୍ୟମରେ ଲେଖି ଅବଗତ କରିଛନ୍ତି ଯେ, କରେନା ମହାମାରୀ କବଳିତ କରିବା ପୂର୍ବରୁ ଲେଲିଗୁମ୍ମା ରେଳବାଇ ଷ୍ଟେସନରେ ଦ୍ରୁତଗାମୀ ହୀରାଖଣ୍ଡ ଟ୍ରେନ ସମେତ ସମଲେଶ୍ୱରୀ ଏକ୍ସପ୍ରେସ, ରାଉରକେଲା-ଜଗଦଳପୁର ଇଣ୍ଟରସିଟି ଏବଂ ଭାଇଜାଗ-କୋରାପୁଟ ଇଣ୍ଟରସିଟି ଆଦି ଟ୍ରେନର ଲେଲିଗୁମା ଠାରେ ରହଣି ବ୍ୟବସ୍ଥା କରାଯାଇଥିଲା । ଏହି ରହଣି ବ୍ୟବସ୍ଥା ରହିଥିବା ସମୟରେ ଅଞ୍ଚଳର ବରିଷ୍ଠ ନାଗରିକ, ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ, ଅଞ୍ଚଳବାସିନ୍ଦା ଏହି ଟ୍ରେନ ରହଣି ବ୍ୟବସ୍ଥାର ଅନେକ ସୁବିଧା ପାଇପାରୁଥିଲେ । କିନ୍ତୁ କୋରଣା ମହାମାରୀ ସମୟରେ ଏହି ଟ୍ରେନ ରହଣି ବ୍ୟବସ୍ଥାକୁ ବାତିଲ କରକାଇଥିଲା । ଉକ୍ତ ଟ୍ରେନ ରହଣୀକୁ ବାତିଲ କରିଦିଆଯିବା ଫଳରେ ଉପରୋକ୍ତ ଗ୍ରାମାଂଚଳର ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ, ନିତ୍ୟ ଯାତ୍ରୀ, ଅନେକ ମାତ୍ରାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏହି ସୁବିଧା ଉପଲବ୍ଧ ଥିବା ସମୟରେ ଲୋକେ ଡାକ୍ତରଖାନାକୁ ମଧ୍ୟ ସହଜରେ ପୀଡ଼ିତଙ୍କୁ ଚିକିତ୍ସା ପାଇଁ ନେଇଯାଇପାରୁଥିଲେ । କିନ୍ତୁ କରୋନା ମହାମାରୀ ସମୟରେ ବାତିଲ କରାଯାଇଥିବା ଉକ୍ତ ଟ୍ରେନ ରହଣି ବ୍ୟବସ୍ଥାକୁ ଆଦ୍ୟାବଧି ଚାଲୁ ବା ଲାଗୁ କରାଯାଇ ନାହିଁ । ଫଳରେ କି ଅଞ୍ଚଳ ବାସିନ୍ଦା ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଏଣୁ ପୂର୍ବରୁ କରାଯାଇଥିବା ଏହି ଟ୍ରେନ ରହଣି ବ୍ୟବସ୍ଥାକୁ ପୁନରାୟ ଅବସ୍ଥାପିତ କରିବା ପାଇଁ ଅଞ୍ଚଳବାସୀ ଦାବି କରି ଏହି ମର୍ମରେ ଅଞ୍ଚଳବାସିନ୍ଦା ଜିଲ୍ଲାପାଳଙ୍କୁ ଏକ ଆବେଦନ ପତ୍ର ମାଧ୍ୟମରେ ଅବଗତ କରାଇବା ସଙ୍ଗେ ସଙ୍ଗେ ରାୟଗଡା ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏ ସନ୍ଦର୍ଭରେ ଅବଗତ କରାଇଛନ୍ତି ।

ଜିଲ୍ଲା ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବେ ବୋଲି ଆଶା ବ୍ୟକ୍ତ କରିଛନ୍ତି । ଏହାପରେ ସେମାନଙ୍କ ଦାବିକୁ ଅଣଦେଖା କଲେ ସେମାନେ ଆସନ୍ତା ୯ ତାରିଖ ଠାରୁ ଧାରଣାରେ ବସିବେ ବୋଲି ମଧ୍ୟ କହିଛନ୍ତି ।

## ଗ୍ରାମ୍ୟମୁଖି ମିଳିତ ଅଭିଯୋଗ ଶୁଣାଣି

କାଶୀନଗର,(ନିପ୍ର): କାଶୀନଗର ପଞ୍ଚାୟତ ଅଧୀନରେ ଥିବା କୀଡୀଗାଁ ପଞ୍ଚାୟତ କାର୍ଯାଳୟ ପରିସରରେ ପଂଚାୟତ ସ୍ତରୀୟ ଗ୍ରାମ୍ୟ ମୁଖି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଛି. କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବରୁ ଧର ମଲ୍ଲିକ , ଅତିରିକ୍ତ ତହସିଲଦାର କେ.ଦିବ୍ୟରଞ୍ଜନ, ସି ଡ଼ି ପି ଓ କେ. କୋଟେଶ୍ୱରୀ ଦେବୀ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ, ସରପଞ୍ଚ ରଜନୀ ରାଉତ ମଂଚାସୀନ ହୋଇ ଅଭିଯୋଗ ଶୁଣାଣି କରିଥିଲେ । ଆସିଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାଶୀନଗର ବ୍ଲକର ସବୁ ଲାଇନ ଡ଼ିପାର୍ଟମେଣ୍ଟ ଓ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଉତ୍କର୍ଷ ନିମାପଡ଼ା ଦ୍ୱିତୀୟ ସଂସ୍କରଣ, କ୍ରିକେଟ୍ ଓ ଫୁଟବଲ ପ୍ରତିଯୋଗିତା

ନିମାପଡ଼ା,(ନି.ପ୍ର.): ଉତ୍କର୍ଷ ନିମାପଡ଼ା ଦ୍ୱିତୀୟ ସଂସ୍କରଣ ଅବସରରେ ଗ୍ରାମାଂଚଳ କ୍ରିକେଟ୍ ପ୍ରତିଭାଙ୍କୁ ବାଛିବା ପାଇଁ ଜୋନ୍ ସ୍ତରୀୟ କ୍ରିକେଟ୍ ପ୍ରତିଯୋଗୀତା ଆୟୋଜିତ ହୋଇଥିବା ବେଳେ ସୋମବାର ଜୋନ୍ ନଂ-୧୮ ଓ ୨୦ ନମ୍ବର ମଧ୍ୟରେ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ତହସିଲଦାର ମନୋଜ ପ୍ରଧାନ ମ୍ୟାଚ୍




ଉଦ୍‌ଘାଟନ କରିବା ସାଙ୍ଗକୁ ଉତ୍କର୍ଷ ନିମାପଡ଼ା ସମାବେଶରେ ସମସ୍ତ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରିଥିଲେ । ଲୁକାୟିତ ପ୍ରତିଭାଙ୍କୁ ଚିହ୍ନଟ କରି ଆଗକୁ ଆଣିବା ପାଇଁ ଉପ-ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ପ୍ରୟାସ ବୋଲି ସୂଚନା ଦେଇଥିଲେ । ୧୮ନଂ ଜୋନ୍ ଖେଳାଳୀ ପ୍ରତିଯୋଗୀତାରେ ୨୦ନଂ ଜୋନ୍ ଖେଳାଳୀଙ୍କୁ ୫୫ ରନ୍‌ରେ ହରାଇ ଥିଲେ । ବିଜେପି ନେତା ପୂର୍ଣ୍ଣଚନ୍ଦ୍ର ଓଝା, ସନ୍ତୋଷ ଓଝା, ଏନ୍‌ଏସି ଅଧିକାରୀ ଚିନ୍ମୟ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୁଶାନ୍ତ ରାଉତରାୟ ଏବଂ ଜୟ ପ୍ରକାଶ ଗୁରୁ ଖେଳ ପରିଚାଳନା କରିଥିଲେ । ଦ୍ୱିତୀୟାର୍ଦ୍ଧରେ ନିମାପଡ଼ା ଏନ୍‌ଏସି ବନାମ୍ ୧୯ନଂ ଜୋନ୍ ଖେଳାଳୀଙ୍କ ସହ ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା ବୋଲି କମିଟି ପକ୍ଷରୁ ପ୍ରକାଶ ।

## କୁଶଭଦ୍ରା ନଦୀକୁ ଚିରସ୍ରୋତା ପାଇଁ ଗାଁ ଗାଁରେ ଅଭିଯାନ ଟିମ୍

ନିମାପଡ଼ା,(ନି.ପ୍ର.): କୁଶଭଦ୍ରାକୁ ଚିରସ୍ରୋତା କରିବା ଦିଗରେ ଅଂଟା ଭିଡ଼ିଥିବା କୁଶଭଦ୍ରା ବଂଚାଅ ଅଭିଯାନର ସଦସ୍ୟମାନେ ସୋମବାର ନଦୀକୂଳ ଡ଼େଣୁଅବସ୍ତ ଗ୍ରାମକୁ ଯାଇ ଜନସାଧାରଣ ଓ ଚାଷୀଙ୍କୁ



ଏକତ୍ରିତ କରି ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଆଲୋଚନା କରିଥିବା ଜଣାପଡ଼ିଛି । ଜଳ ନ ଥିବାରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି, ବନ୍ୟା ଅଭାବରୁ ପଟୁ ନ ପଡ଼ି ମାଟି ଉର୍ବରତା ହ୍ରାସ, କୃଷିଭିତ୍ତିକ ଅର୍ଥନୀତି ଦୁର୍ବଳ ହେଉ ଥିବାରୁ ଚାଷୀର ମେରୁଦଣ୍ଡ ଦୋହଲି ଯାଇଥିବା ଆଲୋଚନାରେ ମତ ପ୍ରକାଶ ପାଇଥିଲା । କୁଶଭଦ୍ରା ନଦୀର ଉପର ମୁଣ୍ଡରେ (ବାଲିଅନ୍ତା) ଖନନ କାର୍ଯ୍ୟକୁ ଅଗ୍ରାଧିକାର ଦିଆଗଲେ ବର୍ଷ ତମାମ୍ ଜଳ ପ୍ରବାହିତ ହେବ ବୋଲି ଚାଷୀ ପ୍ରତିନିଧିମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅଭିଯାନ ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରାଉତରାୟ, ଉପଦେଷ୍ଟା ଅଜୟ ମିଶ୍ର, ଅଜୟ ପଣ୍ଡା ପ୍ରମୁଖ ଚାଷୀମାନଙ୍କ ସହ ଆଲୋଚନା କରି ଚରିସ୍ରୋତା ନିମନ୍ତେ ଆନ୍ଦୋଳନକୁ ଓହ୍ଲାଇବା ଶ୍ରେୟ ହେବ ବୋଲି ମତବ୍ୟକ୍ତ କରିଥିଲେ ।

## ଆରମ୍ଭ ହେଲା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ



ବାଲିଅନ୍ତା,: ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅଭିଯାନ ୩୦ ମଇ ୨୦୨୬ ଠାରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ଚାଲିବ । ନିର୍ବାଚନୀ ତାଲିକାକୁ ଅଧିକ ସଠିକ୍, ନିର୍ଭୁଲ ଏବଂ ଅଦ୍ୟତନ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ନିୟୋଜିତ ହୋଇଛି । ଏଥିରେ ବୁଥସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଭୋଟରମାନଙ୍କ ସୂଚନା ସଂଗ୍ରହ, ଯାଞ୍ଚ ଏବଂ ପରିଶୋଧନ କାର୍ଯ୍ୟ ସମ୍ପାଦନ କରିବା ସହ ପ୍ରତ୍ୟେକ ପରିବାରକୁ ପରିଗଣନା ଫର୍ମ ପ୍ରଦାନ କରାଇଥିଲେ । ଭୋଟରମାନେ ଏହି ଫର୍ମ ପୂରଣ କରି ବୁଥସ୍ତରୀୟ ଅଧିକାରୀଙ୍କ ଦାଖଲ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଚାରୁ ପରିଚାଳନା ପାଇଁ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନେ ନିଯୁକ୍ତ ହୋଇଥିଲେ । ସେମାନେ ହେଲେ ଅଭୟ କୁମାର ସାମଲ, ସଞ୍ଜୁକ୍ତା ସାହୁ, ଆରତି ସାହୁ ପ୍ରମୁଖ ବୁଥ ସ୍ତରୀୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ନିର୍ବାଚନ ବିଭାଗ ପକ୍ଷରୁ ସମସ୍ତ ଭୋଟରଙ୍କୁ ବୁଥସ୍ତରୀୟ ଅଧିକାରୀମାନଙ୍କ ସହ ସହଯୋଗ କରି ଠିକ୍ ଏବଂ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ନିର୍ବାଚନୀ ତାଲିକାକୁ ନିର୍ଭୁଲ କରିବାରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ ।

## ଓସିଏସ ପରୀକ୍ଷାରେ ସଫଳତା: ଗ୍ରାମର ଝିଅ ଶୁଭଲକ୍ଷ୍ମୀଙ୍କୁ ସମ୍ବର୍ଦ୍ଧନା




ଚାରିଛକ (ନିପ୍ର): ଚଳିତ ଓଡିଶା ପ୍ରଶାସନିକ ସେବା (ଓସିଏସ)ପରୀକ୍ଷାରେ ୩୪ନମ୍ବର ର୍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଥିବା ନିମାପଡା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତ ଗଡ ଇଟାପୋଖରୀ ଗ୍ରାମର ସର୍ବେଶ୍ୱର ପାତ୍ରଙ୍କ ଝିଅ ଶୁଭଲକ୍ଷ୍ମୀ ପାତ୍ରଙ୍କୁ ଆଜି ଗ୍ରାମର ଲୋକମାନେ ସମ୍ବର୍ଦ୍ଧିତ କରିଛନ୍ତି । ଆଜି ଅପରାହ୍ନରେ ଶୁଭଲକ୍ଷ୍ମୀଙ୍କୁ ଗ୍ରାମର ଲୋକମାନେ ଏକ ବିରାଟ ଶୋଭାଯାତ୍ରାରେ ଚାରିଛକ ବଜାର ପରିକ୍ରମା କରାଇବା ସହିତ ଚାରିଛକ ବଜାର ଓ ତାଙ୍କ ଗ୍ରାମ ମୁଣ୍ଡରେ ଥିବା ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟାର୍ପଣ କରିବା ପରେ ନିଜ ଗ୍ରାମ ପରିକ୍ରମା କରିବା ସହ ଗୁରୁଜନମାନଙ୍କ ଠାରୁ ଆର୍ଶୀବାଦ ଭିକ୍ଷା କରିଥିଲେ । ସନ୍ଧ୍ୟାରେ ଗୋପବନ୍ଧୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲ । ଟ୍ରଷ୍ଟର ସଭାପତି ଅର୍ଜୁନ ପାତ୍ରଙ୍କ ଦ୍ୱାରା ଆୟୋଜିତ ସଭାରେ ଆଇନଜୀବୀ ପ୍ରବୋଧ କୁମାର ପରିଡା ସଭାପତିତ୍ୱ କରିଥିଲେ । ।

## ବଡ଼ବୋର୍ସିଂ ପଞ୍ଚାୟତରେ ବ୍ଲକସ୍ତରୀୟ ଜନ ଶୁଣାଣି

ବେଲଗୁଣ୍ଠା,(ନିପ୍ର): ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ବଡ଼ବୋର୍ସିଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ବ୍ଲକସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଙ୍ଗିପୁରମ୍ ହରି, ତହସିଲଦାର କଳାକୃଷ୍ଣ ପ୍ରଧାନ, ପଞ୍ଚାୟତ ସମିତି ଅଧକ୍ଷା ମମତା ଭୋଳ,ବଡ଼ବୋର୍ସିଂ ସରପଞ୍ଚ ଏସ ରାମେଶ୍ୱର ପାତ୍ର, ସିଡ଼ିପିଓ ନଳିନୀ ମହାରଣା, ଅତିରିକ୍ତ କୃଷି ଅଧିକାରୀ ଶୈଳସୂତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜନ ସାଧାରଣଙ୍କ ଅଭିଯୋଗ ଶୁଣିଥିଲେ । ଏଥିରେ ମୁଖ୍ୟତଃ ୩୨ ଜଣ ଅଭିଯୋଗ କରିଥିବା ବେଳେ ସେଥିରୁ ଭତ୍ତା ଏବଂ ରାସନ୍ କାର୍ଡ ସମ୍ବନ୍ଧୀୟ ଅଭିଯୋଗ ସଂଖ୍ୟା ଅଧିକ ଥିଲା । ଏହି ଅଭିଯୋଗ ଗୁଡିକୁ ପର୍ଯ୍ୟାୟ କ୍ରମେ ସମାଧାନ କରାଯିବ ବୋଲି ବିଡ଼ିଓ ଏବଂ ତହସିଲଦାର ପ୍ରକାଶ କରିଥିଲେ ।

# ପଙ୍କ ଉଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ମେୟର

## ମୌସୁମୀ ପୂର୍ବରୁ ସମସ୍ତ ଡ୍ରେନ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ



କଟକ(ନିପ୍ର) : ଆସନ୍ତା ମୌସୁମୀ ଋତୁକୁ ଦୃଷ୍ଟିରେ ରଖି କଟକ ସହରରେ ଚାଲୁଥିବା ପଙ୍କ ଉଦ୍ଧାର ଓ ଡ୍ରେନ ସଫେଇ କାର୍ଯ୍ୟର ଅଗ୍ରଗତି ନେଇ ମେୟର ସୁବାସ ସିଂହ ବିଭିନ୍ନ ୱାର୍ଡ ପରିଦର୍ଶନ କରି ସମୀକ୍ଷା କରିଥିଲେ । ସହରର ମୁଖ୍ୟ ଓ ଉପ-ଡ୍ରେନଗୁଡ଼ିକରେ ଚାଲୁଥିବା ପଙ୍କ ଉଦ୍ଧାର କାର୍ଯ୍ୟକୁ ସେ ସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ କରିବା ସହ କାର୍ଯ୍ୟର ଗୁଣାତ୍ମକ ମାନ ଏବଂ ଗତି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ସହରର ସମସ୍ତ ଡ୍ରେନ ଓ ନାଳରୁ ପଙ୍କ ଓ ଆବର୍ଜନା ସଂପୂର୍ଣ୍ଣ ଭାବେ ଅପସାରଣ କରାଯିବା ଆବଶ୍ୟକ । ଏହାଦ୍ୱାରା ବର୍ଷାଜଳର ସ୍ୱାଭାବିକ ନିଷ୍କାସନ ସୁନିଶ୍ଚିତ ହେବା ସହ ସହରରେ ଜଳବନ୍ଦୀ ସମସ୍ୟାକୁ ବହୁ ପରିମାଣରେ ରୋକାଯାଇପାରିବ । ବିଭାଗୀୟ ଅଧିକାରୀମାନଙ୍କୁ ସଫେଇ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ କରିବା ସହ ପ୍ରତ୍ୟେକ ଡ୍ରେନର ନିୟମିତ ନିରୀକ୍ଷଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବର୍ଷା ସମୟରେ କୌଣସି ଅଞ୍ଚଳରେ ଜଳ ଜମା ହେବାର ପରିସ୍ଥିତି ଯେପରି ନ ଉପୁଜେ ବା ଯଦି କୌଣସି ସ୍ଥାନରେ ଜଳ ଜମା ହୁଏ, ତେବେ ତାହା ଯେପରି ଯଥାଶୀଘ୍ର ନିଷ୍କାସିତ ହୋଇପାରିବ ସେଥିପାଇଁ ପୂର୍ବରୁ ସମସ୍ତ ପ୍ରସ୍ତୁତି ସମ୍ପନ୍ନ କରିବାକୁ ସେ କହିଥିଲେ । ସମୀକ୍ଷା ଗସ୍ତ ସମୟରେ ସାନିଟେସନ୍ ବିଭାଗର ଡେପୁଟି କମିଶନର ଜୁବୁଲି ଚରଣ ବେହେରା, ସୌମ୍ୟ ଦର୍ଶନ ବେହେରାଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ଉପସ୍ଥିତ ଅଧିକାରୀମାନେ ବିଭିନ୍ନ ୱାର୍ଡରେ ଚାଲୁଥିବା ସଫେଇ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମେୟରଙ୍କୁ ଅବଗତ କରାଇଥିଲେ ।

## ବିପୁଳ ପରିମାଣର ଚୋରା ମଦ ଜବତ, ୨ ଗିରଫ

ଧାମନଗର,(ନିପ୍ର): ଧାମନଗର ଅଞ୍ଚଳରେ ଚାଲିଥିବା ଚୋରା ମଦ କାରବାର ବିରୋଧରେ ଧାମନଗର ପୋଲିସ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଧାମନଗର ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏହି ବିପୁଳ ପରିମାଣର ମଦ ଜବତ କରିବାରେ ସଫଳ ହୋଇଛି ।ମିଳିଥିବା ସୂଚନା ଅନୁଯାୟୀ, ବାରିକପୁର ଅଞ୍ଚଳରେ ଏହି ଚୋରା ମଦ କାରବାର ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା । ପୋଲିସ ଟିମ୍ ରବିବାର ରାତି ୮ ଟା ସମୟରେ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲା । ଏହି ଚଢ଼ଉରେ ସମ୍ପୃକ୍ତ ଥିବା ଦୁଇ ଜଣ ମଦ ବେପାରୀ ଉତ୍ତମ ଜେନା ପିତା,ପ୍ରତାପ ଜେନା, ବଳରାମ ଜେନା ପିତା, ଶ୍ୟାମସୁନ୍ଦର ଜେନାଙ୍କୁ ପୋଲିସ ଗିରଫ କରିଥିବା ବେଳେ ତାଙ୍କ ପାଖରୁ ୫୦ ରୁ ଊର୍ଦ୍ଧ୍ୱ ଆସ୍କା ଫଟି ଓ ବିଦେଶୀ ପେଟି ମଦ ଜବତ କରିଛି । ଉଲ୍ଲେଖ ଥାଉକି ଏହି ଅପରେସନରେ ଏସ ଆଇ ନାରାୟଣ ନାୟକ, ଥାନା କନଷ୍ଟେବଳ ଶିବରାମ ଦାସ, ନୀଳମଣି ବିଳାସ, ପ୍ରମୁଖ ସାମିଲ ହୋଇ ଏହି ଚୋରା ମଦକୁ ଜବତ କରିଥିଲେ । ଏ ଏସଆଇ ଉକ୍ତ କେଶର ତଦନ୍ତ କରୁଥିବା ବେଳେ କେସ ନମ୍ବର୍ ୨୪୦/୨୬ ରେ ମାମଲା ରୁଜୁକରି ଅଭିଯୁକ୍ତ ଦୟଙ୍କୁ କୋର୍ଟ ଚାଲାଣ କରିଛନ୍ତି ।ସୂଚନା ଥାଉକି ଉକ୍ତ ସ୍ଥାନରୁ ମଧ୍ୟ ଗତ ତା ୩/୩/ ୨୬ ତାରିଖରେ ୨୧୦ ମଦ ବୋତଲ ସହ ଜଣେ ଅଭିଯୁକ୍ତ ଓ ଗାଡ଼ି ଜବତିକରିବାରେ ପୋଲିସକୁ ସଫଳତା ମିଳିଥିଲା । ଉକ୍ତ ଚୋରା ମଦକୁ ଧରିବା ପାଇଁ ଧାମନଗରର ଅବକାରୀ ବିଭାଗ ରହିଛି ମାତ୍ର ଉକ୍ତ ବିଭାଗ ବେପାରୀଙ୍କ ଠାରୁ ମାସିକିଆ ଟଙ୍କା ନେଇ ଚୁପ ରହୁଥିବା ବେଳେ ଧାମନଗର ପୋଲିସ ଉକ୍ତ କାର୍ଯ୍ୟ କରୁଥିବା ଚର୍ଚ୍ଚାର ବିଷୟ ହୋଇଛି ।

## ମିଳିତ ଜନ ଶୁଣାଣିରେ ୧୦ ଅଭିଯୋଗ

ହିଞ୍ଜିଳିକାଟୁ,(ନିପ୍ର): ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ ସାହାପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଧକ୍ଷତାରେ ଆୟୋଜିତ ଶିବିରରେ ସରପଞ୍ଚ , ବ୍ଲକ ଉପାଧକ୍ଷ, ଜିଲ୍ଲା ପରିଷଦ ସଭ୍ୟା, ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ବେହେରା ଓ ବେଲଗାଁ ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ଓ ସରକାରୀ ସୁବିଧାରୁ ଉପେକ୍ଷିତ ହୋଇଥିବା ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ସୁଭଦ୍ରା ଯୋଜନାରେ ୨, ରାଜସ୍ୱ ସେବାରେ ୨, ସ୍ୱାସ୍ଥ୍ୟ ସେବା ପାଇଁ ୧, ବିଦ୍ୟୁତ ସେବା ପାଇଁ ୧, ମନରେଗା ଯୋଜନା ୧, ଉନ୍ନୟନ ପାଇଁ ୧ ଆଦି ଯୋଜନାରେ ସମୁଦାୟ




୧୦ ଟି ଅଭିଯୋଗ ଦାଖଲ ହୋଇଥିଲା । ଶିବିରରେ ଏବିଡିଓ ଅରୁଣ କୁମାର ପ୍ରଧାନ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜି.ରବି କୁମାର,ସିଡ଼ିପିଓ ବିଜୟାଲକ୍ଷ୍ମୀ ପାଢ଼ୀ, ଯୋଗାଣ ନିରୀକ୍ଷକ ସ୍ନେହାଞ୍ଜଳି ସ୍ୱାଇଁ,ସହକାରୀ ଉଦ୍ୟାନ କୃଷି ଅଧିକାରୀ ମିଥୁନ ସେଠୀ,ସାମାଜିକ ସୁରକ୍ଷା ନିରାପତ୍ତା ଅଧିକାରୀ ବନଶ୍ରୀ ଦାଶ, କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଅନୀଲ କୁମାର ପ୍ରଧାନ ,ପଞ୍ଚାୟତ ନିର୍ବାହୀ ଅଧିକାରୀ ଚିନ୍ତାମଣି ଗୌଡ, ସହକାରୀ ଯନ୍ତ୍ରୀ କଳ୍ପନା ପାଢ଼ୀ, ଗ୍ରାମ୍ୟ ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ଦଳାଇ, ଗ୍ରାମ୍ୟ ଆବାସ ବିଭାଗରୁ ଜିତୁ ପାତ୍ର ଓ ଆଶା, ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନାରେ ସମ୍ପୃକ୍ତ ପଞ୍ଚାୟତରେ ୪୨ ଜଣ ହିତାଧିକାରୀ ଛାତରେ ସୌର ଶକ୍ତି ପ୍ୟାନେଲ ସ୍ଥାପନା କରିଥିବା ବେଳେ ଟିପିଏସଓଡିଏଲ ଅଧିକାରୀଙ୍କ ଗହଣରେ ବିଡ଼ିଓ ୨ ହିତାଧକାରୀଙ୍କ ପ୍ରକଳ୍ପକୁ ଉଦଘାଟନ କରିଥିଲେ ।

## ରେଢ଼ାଖୋଲ ଆଞ୍ଚଳିକ ସୁଦ ସମାଜର ବାର୍ଷିକ ଅଧିବେଶନ

## ସମାଜ ଏକତା ବଜାୟ ରଖିବାକୁ ଆହ୍ୱାନ

ରେଢ଼ାଖୋଲ,(ନିପ୍ର):ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଆଞ୍ଚଳିକ ସୁଦ ସମାଜ ବୁର୍ଡା- ଭଟକାପଡ଼ା ପୁଞ୍ଜର ବାର୍ଷିକ ଅଧିବେଶନ ବଡ ନୂଆଁପଡ଼ା ଗ୍ରାମଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ରେଢ଼ାଖୋଲ ଆଞ୍ଚଳିକ ସୁଦ ସମାଜ ସଭାପତି କୁମର ଦେହୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ବୁର୍ଡା - ଭଟକାପଡ଼ା ପୁଞ୍ଜି ଅଞ୍ଚଳ ପ୍ରାୟ ୨୦ ଖଣ୍ଡ ଗ୍ରାମର ସୁଦ ସମାଜର ଜାତି ଭାଇ ଓ ଭଉଣୀମାନେ ଯୋଗ ଦେଇଥିଲେ । ବୈଠକରେ ନିଶା ନିବାରଣ, ଶିକ୍ଷା, କୃଷି, ମହିଳା ସଶକ୍ତି କରଣ, ସୁଦ ସମାଜର ଇଷ୍ଟ ଦେବତା ପାଞ୍ଚଖଣ୍ଡା ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଏହି ସମାଜ ପୂର୍ବ ଭଳି କିପରି କରିବ, ସମାଜର ଗୃହ ନିର୍ମାଣ ପାଇଁ ପ୍ରଶାସନ ଠାରୁ ଜମି ମିଳିବା ନେଇ ଦାବି କରିବା ଆଦି ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ସୁଦ ସମାଜ ବୁର୍ଡା - ଭଟକାପଡ଼ା ପୁଞ୍ଜର ନୂତନ ସଭାପତି ମନୋନୀତ କରାଯାଇ ଥିଲା । ଏଥିରେ ନୂତନ ସଭାପତି ଭାବରେ ଭୁବନ ଦେହୁରୀ, ଉପ ସଭାପତି ପରମା ବେହେରା, ସଂପାଦକ ଅକ୍ଷୟ କୁମାର ଦେହୁରୀ, ସହ ସମ୍ପାଦକ ରାକେଶ ପ୍ରଧାନ ଓ ମହିଳା କମିଟିର ସଭାନେତ୍ରୀ ମଞ୍ଜୁଲତା ଦେହୁରୀଙ୍କ ସହ ଜାତିଆଣ ୧୫ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମାଜର ଇଷ୍ଟ ଦେବତା ପାଞ୍ଚଖଣ୍ଡାଙ୍କ ଫୋଟ ଚିତ୍ରରେ ପୂଜାର୍ଚ୍ଚନା କରାଯାଇ ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଏସ୍‌ଆଇଆର୍ କାର୍ଯ୍ୟକ୍ରମର କ୍ଷେତ୍ରସ୍ତରୀୟ ତଦାରଖ କଲେ ଜିଲ୍ଲାପାଳ

କଟକ(ନିପ୍ର) : ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଆଜି ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ । ଏଥିସହ କ୍ଷେତ୍ରସ୍ତରରେ ଚାଲିଥିବା ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ମାନଙ୍କ କାର୍ଯ୍ୟର ସମୀକ୍ଷା କରିଥିଲେ । ପରିଦର୍ଶନ ସମୟରେ ବିଏଲଓମାନଙ୍କ ଦ୍ୱାରା କରାଯାଉଥିବା ଘରକୁ ଘର ଯାଇ ସର୍ଭେ, ଭୋଟର ତଥ୍ୟ ଯାଞ୍ଚ, ଫର୍ମ ବଣ୍ଟନ ଓ ସଂଗ୍ରହ ପ୍ରକ୍ରିୟା ତଦାରଖ କରିବା ସହ ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ଗ୍ରହଣ କରିଥିଲେ । ଏସ୍‌ଆଇଆର-୨୦୨୬ ଏନ୍ୟୁମେରେସନ୍ ପ୍ରକ୍ରିୟାର ତୃତୀୟ ଦିବସରେ ଘରକୁ ଘର ଯାଇ ଭୋଟରମାନଙ୍କ ତଥ୍ୟ ସଂଗ୍ରହ ଓ ଯାଞ୍ଚ କାର୍ଯ୍ୟ ସୁଚାରୁରୂପେ ଜାରି ରହିଛି । ନିୟୋଜିତ ଏନ୍ୟୁମେରେସନ୍ ଟିମଗୁଡ଼ିକ ଭୋଟରଙ୍କ ବିବରଣୀ ଯାଞ୍ଚ କରିବା ସହିତ ଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରୁଛନ୍ତି । ସେହିପରି ନାଗରିକମାନଙ୍କୁ ସର୍ଭେ ପ୍ରକ୍ରିୟା ଓ ଏହାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଯାଉଛି । ଏଥିସହ ଫର୍ମ ସଂଗ୍ରହ କରି ଭୋଟରଙ୍କୁ ଗୋଟିଏ ଲେଖାଏଁ ପ୍ରାପ୍ତି ସ୍ୱୀକାର ପତ୍ର ମଧ୍ୟ ପ୍ରଦାନ କରାଯାଉଛି । ଜିଲ୍ଲାରେ ସମୁଦାୟ ଭୋଟର ସଂଖ୍ୟା ୨୦,୮୫,୭୭୯ ଜଣ ଥିବାବେଳେ ଜୁନ ୧ ତାରିଖ ସୁଦ୍ଧା ୧,୦୬,୫୭୬ଟି ଏନ୍ୟୁମେରେସନ୍ ଫର୍ମ ବଣ୍ଟନ କରାଯାଇଛି । ବିଶେଷକରି ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ୨,୪୨,୧୨୯ ଜଣ ଭୋଟରଙ୍କ ମଧ୍ୟରୁ ୧୭,୦୭୧ଟି ଫର୍ମ ବଣ୍ଟନ ହୋଇସାରିଛି ।

ତିଥି :(ଦ୍ୱିତୀୟା): (ମୂଳା ଧନୁ)
ଅମୃତ ବେଳା: ଦିବା ଘ ୭।୩୪ ମଧ୍ୟେ ଘ ୯।୧୦ ଗତେ

## ଆଜିର ଅନୁଚିନ୍ତନ

ପ୍ରକୃତିରୁ ଉତ୍ପନ୍ନ ହେଉଥିବା ସତ୍ତ୍ୱ, ରଜ ଓ ତମ- ଏହି ତିନି ଗୁଣ ଅବିନାଶୀ ଦେହୀକୁ ଦେହରେ ଆବଦ୍ଧ କରନ୍ତି।

- ଶ୍ରୀମଦ୍ ଭଗବଦ୍ ଗୀତା

# ସ୍ୱଦେଶୀ ଆହ୍ୱାନ

ସବୁ ଆଇସ୍‌କ୍ରିମ ସମାନ ନୁହେଁ। ସ୍ୱାଦୁକରବୋଧ ସାଙ୍ଗକୁ ଶୀତଳତା ପ୍ରଦାନକାରୀ ଆଇସ୍‌କ୍ରିମ ମଧ୍ୟରୁ କେତେକ ଜାଲିଆତି କରୁଥିବା ଅଭିଯୋଗ ଆସିଲାଣି। ଭାରତୀୟ ସ୍ୱାସ୍ଥ୍ୟ ମାନକ ସଂସ୍ଥା (ଏଫ୍‌ଏସ୍‌ଏସ୍‌ଏଆଇ)ର ନିୟମ ମୁତାବକ ସର୍ବନିମ୍ନ ୧୦ ପ୍ରତିଶତ ଗୋଦୁଗ୍ଧ ବା ମିଲ୍‌କ ଫ୍ୟାଟ୍ ବ୍ୟବହାର ହେଲେ ତାହାକୁ ଆଇସକ୍ରିମ ଭାବରେ ବିବେଚନା କରାଯିବ। କିନ୍ତୁ କିଛି କଂପାନୀ 'ଫ୍ରୋଜେନ ଡେଜର୍ଟ' ନାମରେ କ୍ଷୁଦ୍ର ଲେଖା ଲେଖି ଆଇସ୍‌କ୍ରିମ ବିକ୍ରୟ କରୁଛନ୍ତି ସେହି ଆଇସକ୍ରିମର ଉପାଦାନରେ ବ୍ୟବହାର ହେଉଛି ଉଦ୍ଭିଦଜାତ ତେଲ ବା ପାମ୍ ଅଏଲ୍, ଯେଉଁଥିରେ ରହିଛି ଶସ୍ତା ଚର୍ବି। ସୁତରାଂ କ୍ଷୀରରୁ ପ୍ରସ୍ତୁତି ଓ ପାମ୍ ଅଏଲ୍‌ରୁ ପ୍ରସ୍ତୁତି ଆଇସକ୍ରିମ ସମାନ ନୁହେଁ, ଏ ବାବଦେ ଜନସଚେତନତା ଖୁବ୍ କମ୍। ତେଣୁ ଏହାର ଫାଇଦା ନେଉଛନ୍ତି ସଂପୃକ୍ତ କଂପାନୀମାନେ। ସେହିଭଳି ଆଜିକାଲି ମୃଦୁପାନୀୟ ଗୁଡ଼ିକ କେତେଦୂର ସ୍ୱାସ୍ଥ୍ୟ ଉପଯୋଗୀ ବା ଅନୁପଯୋଗୀ ବହୁ ସମୟରେ ସେନେଇ ଆଲୋଚନା ହୋଇଆସିଛି। ମୃଦୁପାନୀୟ ଗୁଡ଼ିକ ଶୂନ୍ୟ କ୍ୟାଲୋରୀ ସଂପନ୍ନ କେବଳ ନୁହେଁ, ଏଥିରେ ଥିବା ଚିନି, କାର୍ବୋଲିକ୍ ଏସିଡ, ଫସ୍‌ଫରିକ ଏସିଡ ପ୍ରଭୃତି ଦାନ୍ତର ଏନାମେଲ୍ ନଷ୍ଟ କରିଥାଏ। ଏଥିସହ ଦ୍ରୁତ ଓଜନ ବୃଦ୍ଧି, ଟାଇପ ଟୁ ଡାଇବେଟିସ୍, ହୃଦ୍‌ରୋଗ ଆଦିର ଆଶଙ୍କା ଉତ୍ପନ୍ନ କରୁଥିବା ସଂପର୍କରେ ଉଣାଅଧିକେ ଲୋକେ ଜାଣୁଛନ୍ତି। ଯେଉଁମାନେ ସଚେତନ ଏହାଠାରୁ ଦୂରେଇ ରହୁଛନ୍ତି, ଯେଉଁମାନେ ଅଜ୍ଞ ସେମାନେ ଏହାକୁ ହାଲୁକା ଭାବରେ ଗ୍ରହଣ କରୁଛନ୍ତି। ଏସବୁ ପାନୀୟରେ ଥିବା ଫ୍ରୁକ୍ଟୋଜ ଫ୍ୟାଟିଲିଭର ସମସ୍ୟା ମଧ୍ୟ ସୃଷ୍ଟି କରିବା ଆଶଙ୍କା ରହିଛି। ଗ୍ରୀଷ୍ମ କାଳରେ ଆଇସକ୍ରିମ ହେଉ କି ମୃଦୁପାନୀୟ ଅବା ଲସି ବ୍ୟବହାର ସର୍ବତ୍ର ଅଧିକ ପରିଲକ୍ଷିତ ହେଉଛି। ଘରୋଇ ଭାବରେ ପଇଡ଼, ଲେମ୍ବୁପାଣି, ଦହିପାଣିର ସବୁକାଳେ ଆଦର ରହିଆସିଛି। କାରଣ ଏସବୁ ପ୍ରାକୃତିକ । ପ୍ରଧାନମନ୍ତ୍ରୀ ମୋଦି ୧୩୪ ତମ ମନ୍ କି ବାତ୍‌ରେ ଓଡ଼ିଶାର ବେଲପଣା ଓ ସୁବର୍ଣ୍ଣରେଖା ଆମ୍ବ ସଂପର୍କରେ ଯେଉଁ ବାର୍ତ୍ତାଟି ଉପସ୍ଥାପିତ କଲେ ତାହା ସମସ୍ତଙ୍କ ପାଇଁ ଉପଯୋଗୀ। ଶରୀରରେ ଜଳୀୟ ଅଂଶର ସନ୍ତୁଳନ ବଜାୟ ରଖିବା ଓ ଖରା ସମୟରେ ବାହାରକୁ ଯିବାରେ ଅତିରିକ୍ତ ସତର୍କତା ପରିପ୍ରେକ୍ଷୀରେ ବେଲପଣା ଅମୃତ ସଦୃଶ। କାରଣ ଏହା ସ୍ୱଦେଶୀ। ଅଧିକନ୍ତୁ ଏଥିରେ ଶୀତଳତା ପ୍ରଦାନକାରୀ ଉପାଦାନ ସାଙ୍ଗକୁ ରହିଛି ଫାଇବର, ପେକ୍ଟିନ ଯାହା ପରିପାକ ସଂସ୍ଥାନ ପାଇଁ ବରଦାନ। ଭିଟାମିନ୍ ଏ, ସି ଓ ଆଣ୍ଟିଅକ୍ସିଡେଣ୍ଟରେ ଭରପୂର ଏହି ପେୟ ଶରୀରକୁ ଅତ୍ୟନ୍ତ ଉପକାରୀ। ବଜାରଗୁଡ଼ିକରେ ଗ୍ରୀଷ୍ମ ଦିନରେ ବେଲପଣା ଠାଏ ଠାଏ ମିଳୁଛି। କିନ୍ତୁ ତାହା ବ୍ୟାପକ ଭାବରେ ଉପଲବ୍ଧ ନୁହେଁ। ଯଦି ଯୋଜନାବଦ୍ଧ ଭାବରେ ବଜାରଗୁଡ଼ିକରେ ବେଲପଣା, ଆମ୍ବପଣା, ପଇଡ଼ ପ୍ରଭୃତିର ସ୍ୱତନ୍ତ୍ର ବଜାର ସୃଷ୍ଟି ହୁଅନ୍ତା ଏନେଇ ଲୋକଙ୍କୁ ସଚେତନ କରାଯାଆନ୍ତା ତେବେ ଅଧିକ ଗ୍ରାହକ ଉପକୃତ ହୋଇପାରନ୍ତେ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଫାଇଦା ପାଇପାରନ୍ତେ। ଫଳରେ କ୍ଷତିକାରକ ଆଇସକ୍ରିମ ଓ ମୃଦୁପାନୀୟକୁ ସେମାନେ ପଛରେ ପକାଇପାରନ୍ତେ। ଏ ବାବଦ ବାସ୍ତବ ଉଦ୍ୟମ ହେଲେ ଚାଷୀ ସାଙ୍ଗକୁ ଏହା ସହିତ ସଂପୃକ୍ତ ସମସ୍ତ ପକ୍ଷ ଉପକୃତ ହୋଇପାରନ୍ତେ।

ଏ ଯୋଜନା କାର୍ଯ୍ୟକାରୀ ହେଲେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱଦେଶୀ ଆହ୍ୱନ ତଥା ସ୍ୱାସ୍ଥ୍ୟ ସଚେତନତା ଆଗକୁ ବଢିପାରିବ।

# କୃତ୍ରିମ ବୁଦ୍ଧିମତ୍ତା: ବିପ୍ଳବର ସ୍ୱପ୍ନ ଦେଖେ ନାହିଁ

**ମହାମେଘବାହନ ଐର ଖାରବେଳ ସ୍ୱାଇଁ**

ସେଇଥି ପାଇଁ ଯେଉଁ ଦାବି ଉଠୁଛି ଯେ, କୃତ୍ରିମ ବୁଦ୍ଧିମତ୍ତାର ଉଦ୍ଦେଶ୍ୟ ହେଉଛି ସତର୍କ ହୋଇ ତାକୁ ବ୍ୟବହାର କରିବା । ଏଥିରେ ଯେଉଁ ବିପଦ ଘଟିପାରେ ତାହା ନୃତତ୍ତ୍ୱବିଦ୍‌ମାନେ ନୃତତ୍ତ୍ୱ ଯନ୍ତ୍ର ସହିତ ତୁଳନା କରି ଦେଖୁଛନ୍ତି । କିନ୍ତୁ ସେ କମ୍ପାନୀମାନେ କୃତ୍ରିମ ବୁଦ୍ଧିମତ୍ତାକୁ ଅଧିକରୁ ଅଧିକ ଲାଭ ପାଇଁ ବ୍ୟବହାର କରୁଛନ୍ତି ଏବଂ ବ୍ୟବହାର କରିବେ ମଧ୍ୟ ।

ନିକଟ ଅତୀତରେ ଘୋଷଣା କରାଗଲା ଯେ, ଆନ୍ଥ୍ରୋପିକ୍ ହେଉଛି କୃତ୍ରିମ ବୁଦ୍ଧିମତ୍ତାର ଆଧୁନିକତମ ବ୍ୟବସ୍ଥା । ଏହି କମ୍ପାନୀ କହିଲା ଯେ, ଏହାର ଗୋଟିଏ ପଦ୍ଧତି ହେଉଛି ଯେ, ଏଥିରୁ କୌଣସି ବିପଦାତ୍ମକ ପଦାର୍ଥ ବାହାରି ନ ଥାଏ ଏବଂ ଜନସାଧାରଣଙ୍କୁ କ୍ଷତି ପହଞ୍ଚାଇଲା ପରି କଥା କରିନଥାଏ । ଏ ଧରଣର ବିବୃତିମାନ ବାସ୍ତବ ସୁରକ୍ଷା ସମ୍ପର୍କରେ ଚିନ୍ତା ବଢ଼େଇ ଦେଇପାରେ । କିନ୍ତୁ ଏହାର କାର୍ଯ୍ୟଶୈଳୀ ଅସାଧାରଣ ଭାବରେ ସଫଳ ଅଟେ ବୋଲି କୁହାଯାଏ, ଯାହାକୁ କହି ଏହାକୁ ବଜାରରେ ବିକ୍ରି କରାଯାଇପାରେ । କମ୍ପାନୀମାନେ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କରେ ଏହି ଧରଣର ଧାରଣାକୁ ବଢ଼ାଇଥାନ୍ତି । ସେମାନେ କହିଥାନ୍ତି ଏହି ବ୍ୟବସ୍ଥା ବହୁ ପରିମାଣରେ କ୍ଷମତା ରଖିଛି । ଏହା କେବଳ



ଏହାର ସ୍ରଷ୍ଟାମାନଙ୍କ ହାତରେ ଅଛି । କିନ୍ତୁ ଏହାର ପରିଣାମ ହେଉଛି ସେମାନଙ୍କର ସ୍ରଷ୍ଟାମାନେ ବାସ୍ତବରେ ଏହାକୁ ନିୟନ୍ତ୍ରଣରେ ରଖିଛନ୍ତି । ଏହାର ପରିଣାମ ହେଉଛି ଏ ସମ୍ପର୍କରେ ଲୋକମାନଙ୍କ ଭିତରେ ନାନା କଥା ଆଲୋଚନା ହେଉଛି । ଲୋକମାନେ କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଭୟ ଏବଂ ଆତଙ୍କ ଭିତରେ ଗତି କରୁଛନ୍ତି । ଏହି ଧରଣର କଥାଗୁଡ଼ିକ ଶକ୍ତିଶାଳୀ ହେଉଛି ଯେ, କୃତ୍ରିମ ବୁଦ୍ଧିମତ୍ତା ଏକ ରହସ୍ୟମୟ ଅବସ୍ଥାରେ ରହିଛି । ଏହି ସମୟରେ ସାମାଜିକ ସାଂସ୍କୃତିକ ସଞ୍ଚୟାଳୟମାନେ ଏ ଧରଣର କାହାଣୀକୁ ଗୁରୁତ୍ୱପୂର୍ଣ୍ଣ କଥା ହିସାବରେ ବର୍ଣ୍ଣନା କରନ୍ତି । ଆମେ କୃତ୍ରିମ ବୁଦ୍ଧିମତ୍ତାକୁ କେତେ ଦଶନ୍ଧିର କାହାଣୀ ଯୋଗାଇ ଦେଇଛୁ ଏବଂ ମେସିନ୍‌ମାନେ ବିପ୍ଳବର କଥା କହୁଛନ୍ତି ବୋଲି କହିଛୁ । ଏଥିପାଇଁ ଟେକ୍ନୋଲୋଜିର ପ୍ରୟୋଗ କରାଯାଇଛି ଓ ଏହାକୁ ମଣିଷ ଠାରୁ ଊର୍ଦ୍ଧ୍ୱରେ ବୋଲି ବର୍ଣ୍ଣନା କରାଯାଇଛି । ଏହାକୁ ସ୍ୱୟଂଶାସିତ ବୁଦ୍ଧିମତ୍ତା ବୋଲି କୁହାଯାଇଛି । ଇତିମଧ୍ୟରେ ଏହା ପ୍ରତି ଅପେକ୍ଷାକୃତ ଅଧିକ ଧ୍ୟାନ ଦିଆଯାଇଥିବା ବେଳେ ମଣିଷର ଶ୍ରମ ଏବଂ ଭିତ୍ତିଭୂମି ଉପରେ କମ୍ ଗୁରୁତ୍ୱ ଦିଆଯାଇଛି, ଯେମିତିକି କୃତ୍ରିମ ବୁଦ୍ଧିମତ୍ତା ତିଷ୍ଠି ରହିବ । ଏହାକୁ ଯେଉଁମାନେ ପ୍ରଚାର କରୁଛନ୍ତି ସେମାନେ ତଥ୍ୟକୁ ପରିଚ୍ଛନ୍ନ କରୁଛନ୍ତି ଏବଂ ସେମାନେ ତଥ୍ୟର ପରିଷ୍କାରକ ଅଟନ୍ତି । ସେମାନେ ଏ ବ୍ୟବସ୍ଥାକୁ ପର୍ଦ୍ଦାର ପଛପଟେ ରଖନ୍ତି ଏବଂ ତାହା ମଧ୍ୟ ଅତି କଠୋର ସର୍ତ୍ତ ମଧ୍ୟ ରଖାଯାଏ । ଏହା ବିକଶିତ ରାଷ୍ଟ୍ରମାନଙ୍କରେ ଘଟିଥାଏ । ଏହି ରାଷ୍ଟ୍ରମାନଙ୍କରେ କୃତ୍ରିମ ବୁଦ୍ଧିମତ୍ତା ପ୍ରତି ଖୋଲା ପ୍ରଦର୍ଶନ ହେଉଛି ଅତ୍ୟନ୍ତ ବିଚଳିତ ହେବା ଘଟଣା ଏବଂ ଏହାର ପରିଣାମ ଅତି ଦୁଃଖଦ ଅଟେ ଏବଂ କମ୍ ମଜୁରିରେ ଏଭଳି ଘଟଣା ଘଟେ । ବୋଧହୁଏ ମାର୍କ୍ସବାଦ ପ୍ରତି ଏହା ଯଥେଷ୍ଟ ଆକର୍ଷିତ ହୋଇଛି । କୃତ୍ରିମ ବୁଦ୍ଧିମତ୍ତା ମଣିଷ ପାଇଁ ବହୁ ଉପଯୋଗୀ ବୋଲି କୁହାଯାଉଛି । କିନ୍ତୁ ମେସିନ୍‌ମାନେ ଏହାକୁ ବିକାଶ କରିବାର ରାଜନୈତିକ ଚେତନା ସୃଷ୍ଟି କରିନାହାନ୍ତି। କିନ୍ତୁ ଏହା ଗୁଡ଼ିଏ କଥାକୁ ରାସ୍ତା ଖୋଲିଦିଏ । ବାସ୍ତବିକ କାମ କରିବାର ଅବସ୍ଥା ସୃଷ୍ଟି କରେ ଏବଂ ଏହା କୃତ୍ରିମ ବୁଦ୍ଧିମତ୍ତା ସମ୍ଭବ କରାଇଥାଏ ବୋଲି କୁହାଯାଏ । ସବୁଠାରୁ ବଡ଼ ରାଜନୈତିକ ପ୍ରଶ୍ନ ହେଉଛି କୃତ୍ରିମ ବୁଦ୍ଧିମତ୍ତା ମାର୍କ୍ସବାଦୀ ହେଉଛି କି ଏବଂ ବିପଦପୂର୍ଣ୍ଣ ହେଉଛି କି ? କିନ୍ତୁ ଏଠାରେ କୁହାଯାଏ ଏହା ପ୍ରତି ଏତେ କମ୍ ଧ୍ୟାନ ଏ ପର୍ଯ୍ୟନ୍ତ କାହିଁକି ଦିଆଯାଇଛି । ମଣିଷର ଶ୍ରମ କୃତ୍ରିମ ବୁଦ୍ଧିମତ୍ତା ସହିତ ଜଡ଼ିତ ହୋଇ କାହିଁକି କାମ ନ କରୁଛି । ମୋଟ ଉପରେ କୃତ୍ରିମ ବୁଦ୍ଧିମତ୍ତାର ସ୍ୱପ୍ନ ବିପ୍ଳବ ସୃଷ୍ଟି କରିବା ନୁହେଁ ବରଂ ମଣିଷର ସେ ଦିଗରେ ଚେତନାକୁ ବୃଦ୍ଧି କରିବା ହେଉଛି ବଡ଼ କଥା । କୃତ୍ରିମ ବୁଦ୍ଧିମତ୍ତା କେବେହେଲେ ମଣିଷର ବୁଦ୍ଧିମତ୍ତାକୁ ଛଡ଼ାଇ ନେଇ ପାରିବନାହିଁ । କାରଣ ଏହା ହେଉଛି ଏକ ଯନ୍ତ୍ର । ଯନ୍ତ୍ରକୁ ମଣିଷ ନିୟନ୍ତ୍ରିତ କରେ । ଯନ୍ତ୍ର ମଣିଷକୁ ନିୟନ୍ତ୍ରିତ କରେନାହିଁ । ତେଣୁ କୃତ୍ରିମ ବୁଦ୍ଧିମତ୍ତା କେବେହେଲେ ବିପ୍ଳବ ଆଣିପାରିବ ନାହିଁ। (ଶେଷ ଭାଗ)

ମୋ -୯୪୩୭୦୨୦୨୯୦

# ଅଂଶୁଘାତ ଏକ ପ୍ରାକୃତିକ ସ୍ୱାସ୍ଥ୍ୟ ସମସ୍ୟା

**ଦଶରଥ ହେମ୍ବ୍ରମ୍**

**"ପ୍ରତି ଜନସାଧାରଣଙ୍କ ମୋବାଇଲରେ ମେସେଜ ଦିଆଯାଉଛି। ଖରାରେ ବାହାରକୁ ନ ଯିବାକୁ ନିର୍ଦ୍ଦେଶ ଦିଆଯାଉଛି। ଭୋକ ଜ୍ୱାଳାରେ ହେଉ କିମ୍ବା ଅନ୍ୟ କିଛି କାମରେ ମଣିଷଟିଏ ଡହ ଡହ ଖରାରେ ବାହାରି ବେଳେ ବେଳେ ଅଂଶୁଘାତର ଶିକାର ହେଉଛି, ଯାହାକି ପାରିବାରିକ ସମସ୍ୟା ଥାଇପାରେ। କିନ୍ତୁ ମୂଲ୍ୟବାନ ଜୀବନଟିଏ ସେ ହରେଇ ଦେଉଛି। ଅନ୍ୟମାନଙ୍କୁ ଦୁଃଖ ଦେଇ ବିଦାୟ ସେ ନେଇଯାଏ ଚିରଦିନ ପାଇଁ ଏ ମାୟା ସଂସାରରୁ। ଏତିକିବେଳେ ସରକାରୀ ଅନୁକମ୍ପା ପାଇଁ ଅଞ୍ଚଳବାସୀ ମିଶି ଆନ୍ଦୋଳନ କରିବାରେ ଅଗ୍ରସର ହୁଅନ୍ତି। ଏପଟେ ସରକାରୀ କର୍ମଚାରୀମାନେ ଅଞ୍ଚଳବାସୀଙ୍କୁ ବୁଝାଇ ବୁଝାଇ ନାକେଦମ୍ ହୁଅନ୍ତି। ଏଭଳି ସମସ୍ୟା ମଧ୍ୟରେ ଗ୍ରୀଷ୍ମ ପ୍ରବାହ ସରି ଆସେ, ବର୍ଷା ଋତୁ ଧରାପୃଷ୍ଠରେ ପଦାର୍ପଣ କରେ। ପୁଣିଥରେ ପ୍ରକୃତି ହସି ଉଠେ।**

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏଠାରେ ଅଧିକାଂଶ ଲୋକ ଅର୍ଥାତ୍ ୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରି ନିଜର ଗୁଜରାଣ ମେଣ୍ଟାଇ ଥାଆନ୍ତି। ଏହି କୃଷକମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ। କୃଷି କାର୍ଯ୍ୟ ସାଧାରଣତଃ ପ୍ରକୃତି ଉପରେ ହିଁ ନିର୍ଭର କରିଥାଏ। ପ୍ରକୃତିରେ କିଛି ଅଘଟଣ ଘଟିଲେ ଚାଷ କାର୍ଯ୍ୟରେ ବାଧାପ୍ରାପ୍ତ ହୁଏ। ଓଡ଼ିଶାରେ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପରିସ୍ଥିତି ଉପୁଜିଲେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଓଡ଼ିଶାର ଆର୍ଥିକ ମାନଦଣ୍ଡ ଓ ପ୍ରଗତିରେ ଅନ୍ତରାୟ ସୃଷ୍ଟି ହୁଏ। ଠିକ ପ୍ରାକୃତିକ ବିପର୍ଯ୍ୟୟ ଭଳି ଅଂଶୁଘାତ ମଧ୍ୟ ଏକ ପ୍ରାକୃତିକ ସ୍ୱାସ୍ଥ୍ୟ ସମସ୍ୟା ବର୍ତ୍ତମାନ ସମୟରେ ଉଭା ହୋଇଛି। ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଖରା ଏବଂ ଗରମ ଯୋଗୁଁ ଶରୀରର ତାପମାତ୍ରା ନିୟନ୍ତ୍ରଣ ହୋଇ ନ ପାରି ହେଉଥିବା ଏକ ଶାରୀରିକ ସମସ୍ୟା, ଯାହାକୁ ଅଂଶୁଘାତ କୁହାଯାଉଛି।

ବର୍ଷକ ବାରମାସ ଓ ଛଅ ଋତୁ ମଧ୍ୟରେ ପ୍ରଚଣ୍ଡ ପ୍ରତାପୀ ଗ୍ରୀଷ୍ମ ଋତୁର ମହାଭୟଙ୍କରୀ ରୂପ ନେଇ ଆସିଥାଏ ଧରାପୃଷ୍ଠକୁ। ଗ୍ରୀଷ୍ମର ରୌଦ୍ର ଜ୍ୱାଳାରେ ଧରିତ୍ରୀ



ଓ ତା'ର କୋଳରେ ଲାଳିତ ପାଳିତ ଜୀବଜନ୍ତୁ, ମାନବ, ବୃକ୍ଷଲତା ସବୁ ଅସ୍ତବ୍ୟସ୍ତ ହୋଇଯାନ୍ତି। ଏହି ସମୟରେ ଅସହ୍ୟ ଜ୍ୱଳନ ଭୋଗେ ପଥଚାରୀଟିଏ, ଶ୍ରମିକଟିଏ, ଚାଷୀଟିଏ, ନିଷ୍ପାପ ଶିଶୁଟିଏ। ସେ ହୋଇଯାଏ ସେତେବେଳେ କ୍ଳାନ୍ତ, ଅଂଶୁଘାତରେ ସେ ହୁଏ ଶିକାର। ଅତଏବ ଗ୍ରୀଷ୍ମ ଋତୁ ହେଉଛି ଅଂଶୁଘାତର ଉତ୍ପତ୍ତି ସମୟ। ଏହି ସମୟରେ ମନରେ ଖେଳିଯାଏ ଆତଙ୍କ। ୧୯୯୮ ମସିହା ଭଳି ଓଡ଼ିଶାର ଅବସ୍ଥା ହେବନି ତ? ଏଭଳି ଅନେକ ପ୍ରଶ୍ନ ମନରେ ଆସିଯାଏ।

୧୯୯୯ ମସିହାରେ ଘଟିଥିବା ଓଡ଼ିଶାର ମହାବାତ୍ୟା ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଏବଂ ୧୯୯୮ ମସିହାରେ ଘଟିଥିବା ଅଂଶୁଘାତ ଜନିତ ମୃତ୍ୟୁବରଣ, ଯାହା ପ୍ରାକୃତିକ ସ୍ୱାସ୍ଥ୍ୟ ସମସ୍ୟାର ବଡ଼ ବିପର୍ଯ୍ୟୟକୁ ଓଡ଼ିଶାବାସୀ କେବେ ଭୁଲିପାରିବେ ନାହିଁ। ବର୍ଷା ଆସିଲେ ଯେମିତି ଓଡ଼ିଶା ମହାବାତ୍ୟା ୧୯୯୯ ମସିହା କଥା ମନେ ପଡ଼ିଥାଏ, ସେହିପରି ଗ୍ରୀଷ୍ମ ଆସିଲେ ୧୯୯୮ ମସିହାର ଅଂଶୁଘାତ କଥା ମନେ ପଡ଼ିଥାଏ। ଏହା ଓଡ଼ିଶା ଇତିହାସରେ ସବୁଠାରୁ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହୋଇଥିଲା, ଯେଉଁଥିରେ ସରକାରୀ ରିପୋର୍ଟ ଅନୁଯାୟୀ ୨,୦୪୨ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହି ବର୍ଷ ଓଡ଼ିଶାରେ ତାପମାତ୍ରା ପ୍ରାୟ ୪୯.୫ ଡିଗ୍ରୀ ସେଲସିୟସରେ ପହଞ୍ଚିଥିଲା।

ସେହିପରି ୧୯୯୯ରେ ୯୧ ଜଣ, ୨୦୦୦ ରୁ ୨୦୦୪ରେ ହାରାହାରି ୩୦ ରୁ ୬୦ ଜଣ (ପ୍ରତିବର୍ଷ), ୨୦୦୫ରେ ୨୩୬ ରୁ ଅଧିକ ଜଣ, ୨୦୧୦ରେ ୧୦୦ରୁ ଅଧିକ ଜଣ, ୨୦୧୫ରେ ପ୍ରାୟ ୨୧ ଜଣ, ୨୦୧୯ରେ ୧୮ ଜଣ, ୨୦୨୩ରେ ୧୧୧ ଜଣ, ୨୦୨୪ରେ ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା, ଯାହା ସରକାରୀ ତଥ୍ୟରେ ଉଲ୍ଲେଖ କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସୂଚନା ଅନୁସାରେ ୨୦୨୬ ମେ ମାସ ସୁଦ୍ଧା ରାଜ୍ୟରେ ତିନି ଜଣଙ୍କର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଖବର ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ରାଜ୍ୟ ସରକାରଙ୍କ ସତର୍କତା ଯୋଗୁଁ ଅଂଶୁଘାତ ମୃତ୍ୟୁକୁ ରୋକିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ସରକାରଙ୍କ ବିଭିନ୍ନ ସଚେତନତା ଓ ପ୍ରତିଷେଧକ ବ୍ୟବସ୍ଥା ଯୋଗୁଁ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟାକୁ ବହୁତ କମାଯାଇ ପାରିଛି।

ସାରା ଓଡ଼ିଶାରେ ଏବେର ଖବର କହିଲେ ଅଂଶୁଘାତ, ଅଂଶୁଘାତ ପ୍ରତି ସାବଧାନ, ଜନସାଧାରଣଙ୍କୁ ସତର୍କ ଓ ସଚେତନ ନେଇ ରେଡ଼ିଓ ଏବଂ ଟିଭିରେ ପରିବେଷଣ କରାଯାଉଛି, ଆଲୋଚନା ହେଉଛି ।

ପ୍ରତି ଜନସାଧାରଣଙ୍କ ମୋବାଇଲରେ ମେସେଜ ଦିଆଯାଉଛି। ଖରାରେ ବାହାରକୁ ନଯିବାକୁ ନିର୍ଦ୍ଦେଶ ଦିଆଯାଉଛି। ଭୋକ ଜ୍ୱାଳାରେ ହେଉ କିମ୍ବା ଅନ୍ୟ କିଛି କାମରେ ମଣିଷଟିଏ ଡହ ଡହ ଖରାରେ ବାହାରି ଅଂଶୁଘାତରେ ଶିକାର ହେଉଛି, ଯାହାକି ପାରିବାରିକ ସମସ୍ୟା ଥାଇପାରେ। କିନ୍ତୁ ମୂଲ୍ୟବାନ ଜୀବନଟିଏ ସେ ହରେଇ ଦେଉଛି। ଅନ୍ୟମାନଙ୍କୁ ଦୁଃଖ ଦେଇ ବିଦାୟ ସେ ନେଇଯାଏ ଚିରଦିନ ପାଇଁ ଏ ମାୟା ସଂସାରରୁ। ଏତିକିବେଳେ ସରକାରୀ ଅନୁକମ୍ପା ପାଇଁ ଅଞ୍ଚଳବାସୀ ମିଶି ଆନ୍ଦୋଳନ କରିବାରେ ଅଗ୍ରସର ହୁଅନ୍ତି। ଏପଟେ ସରକାରୀ କର୍ମଚାରୀମାନେ ଅଞ୍ଚଳବାସୀଙ୍କୁ ବୁଝାଇ ବୁଝାଇ ନାକେଦମ ହୁଅନ୍ତି। ଏଭଳି ସମସ୍ୟା ମଧ୍ୟରେ ଗ୍ରୀଷ୍ମ ପ୍ରବାହ ସରି ଆସେ, ବର୍ଷା ଋତୁ ଧରାପୃଷ୍ଠରେ ପଦାର୍ପଣ କରେ। ପୁଣିଥରେ ପ୍ରକୃତି ହସି ଉଠେ।

ଏବେ ସମୟ ଆସିଛି, ଚାଲନ୍ତୁ ଆମେ ସମସ୍ତେ ନିଜକୁ ନିଜେ ପଚାରିବା, ଆମେ ସବୁଜ ବନାନୀ ଛାଡ଼ି କୁଆଡ଼େ ଚାଲିଯାଉଛୁ ? ଆମେ ଆମ ବଂଶଧରମାନଙ୍କୁ ନେଇ ଅନ୍ତତଃପକ୍ଷେ ଥରେ ତ ନିଜକୁ ପ୍ରଶ୍ନ ପଚାରିବା। ପ୍ରକୃତିକୁ ସୁରକ୍ଷା ଦେଲେ ଏ ସମସ୍ୟା ଉପୁଜିନଥାନ୍ତେ। ତେଣୁ ଏବେ ବି କିଛି ସମୟ ଅଛି, ବିଚାର କରିବାର। ହୁଏତ ସଂପୂର୍ଣ୍ଣ ପୃଥିବୀ ଧ୍ୱଂସ ହେବା ପୂର୍ବରୁ ଏହା ଆମ ପାଇଁ ଶେଷ ସୁଯୋଗ ହୋଇପାରେ। ହାତଛଡ଼ା ନ କରି ପରିବେଶ ଉପରୁ ଯେତେସବୁ ଚାପ କମେଇବାକୁ ପଡ଼ିବ। ପ୍ରକୃତିକୁ ଫେରାଇ ଦେବାକୁ ପଡ଼ିବ ତା'ର ଦୃଢ଼ ସବୁଜିମା, ତା'କୁ ତା' ନିଜ ହିସାବରେ ନିଜ ବାଗରେ ଚାଲିବାକୁ ଛାଡ଼ିଦେଲେ ପୃଥିବୀ ସବୁଜିମା ହେବ, ସୁସ୍ଥ ପରିବେଶ ପୁଣିଥରେ ହସିହସି ଗଢ଼ି ଉଠିବ। ତେବେ ହୁଏତ ପ୍ରକୃତି ଆମକୁ କ୍ଷମା ଦେଇପାରେ, ଅଂଶୁଘାତରୁ ରକ୍ଷା ମିଳିପାରେ।

ବାଲେଶ୍ୱର,
ମୋ-୯୩୩୭୪୦୪୨୫୪

# ଗ୍ରୀଷ୍ମ ପ୍ରକୋପର ଶେଷ କେଉଁଠି ?

**ସୁବାସ ଷଡ଼ଙ୍ଗୀ**

**"ଚଳିତ ବର୍ଷ ଏ ଯେଉଁ ତାପମାତ୍ରାବୃଦ୍ଧି, ତାହା ଭାରତବର୍ଷର ପାଣିପାଗ ବ୍ୟବସ୍ଥାକୁ ବିଗାଡି ଦେଇଛି। ଉତ୍ତର ଭାରତର ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ଏହାର ପ୍ରଭାବ ଦେଖାଦେଇଛି। କେନ୍ଦ୍ରୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି, ଉତ୍ତର ପ୍ରଦେଶର ବାରଟା ଜିଲ୍ଲାରେ ସ୍ୱାଭାବିକ ତାପମାତ୍ରା ଠାରୁ ତିନି/ଚାରି ଡିଗ୍ରୀ ଅଧିକ ତାପମାତ୍ରା ରହିବ। ସେଥି ମଧ୍ୟରୁ ଗୋଟିଏ ହେଲା ବାନ୍ଦା ଜିଲ୍ଲା। ପ୍ରକୃତିର କରାଳ ରୂପ କେତେ ସାଂଘାତିକ ହୋଇପାରେ, ତାହା ଚଳିତ ବର୍ଷର ଏଇ ସବୁ ଅଞ୍ଚଳର ତାପମାତ୍ରାକୁ ଦେଖିଲେ ଜଣା ପଡେ। ପଚାଶ ଡିଗ୍ରୀ ତାପମାତ୍ରାରେ ଏଇ ସବୁ ଅଂଚଳର ଜନଜୀବନ ଯାତ୍ରା ପୂରାପୂରି ଠପ୍ ହୋଇଯାଇଛି।**

ଜ୍ୟେଷ୍ଠ ମାସ ସବୁବେଳେ ନିର୍ଦ୍ଦୟ। ପ୍ରବଳ ତାପମାତ୍ରା ଏବଂ ଆର୍ଦ୍ରତା ବୃଦ୍ଧି ପାଇଥାଏ ଏଇମାସରେ। ତାପମାତ୍ରାରୁ ରକ୍ଷା ପାଇବା ପାଇଁ ବିବିଧ ପ୍ରସ୍ତୁତି ଉଭୟେ ନାଗରିକ ଏବଂ ପ୍ରଶାସନ ପକ୍ଷରୁ ବହୁଦିନରୁ ଆରମ୍ଭ ହୁଏ। କିନ୍ତୁ ତାପ ତାହାର ପ୍ରଭାବ ଛାଡ଼େନା। ଚଳିତ ବର୍ଷ କିନ୍ତୁ ଅଧିକ ତାପମାତ୍ରା ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ଆମ ଉପକୂଳ ଓଡିଶା ତୁଳନାରେ ପଶ୍ଚିମ ଓଡିଶାରେ ସ୍ଥିତି ଆହୁରି ସଙ୍ଗୀନ। ଆଗରୁ ଟିଟିଲାଗଡକୁ ତତଲାଗଡ ବୋଲି କୁହାଯାଉଥିଲା। ଏବେ କିନ୍ତୁ ତାହାକୁ ବଳିଯାଇଛି ଝାରସୁଗୁଡା। ଦଶଟା ବାଜିଲେ ଘରୁ ବାହାରି ହେଉନି। ସଂଜ ନହେଲେ ଏଇ ସବୁ ଅଂଚଳର ଲୋକମାନେ ପଦାକୁ ବାହାରି ପାରୁ ନାହାନ୍ତି।

ସବୁଦିନ ସକାଳ ପାଞ୍ଚଟାରୁ ପ୍ରାତଃ ଭ୍ରମଣରେ ଯାଏ। ଆଗରୁ ରାସ୍ତାଘାଟ ସବୁ ଶୂନଶାନ ଲାଗୁଥିଲା। ଏବେ କିନ୍ତୁ ସକାଳ ପାଞ୍ଚଟାବେଳକୁ ରାସ୍ତାରେ ଅନେକ ଲୋକ। ସେମାନେ କାମ କରୁଛନ୍ତି। କିଛି ଲୋକଙ୍କୁ ପଚାରିଥିଲି। ସେମାନଙ୍କ ଚିରାଚରିତ ଉତ୍ତର ହେଲା, ଗରମରୁ ରକ୍ଷା ପାଇବାକୁ ଦିନରେ କାମ ନ କରି ରାତିରେ କାମ କରୁଛୁ। ସତ କଥା ଏ ଯେଉଁ ଗରମ ହେଉଛି, ସେଥିରେ ଖରାବେଳେ କାମ କରିବା ସମ୍ଭବ ନୁହେଁ। ଗତ ସପ୍ତାହରେ ରାୟପୁର ଯାଇଥିଲି। ସେଠାକାର ଅବସ୍ଥା ନ କହିଲେ ଭଲ। ଏତେ ଉତ୍ତାପ ଯେ ଘରୁ ବାହାରିବା ସମ୍ଭବ ନୁହେଁ। ଘରେ ଏୟାରକୁଲର ଲଗାଇ ବସି ରହିବାକୁ ପଡିଲା।

ଯେକୌଣସି ଲୋକର ମନ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ, ଏତେ ଗରମ କାହିଁକି ? ଏଭଳି ତାପମାତ୍ରା ବୃଦ୍ଧି ଗ୍ରୀଷ୍ମର ପରିଚିତ ରୂପ



ନୁହେଁ, ବରଂ ପରିବର୍ତ୍ତିତ ଜଳବାୟୁର ଏକ ଅମୋଘ ପରିଣତି। ଏ ସମ୍ପର୍କରେ ବହୁଦିନ ଆଗରୁ ପାଣିପାଗ ବାଲା ଆମକୁ ସୂଚନା ଦେଇ ଆସୁଛନ୍ତି। ଝାରସୁଗୁଡାରେ ଏକ ସପ୍ତାହ ଧରି ୪୪ରୁ ୪୫ଡିଗ୍ରୀ ତାପମାତ୍ରା ରହିଆସିଛି। ଝାରସୁଗୁଡା ଏବେ ଭାରତର ଦ୍ୱିତୀୟ ତାପବହୁଳ ଅଞ୍ଚଳରେ ପରିଣତ ହୋଇଛି ବୋଲି କୁହାଯାଉଛି। ଯଦି ଏପରି ଅବସ୍ଥା ଲାଗି ରହେ,ତେବେ ଆଗାମୀ ଦିନରେ ସେଇ ସବୁ ଅଞ୍ଚଳର ତାପମାତ୍ରା ପଚାଶ ପାଖାପାଖି ହୋଇ ନ ଯିବ ବୋଲି କିଏ କହିବ ? ସକାଳ ଦଶଟା ବାଜିଲେ ଦୋକାନ ବନ୍ଦ, ରାସ୍ତାଘାଟ ଶୂନଶାନ। ଏଭଳି ନିସ୍ତବ୍ଧତା ସୂଚନା ଦିଏ ଯେ,ଭବିଷ୍ୟତରେ ସେଇ ସବୁ ସହରଗୁଡିକର ସାମଗ୍ରିକ ଜନଜୀବନ କିଭଳି ହେବ ?

ଚଳିତ ବର୍ଷ ଏ ଯେଉଁ ତାପମାତ୍ରାବୃଦ୍ଧି, ତାହା ଭାରତବର୍ଷର ପାଣିପାଗ ବ୍ୟବସ୍ଥାକୁ ବିଗାଡି ଦେଇଛି। ଉତ୍ତର ଭାରତର ଏକ ବିସ୍ତୀର୍ଣ୍ଣ ଅଂଚଳରେ ଏହାର ପ୍ରଭାବ ଦେଖାଦେଇଛି। କେନ୍ଦ୍ରୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି, ଉତ୍ତର ପ୍ରଦେଶର ବାରଟା ଜିଲ୍ଲାରେ ସ୍ୱାଭାବିକ ତାପମାତ୍ରା ଠାରୁ ତିନି/ଚାରି ଡିଗ୍ରୀ ଅଧିକ ତାପମାତ୍ରା ରହିବ। ସେଥି ମଧ୍ୟରୁ ଗୋଟିଏ ହେଲା ବାନ୍ଦା ଜିଲ୍ଲା। ପ୍ରକୃତିର କରାଳ ରୂପ କେତେ ସାଂଘାତିକ ହୋଇପାରେ, ତାହା ଚଳିତ ବର୍ଷର ଏଇ ସବୁ ଅଂଚଳର ତାପମାତ୍ରାକୁ ଦେଖିଲେ ଜଣା ପଡେ। ପଚାଶ ଡିଗ୍ରୀ ତାପମାତ୍ରାରେ ଏହି ସବୁ ଅଂଚଳର ଜନଜୀବନ ଯାତ୍ରା ପୂରାପୂରି ଠପ୍ ହୋଇଯାଇଛି।

କାରଣ ସ୍ୱରୂପ କୁହାଯାଉଛି, ବାନ୍ଦା ଜିଲ୍ଲାର ଅବସ୍ଥାନ ଯାହା,ସେଥିପାଇଁ ସେଇ ଅଞ୍ଚଳର ତାପ ବଢୁଛି। ବୁନ୍ଦେଲଖଣ୍ଡ ପାଖାପାଖି ଏଇ ସବୁ ଅଂଚଳର ଅବସ୍ଥାନ। ଏଣୁ ଏଠାରେ ଉତ୍ତାପ ବୃଦ୍ଧିର କାରଣ ହେଉଛି, ଥର ମରୁଭୂମିରୁ ଆସୁଥିବା ଗରମ ପବନ। ବୁନ୍ଦେଲଖଣ୍ଡର ରୁକ୍ଷ ଓ ପଥୁରିଆ ମାଟି ଫଳରେ ଏହାର ଉତ୍ତାପକୁ ଅଧିକ ସମୟ ଧରି ରଖୁଛି। ଏହାହିଁ ଏଠାକାର ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ।

ବାନ୍ଦା ଜିଲ୍ଲାର ଯାହା ଅବସ୍ଥା, ତାହାର ପ୍ରତିଫଳନ ଆମ ପଶ୍ଚିମ ଓଡ଼ିଶାରେ ଦେଖିବାକୁ ମିଳୁଛି। ଝାରସୁଗୁଡା ଏବର୍ଷ 'ହିଟ୍ ଆଇଲାଣ୍ଡ'ରେ ପରିଣତ ହୋଇଛି। ତାର କାରଣ ହେଉଛି, ଏଇ ସବୁ ଅଞ୍ଚଳରେ ସବୁଜ ବଳୟ ଲୋପ ହେବାକୁ ବସିଲାଣି। କଳକାରଖାନାରୁ ବାହାରୁଥିବା ଉତ୍ତପ୍ତ ବାୟୁ, ସେଠାକାର ବାୟୁ ମଣ୍ଡଳକୁ ଅଧିକ ଉତ୍ତପ୍ତ କରିଦେଉଛି। ସବୁଜ ବଳୟ କମ, ନଦୀର ଜଳପତ୍ତନ ହ୍ରାସ ଓ ଭୂଗର୍ଭସ୍ଥ ଜଳପତ୍ତନ ହ୍ରାସ ହେବା ଫଳରେ ଉତ୍ତାପ ବୃଦ୍ଧି ପାଉଛି।

ଏବେ ଏହା ସହିତ ଯୋଡି ହୋଇଛି, ନଦୀଗୁଡିକରୁ ଯଥେଷ୍ଟ ଭାବରେ ବାଲି ଉତ୍ତୋଳନ। ଯାହାର ପ୍ରଭାବ ସିଧାସଳଖ ପରିବେଶ ଉପରେ ପଡୁଛି। ଜଳଜ ବାସ୍ତୁତନ୍ତ୍ର ପୂରାପୂରି ବିଗିଡିଗଲାଣି। କିନ୍ତୁ ବାଲି ବେପାର ଯାହା ମନେହୁଏ କିଛି ନେତାଙ୍କର ମୁଖ୍ୟ ବ୍ୟବସାୟରେ ପରିଣତ ହୋଇଛି। ତେଣୁ ଏହାକୁ ସରକାରୀ ସ୍ତରରେ ତତ୍‌ପରତା ପ୍ରକାଶ ପାଉ ନାହିଁ। ବାନ୍ଦା ହେଉ ବା ଆମ ଝାରସୁଗୁଡା ହେଉ, ଏହାକୁ କେବଳ ଏକ ଉଦାହରଣ ଭାବରେ ନିଆଯାଇପାରେ। ପ୍ରକୃତିର ରୋଷ କିଭଳି ଭାବରେ ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇ ପାରେ, ଆମେ ଓ ପ୍ରଶାସନ ସେଥିରୁ କିଛି ଶିକ୍ଷା ଲାଭ କରିବା ଦରକାର। ଯଦି ଏଇ ଧାରା ବଜାୟ ରହେ, ତେବେ ଆଉ କିଛି ବର୍ଷ ପରେ ଏଇ ସବୁ ଅଞ୍ଚଳ ଆଉ ବାସଯୋଗ୍ୟ ହୋଇ ରହିବ ନାହିଁ। ଏହା ସହ ପାଣିପାଗ ବିଭାଗ ପକ୍ଷରୁ ଆଉ ଏକ ସତର୍କବାଣୀ ପ୍ରଚାର କରାଯାଇଛି। ଏଲନିନୋ ପ୍ରଭାବରୁ ଚଳିତ ବର୍ଷ ବର୍ଷାର ପରିମାଣ କମ୍ ହେବ। ଯାହାର ପ୍ରଭାବରେ ପଶ୍ଚିମ ଓଡିଶାରେ ମରୁଡି ଦେଖା ଦେବ।ଏଲ ନିନୋର ପ୍ରଭାବ ସମ୍ପର୍କରେ ଆମେ ବେଶ୍ ସଚେତନ। ପ୍ରଥମେ ଅତ୍ୟଧିକ ଉତ୍ତାପ ଏବଂ ପରବର୍ତ୍ତୀ ସମୟରେ ମହାବାତ୍ୟାକୁ ଡାକି ଆଣିଥିଲା ଏହି ଏଲ ନିନୋ।

ଏଣୁ ଆମକୁ ସଚେତନ ହେବାକୁ ପଡିବ। ବେଳ ଥାଉଁ ଥାଉଁ ପ୍ରତିକାର ବ୍ୟବସ୍ଥା କରିବାକୁ ପଡିବ। ଆମର ଏଠାରେ ମନଇଛା ବାଲି ଉତ୍ତୋଳନ ଫଳରେ ନଦୀର ଗତି ଧାରା ମଧ୍ୟ ପରିବର୍ତ୍ତନ ହୋଇଯାଉଛି। ବିଭିନ୍ନ ସ୍ଥାନରେ ଗଣ୍ଡ ହୋଇ ସେଠାରେ ପିଲାମାନେ ବୁଡି ଯାଉଥିବାର ସମ୍ବାଦ ପ୍ରକାଶ ପାଉଛି। ଏଣୁ ଖାଲି ନିୟମ କରିଦେଲେ ହେବ ନାହିଁ, ତାହାକୁ କିପରି, କାର୍ଯ୍ୟକାରୀ କରାଯାଇପାରିବ ତାର ବ୍ୟବସ୍ଥା କରିବାକୁ ହେବ।

ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ
ଭୁବନେଶ୍ୱର
ମୋ-୯୪୩୯୬୫୨୩୨୨

## ଡୋଙ୍ଗରିଆ କନ୍ଧ ସମ୍ପ୍ରଦାୟଙ୍କୁ ଭୋଟର ତାଲିକା ସଂଶୋଧନ ପାଇଁ ଏନ୍ୟୁମରେସନ ଫର୍ମ ବଣ୍ଟନ

ରାୟଗଡା,୧ ।୬ (ନିପ୍ର); ରାୟଗଡ଼ ଜିଲ୍ଲାର ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ପିଭିଟିଜି ସମ୍ପ୍ରଦାୟର 'ଡୋଙ୍ଗରିଆ କନ୍ଧକ' ମଧ୍ୟରୁ ଯେଉଁମାନେ ଭୋଟର ତାଲିକାରୁ ବଞ୍ଚିତ ଅଛନ୍ତି ସେମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜିଲ୍ଲାପାଳ ରାୟଗଡ଼ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ୧୩୯-ବିଷମକଟକ (ଏସ୍‌ଟି) ବିଧାନସଭା ନିର୍ବାଚନମଣ୍ଡଳୀର ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଇଆରଓ) ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଷମକଟକ ବ୍ଲକର ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ଡୋଙ୍ଗରିଆ କନ୍ଧ ପିଭିଟିଜି ସମ୍ପ୍ରଦାୟଙ୍କ ନିକଟରେ ପହଞ୍ଚି ଏନ୍ୟୁମେରେସନ ଫର୍ମ ବଣ୍ଟନ କରାଯାଇଛି। ସମାଜର ପ୍ରତ୍ୟେକ ବର୍ଗର ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସାମିଲ କରିବା ଉଦ୍ଦେଶ୍ୟରେ ୧୩୯-ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏଇଆରଓ-କମ୍‌-ବିଡିଓ ଶିବ ପ୍ରସାଦ ପଟ୍ଟନାୟକ, ଜିପିଡିଓ ସୁଦୀପ କୃଷ୍ଣ ବେହେରା, ବିଏଲଓ ସୁପରଭାଇଜର ହରିଦାସ ବାଥ୍ରା, ପାର୍ଟ ନଂ-୯୩ ଓ ୯୪ର ବୁଥସ୍ତରୀୟ ଅଧିକାରୀ ଉମେଶ ପେଦେଣ୍ଟି ଏବଂ ଭୀମ କୌଶଲ୍ୟା ନିୟମଗିରିର ଦୁର୍ଗମ ଡୋଙ୍ଗରିଆ କନ୍ଧ ବସତିଗୁଡ଼ିକ ପରିଦର୍ଶନ କରିଥିଲେ। ଏହି ଅବସରରେ ଯୋଗ୍ୟ ମତଦାତାଙ୍କୁ ଏନ୍ୟୁମେରେସନ ଫର୍ମ ବଣ୍ଟନ କରାଯିବା ସହିତ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଯାଇଥିଲା।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡା,୧ ।୬ (ନିପ୍ର): ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ବିଭାଗୀୟ ବନ ଅଧିକାରୀ ସଚିନ ଆନ୍ନାସାହେବ ଓହଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ , ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ ମିଶ୍ର, ଉପଜିଲ୍ଲାପାଳ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଚନ୍ଦ୍ରକାନ୍ତ ମାଝୀ ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୬୫ଟି ଅଭିଯୋଗ ଜିଲ୍ଲାପାଳଙ୍କ ପାଖକୁ ଆସିଥିଲା । ସେଥି ମଧ୍ୟରୁ ୫୦ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୦ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ପଞ୍ଜିକରଣ ହୋଇଥିଲା। ଜିଲ୍ଲାପାଳ ଆଜି ମୋଟ ୫ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୭୬,୦୦୦ ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ ଏବଂ ୧୮ଗୋଟି ଅଭିଯୋଗକୁ ତୁରନ୍ତ ଶୁଣାଣିକରି ଶିବିରରେ ଫଏସଲା କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତକରି ତୁରନ୍ତ ପଦକ୍ଷେପ ନେବାପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

### ପ୍ରଥମ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ମହୋତ୍ସବ

## 'ରୁପାଶଗଡ଼ରେ ସୁନା କନିଆ'ନାଟକ ମଞ୍ଚସ୍ଥ

ରମ୍ଭା,୧ ।୬ (ନିପ୍ର): ସୁବଳୟା ଗୋପାଳକୃଷ୍ଣ ମହାବିଦ୍ୟାଳୟ ଷ୍ଟାଡିୟମ ପରିସରରେ ଶ୍ରୀ ଜଗନ୍ନାଥ ସାଂସ୍କୃତିକ କଳା ମଞ୍ଚ ପକ୍ଷରୁ ସୁବଳୟା ଗୋପାଳକୃଷ୍ଣ ଗ୍ରାମ୍ୟ ଶାନ୍ତି କମିଟି ମିଳିତ ପ୍ରୟାସରେ ପ୍ରଥମ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତାର ପ୍ରଥମ ରଜନୀରେ ମା ନାରାୟଣୀ ନାଟ୍ୟ ସଂସଦ ଖଲ୍ଲିକୋଟ ନାଟକ - 'ରୁପା ଶଗଡ଼ରେ ସୁନା କନିଆ' ନାଟକ ମଞ୍ଚସ୍ଥ ହୋଇଯାଇଛି। ମୁଖ୍ୟ ଉଦଘାଟକ ରୂପେ ଗଞ୍ଜାମ ଜିଲ୍ଲା ବିଜେପି ଏସି ମୋର୍ଚ୍ଚା ସଭାପତି କିର୍ତ୍ତନ ଦାସ ଉଦ୍‌ଘାଟନ କରିବାସହ ଅଂଶଗ୍ରହଣ କାରୀ ଓ ଉତ୍ସା। ହି କଳାକାରମାନଙ୍କୁ ଉତ୍ସାହିତ କରିବା ସହ ପୁରପଲ୍ଲୀ ତଥା ଗାଁ ଗହଳିରେ ଲୁଚି ରହିଥିବା କଳାକୁ ଏହି ମୁକ୍ତମଞ୍ଚ ମାଧ୍ୟମରେ କଳାକୁ ଲୋକଲୋଚନକୁ ଆଣିବାପାଇଁ ଏହା ଏକ ମାଧ୍ୟମ ବୋଲି ଦର୍ଶାଇ ଥିଲେ ।ତତ ସହିତ ଗଞ୍ଜାମ ଜିଲ୍ଲାର ଗୋଟି ପୁଅ ନାଚ, ଦାସକାଠିଆ, ବାଘ ନାଚ ଏପରି ଲୁପ୍ତ ହେବାକୁ ଯାଉଥିଲା ବେଳେ ଏହି ମୁକ୍ତ ମଞ୍ଚ ନାଟକ କଳା ପ୍ରଦଶନ ଗ୍ରାମାଞ୍ଚଳରୁ ଆରମ୍ଭ ହୋଇ ଦେଶ ବିଦେଶରେ ଏହାର ପ୍ରଦର୍ଶନ ଯେପରି ସ୍ଥାନ ପାଇପାରିବ ଓ ନାମ ରହିବ ସେପରି ଦୃଷ୍ଟି ଦେବାପାଇଁ ବକ୍ତବ୍ୟ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୁବଳୟା ଗୋପାଳକୃଷ୍ଣ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ତଥା ରାଜ୍ୟପାଳ ପୁରସ୍କୃତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଶାନ୍ତି କମିଟି ସଭାପତି ରାମହରି ଦାସ, ଜଗନ୍ନାଥ କଳା ମଞ୍ଚର ସଭାପତି ଶଙ୍କର ବାରିକ, ଜଗନ୍ନାଥ କଳା ମଞ୍ଚର ସମ୍ପାଦକ ଉମାକାନ୍ତ ବେହେରା, ଅନ୍ୟ ମାନଙ୍କ ମଧ୍ୟରେ ଅକ୍ଷୟ କୁମାର ସାହୁ ଓ କହ୍ନେଇ ନାହାକ, ବୈରାଗୀ ଦାସ, କୈଳାସ ଚନ୍ଦ୍ର ସ୍ୱାଇଁ ଓ ସଭା ପରିଚାଳନା କରୁଥିଲେ।

## ଓସିଏସ ପାଇଥିବା ରାଜଶ୍ରୀ ସମ୍ବର୍ଦ୍ଧିତ

କୃଷ୍ଣପ୍ରସାଦ,୧ ।୬ (ନିପ୍ର): ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ରାଜଶ୍ରୀ ଜାଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ପୁରୀ ସାଂସଦ ଡ଼ଃ ସମ୍ବିତ ପାତ୍ର ,ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ରାଜଶ୍ରୀଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାତପଡ଼ା ପଞ୍ଚାୟତ ସରପଞ୍ଚ ରଶ୍ମିତା ସାମନ୍ତରାୟ, ପିରିଜିପୁର ପଞ୍ଚାୟତ ସରପଞ୍ଚ ଇଂ ମଳୟ କୁମାର ଜେନା, ସାତପଡ଼ା ମଣ୍ଡଳ ବିଜେପି ସଭାପତି ପ୍ରଦୀପ୍ତ କୁମାର ବେହେରା,ତାଳ ଗୁଡ଼ ନିଗମ ଅଧକ୍ଷ ପ୍ରଫୁଲ ଚନ୍ଦ୍ର ଜେନା,



ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ସରୋଜ କୁମାର ଲେଙ୍କା ସମେତ ସ୍ଥାନୀୟ ଅଞ୍ଚଳର ମୁରବି ମାନେ ଉପସ୍ଥିତ ଥିଲେ ।ସେହିପରି କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ ଏବଂ ତାଙ୍କ ପ୍ରତିନିଧି ବିଜୟ କୁମାର ତରେଇ ରାଜଶ୍ରୀଙ୍କ ବାସଭବନ ବଳଭଦ୍ରପୁର ଗ୍ରାମରେ ରେ ପହଁଚି ସମ୍ବର୍ଦ୍ଧିତ କରିଥିବା ଜଣାଯାଇଛି । ବଳଭଦ୍ରପୁର ଗ୍ରାମବାସୀଙ୍କ ତରଫରୁ କମିଟି ସଭାପତି କୃତିବାସ ଦଳାଇ ଓ ସମ୍ପାଦକ ସୁଧାକର ନାୟକଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା । ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚାରିଛକ,୧ ।୬ (ନିପ୍ର): ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତ ଚାରି ମୌଜା ଠାରେ ଥିବା ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଭଞ୍ଜଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବେଶ୍ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଏବିଇଓ ସିମାନ୍ତ ଶେଖର ରଥଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଓସେପାର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ସମରଥ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ନିମାପଡ଼ା ମଣ୍ଡଳ ଶିକ୍ଷାଅଧିକାରୀ ଅନିଲ କୁମାର ବିଶ୍ୱାଳ , ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସୁଦର୍ଶନ ଭୋଇ, ଛଣିଜଙ୍ଗ କ୍ଲଷ୍ଟର ସି.ଆର.ସି.ସି. ଅବଦୁଲ ମିସ୍କିନ ଖାନ, ନିମାପଡ଼ା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ କଲ୍ୟାଣ କୁମାର ସ୍ୱାଇଁ, ପରିଚାଳନା କମିଟିର ସଭାପତି ବିଶ୍ୱନାଥ ନାୟକ, ନିମାପଡ଼ା ଓ.ପି.ଟି.ଏ. ସଭାପତି ସୁମନ୍ତ କୁମାର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଅଜୟ ପରିଡା, ସମିତି ସଭ୍ୟା ଲକିବାଳା ନାୟକ, ଶିକ୍ଷକନେତା ତ୍ରିଲୋଚନ କର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ କର, ବ୍ରଜକିଶୋର ସାହୁ,ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନେତ୍ରାନନ୍ଦ ବାରିକ, ଶିକ୍ଷକ ବିଜୟ କୁମାର ନାୟକ, ପ୍ରଧାନ ଶିକ୍ଷକ ଅଜୟ କୁମାର ସେଠୀ ଏବଂ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ କୈଳାସ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

# ରାଜେନ୍ଦ୍ରାଭିଷେକ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ଅନୁମୋଦିତ

ପୁରୀ,୧ ।୬ (ନିପ୍ର): ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟକୁ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ଶୃଙ୍ଖଳିତ ନୀତି କାନ୍ତି ସହ ମହାପ୍ରଭୁଙ୍କ ସ୍ନାନଯାତ୍ରା ଏବଂ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା କିଭଳି ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେନେଇ ଛତିଶା ନିଯୋଗ ସେବାୟତ ପ୍ରତିନିଧିଙ୍କ ସହଯୋଗ ଲୋଡିଛି ଶ୍ରୀମନ୍ଦିର ପ୍ରଶାସନ। ବୈଠକ ସରିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜେନ୍ଦ୍ରାଭିଷେକ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଚୂଡାନ୍ତ ହୋଇଥିବା ନୀତି ନିର୍ଘଣ୍ଟ କୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ଚଳିତ ବର୍ଷ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀକୁ ମଧ୍ୟ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ଆସନ୍ତା ଜୁନ୍ ୫ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ତେବେ ସ୍ନାନଯାତ୍ରାରେ ପହଣ୍ଡି ବିଜେ, ଜଳ ବିଜେ, ଜଳ ଲାଗି, ଛେରା ପହଁରା, ହାତୀବେଶକୁ ଶୃଙ୍ଖଳିତ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ସେବାୟତ। ରଥଯାତ୍ରା ସମୟରେ ଶୃଙ୍ଖଳିତ ପହଣ୍ଡି ଓ ରଥଟଣା ସହିତ ଶୃଙ୍ଖଳିତ ଦର୍ଶନ ନେଇ ସହଯୋଗ ଲୋଡ଼ା ଯାଇଛି। ବିଗତ ବର୍ଷ ଘଟିଥିବା ଅଘଟଣକୁ ସଂଶୋଧନ କରି ଚଳିତ ବର୍ଷ ସମସ୍ତଙ୍କର ସହଯୋଗରେ କିଭଳି ଶୃଙ୍ଖଳିତ ଘୋଷଯାତ୍ରା ଅନୁଷ୍ଠିତ ହେବ ସେନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ । ଠାକୁରଙ୍କ ଦୈନନ୍ଦିନ ନୀତି କାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତ ସେବକ ଛତିଶା ନିଯୋଗ ବୈଠକରେ ପ୍ରତିଶ୍ରୁତି ଦେଇଛନ୍ତି। ଜୁନ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ପ୍ରାତଃ ୪ ଟା ୩୦ ରେ ମଙ୍ଗଳାର୍ପଣ, ୫ ଟା ରୁ ୭ ଟା ମଧ୍ୟରେ ଡୋର ଲାଗି, ପୁଷ୍ପାଞ୍ଜଳି ହୋଇ ପହଣ୍ଡି ଆରମ୍ଭ ହେବ। ୯ ଟା ବେଳେ ମଙ୍ଗଳା ଆଳତି ଅନୁଷ୍ଠିତ ହୋଇ ଅନ୍ୟାନ୍ୟ ନୀତି କାନ୍ତି ଅନୁଷ୍ଠିତ ହେବା ପରେ ଦିନ ୧୨ ଟା ରୁ ୨ ଟା ମଧ୍ୟରେ ଜଳ ବିଜେ, ପୂଜା, ସ୍ନାନ ନୀତି ଅନୁଷ୍ଠିତ ହେବ। ୩ ଟା ୩୦ ମିନିଟ ସମୟରେ ଛେରା ପହଁରା ଅନୁଷ୍ଠିତ ହେବା ପରେ ୪ ଟା ରୁ ୫ ଟା ମଧ୍ୟରେ ମହାପ୍ରଭୁଙ୍କ ଚିତାକର୍ଷକ ହାତୀ ବେଶ ଅନୁଷ୍ଠିତ ହେବ। ରାତି ୧୧ ଟା ରୁ ୨ ମଧ୍ୟରେ ବାହୁଡ଼ା ପହଣ୍ଡି ନୀତି ଅନୁଷ୍ଠିତ ହେବ।ସେହିପରି ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରା ଦିନ ସକାଳ ୬ ଟା ରେ ମଙ୍ଗଳା ଆଳତି ଅନୁଷ୍ଠିତ ହେବା ପରେ ଅନ୍ୟାନ୍ୟ ନୀତି କାନ୍ତି କରାଯାଇ ସକାଳ ୮ ଟା ରୁ ୯ ଟା ମଧ୍ୟରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ନୀତି ଅନୁଷ୍ଠିତ ହେବ। ୯ ଟା ବେଳେ ରଥ ପ୍ରତିଷ୍ଠା, ୯ ଟା ୧୫ ରେ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇ ୯ ଟା ୩୦ ରେ ପହଣ୍ଡି ଆରମ୍ଭ ହେବ। ୧୨ ଟା ୩୦ ରେ ପହଣ୍ଡି ଶେଷ ହୋଇ ୧୨ ଟା ୩୦ ରୁ ୧ ଟା ମଧ୍ୟରେ ମଦନମୋହନ ବିଜେ ହେବେ। ଏହାପରେ ଚିତା ଲାଗି ଏବଂ ବେଶ ଶେଷ ହୋଇ ଦିନ ୨ ଟା ରୁ ୩ ଟା ମଧ୍ୟରେ ଛେରା ପହଁରା ନୀତି ଅନୁଷ୍ଠିତ ହେବ। ୩ ଟାରୁ



୪ ଟା ମଧ୍ୟରେ ଚାର ଫିଟା ଓ ଘୋଡା ସାରଥୀ ଲାଗି ପରେ ଅପରାହ୍ନ ୪ ଟାରେ ରଥ ଟଣା ଆରମ୍ଭ ହେବ। ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏହି ନୀତି ନିର୍ଘଣ୍ଟକୁ ଅନୁମୋଦନ କରାଯାଇଛି। ବୈଠକରେ ପୁରୀ ଜିଲ୍ଲାପାଳ, ଏସପି, ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ଛତିଶା ନିଯୋଗର ସେବାୟତ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ତେବେ ମହାପ୍ରଭୁଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ସ୍ନାନଯାତ୍ରା ଓ ଘୋଷଯାତ୍ରା ଶୃଙ୍ଖଳିତ ଓ ସୁରୁଖୁରୁରେ ଆୟୋଜନ ହେବ ବୋଲି ଆଶା ରଖିଛନ୍ତି ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ। ସେପଟେ ଆସନ୍ତା ଜୁନ୍ ୨୯ ରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଏବଂ ଜୁଲାଇ ୧୬ରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ତେବେ ସ୍ନାନଯାତ୍ରା ଓ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପୁରୀ ଏସପିଙ୍କ କାର୍ଯ୍ୟାଳୟରେ ଆଜି ପୁରୀ ପୋଲିସ ସହ ଦଇତାପତି ନିଯୋଗ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି ।ପୁରୀ ଏସପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଇତାପତି ନିଯୋଗର ସଭାପତି, ସମ୍ପାଦକ ଙ୍କ ସହ ବରିଷ୍ଠ ସଦସ୍ୟ ମାନେ ଉପସ୍ଥିତ ଥିଲେ। ବୈଠକରେ ସ୍ନାନ ଯାତ୍ରା ଓ ଘୋଷଯାତ୍ରା ନୀତି କାନ୍ତିକୁ ଶୃଙ୍ଖଳିତ କରିବା, ପହଣ୍ଡି ବିଜେ ନୀତି ନିର୍ଦ୍ଧାରିତ ସମୟରେ ସମାପନ କରିବା ଏବଂ ପ୍ରଶାସନ ସହିତ ସେବାୟତମାନେ ସମନ୍ୱୟ ରଖି ସମସ୍ତ କାର୍ଯ୍ୟ କରିବାକୁ ବୈଠକରେ ସେବାୟତ ଙ୍କୁ ଅନୁରୋଧ କରିଥିଲେ ଏସପି।

## ଦେଶୀ ପିସ୍ତଲ ଯୋଗାଣକାରୀ କାଳିଆ ପଲେଇ ଗିରଫ

ପୁରୀ,୧ ।୬ (ନିପ୍ର); ପୁରୀରେ ଦେଶୀ ପିସ୍ତଲ କାରବାର କରୁଥିବା ଦୁର୍ବୃତ୍ତ ଗିରଫ ହେବା ଭୟରେ ଫେରାର ହୋଇଯାଇଥିଲା ।ତେବେ ସେ ଲୋକନାଥ ରୋଡ୍ ଷଣ୍ଢଯାଗା ନିକଟରେ ବୁଲାବୁଲି କରୁଥିବା ବେଳେ ପୁଲିସ ତାକୁ ସେଠାରୁ ଗିରଫ କରିଛି । ଏ ସଂକ୍ରାନ୍ତରେ ଟାଉନ୍ ମାସରେ ୮୫/ ୨୬ ନମ୍ବରରେ ଏକ ମାମଲା ରୁଜୁ କରିଥିଲା ।ଆଜି ଏହି ଥାନା ପୁଲିସ ଗତ ଫେବ୍ରୁଆରି ମାମଲାରେ ପୁଲିସ ସଦର ଥାନା ଅନ୍ତର୍ଗତ ହରେକୃଷ୍ଣପୁର ରାହାଙ୍ଗିରୀଆ ଗାଁର କାଳିଆ ଓରଫ କୃଷ୍ଣଚନ୍ଦ୍ର ପଲେଇ(୩୭)କୁ ଗିରଫ ପରେ କୋର୍ଟଚାଲାଣ କରିଛି ।ପୁଲିସ ସୂତ୍ରରୁ ପ୍ରକାଶ ଯେ ଟାଉନ୍ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ଦୁର୍ବୃତ୍ତ ଟାଉନ ଥାନା ଅନ୍ତର୍ଗତ ବାରବାଟି ଯାଗା ନିକଟରେ ଦେଶୀ ପିସ୍ତଲ ଧରି ଚାଲାଣ କରିବା ପାଇଁ ଅପେକ୍ଷା କରିଥିବା ଖବର ମିଳିଥିଲା ।ପୁଲିସ ସେଠାରେ ସଦଳବଳେ ଚଢ଼ଉ କରି ଟାଉନ୍ ଥାନା ଅନ୍ତର୍ଗତ ହରଚଣ୍ଡୀସାହି ଲୋକନାଥ ରୋଡ୍‌ର ଜ୍ଞାନେନ୍ଦ୍ର ମାଣିଆ(୩୩)କୁ ଧରିଥିଲା। ତାକୁ ଯାଞ୍ଚ କରିବାରେ ତା ନିକଟରୁ ପୁଲିସ ଗୋଟିଏ ଦେଶୀ ପିସ୍ତଲ, ମାଗାଜିନ୍, ଏକ ଲାପଟପ୍, କିବୋର୍ଡ, ଦୁଇଟି ମୋବାଇଲ ଫୋନ୍, ମୋବାଇଲ ଫୋନ୍ ଚାର୍ଜର ଓ ୧୫ଶହ ଟଙ୍କା ଜବତ କରିଥିଲା ।ତେବେ ସେ ଗତ ୬ ମାସ ପୂର୍ବେ ଏହି ପିସ୍ତଲକୁ ନାଗାମଠ ଲେନ୍‌ର ଶିବାନୀ ଶଙ୍କର ମହାପାତ୍ର(୩୭) ଠାରୁ ୨୦ ହଜାର ଟଙ୍କାର କିଣିଥିବା କହିଥିଲା ।ପୁଲିସ ପ୍ରଥମେ ଜ୍ଞାନେନ୍ଦ୍ରକୁ -ଗିରଫ କରିଥିଲା ।ତା'ପରେ ପୁଲିସ ଶିବାନୀକୁ ଧରିବା ପରେ ସେ କହିଥିଲା ଯେ ସେ ଗତ ଏକ ବର୍ଷ ପୂର୍ବେ ଏହି ପିସ୍ତଲକୁ ହରେକୃଷ୍ଣପୁର ରାହାଙ୍ଗିରିଆ ଗାଁର କାଳିଆ ପଲେଇଠାରୁ କିଣିଥିବା ନେଇ ସ୍ୱୀକାର କରିଥିଲା ।ତେଣୁ କାଳିଆ ବିରୋଧରେ ପୁଲିସ ମାମଲା ରୁଜୁ କରିଥିବା ଜାଣିବା ପରେ ସେ ଡାଇକୋର୍ଟରେ ଜାମିନ ଆବେଦନ କରିଥିଲା ।ମାତ୍ର ମାନ୍ୟବର ବିଚାରପତି ଏହି ଆବେଦନକୁ ଗ୍ରହଣ ନକରି ଫେରାଇ ଦେଇଥିଲେ ।



## ବିଧାୟକଙ୍କ ଉଦ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଗିଲା ଏସି

ପାରଳାଖେମୁଣ୍ଡି,୧ ।୬ (ନିପ୍ର); ବିଧାୟକଙ୍କ ଉଦ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଗିଲା ଏସି। ଗରମ ଦାଉରୁ ରୋଗୀଙ୍କୁ ସାମାନ୍ୟ ଆଶ୍ୱସ୍ତ ମିଳିଛି। ସାରା ରାଜ୍ୟ ଗ୍ରୀଷ୍ମ ପ୍ରବାହର ପ୍ରକୋପରେ ଆଉଟପାଉଟ ହେଉଥିବା ବେଳେ ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଅବସ୍ଥା କହିଲେ ନସରେ। ରୋଗୀ ୱାର୍ଡ ଗୁଡିକରେ ଏସି ନଥିବାରୁ ଗରମରେ ବହୁ କଷ୍ଟ ଭୋଗୁଥିଲେ ରୋଗୀ। ଏପରି ସମୟରେ ରୋଗୀଙ୍କ ଅବସ୍ଥା ବୁଝିବାକୁ ହସ୍ପିଟାଲରେ ପହଞ୍ଚିଥିଲେ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ ପାଣିଗ୍ରାହୀ ରୋଗୀଙ୍କ ଦୁଃଖକୁ ହୃଦୟଙ୍ଗମ କରିଥିଲେ ବିଧାୟକ । ବାରମ୍ବାର ହସ୍ପିଟାଲ ଗସ୍ତ କରି ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ହସପିଟାଲ ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ସହ ଆଲୋଚନା କରି ଯୁଦ୍ଧକାଳୀନ ଭିତିରେ ସମସ୍ତ ୱାର୍ଡରେ ଏସି ଲଗେଇବା ବ୍ୟବସ୍ଥା ରଖିଛନ୍ତି। ଫଳରେ ଗରମ ଦାଉରୁ ରୋଗୀଙ୍କୁ ସାମାନ୍ୟ ଆଶ୍ୱସ୍ତ ମିଳିଛି। ସମସ୍ୟା ନେଇ ଗବାରମ୍ବାର ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ହୋଇ ପାରି ନଥିଲା ଏସି ଲଗେଇବା ବ୍ୟବସ୍ଥା। ଅର୍ଥ ମଞ୍ଜୁର ହୋଇନଥିବାରୁ ଏହା ହୋଇ ପାରି ନଥିବା ବେଳେ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ବିଧାୟକ। ହସ୍ପିଟାଲର ସ୍ଥିତି ଅନୁଧ୍ୟାନ କରିବା ସହ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ୱାର୍ଡରେ ଏସି ଲାଗିବା ଫଳରେ ବର୍ତ୍ତମାନ ଆଶ୍ୱସ୍ତ ମିଳିଥିବା କହିଛନ୍ତି ରୋଗୀ ଓ ରୋଗୀ ସମ୍ପର୍କୀୟ। ବିଧାୟକ ନିଜେ ଏହାର ଦାୟିତ୍ୱ ନେଇ ଏହାର ସମାଧାନ କରିଥିବାରୁ ବିଧାୟକଙ୍କୁ ସାଧୁବାଦ ଜଣାଇଛନ୍ତି।

## ଭାରତୀୟ ମଜଦୁର ସଂଘର ଜିଲ୍ଲାସ୍ତରୀୟ ବୈଠକ

ରାୟଗଡ଼ା,୧ ।୬ (ନିପ୍ର): ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୁର ସଂଘର ଜିଲ୍ଲା ବୈଠକ ଅନୁଷ୍ଠିତ ହୋଇଛି । ରାୟଗଡ଼ା ରାଣିଗୁଡା ଫର୍ମ ଠାରେ ଜିଲ୍ଲା ସଭାପତି ମହନ ରାଓ ମାଝି ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ , ପ୍ରଭାରୀ ବିଶ୍ୱ ରଞ୍ଜନ ସାହା , ଯୋଗ ଦେଇ ଚଳିତ ମାସ ୨୧ ତାରିଖ ଦିନ ହେବାକୁ ଥିବା ଭାରତୀୟ ମଜଦୁର ସଂଘର ଜିଲ୍ଲା ସମ୍ମିଳନୀ ସହ ନୂତନ କର୍ମକର୍ତ୍ତା ଚୟନ କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।ଆଗାମୀ ଦିନରେ ରାୟଗଡ଼ା ଜିଲ୍ଲାରେ ଭାରତୀୟ ମଜଦୁର ସଂଘକୁ ପଞ୍ଚାୟତ ଏବଂ ବ୍ଲକ ସ୍ତରରୁ କେନ୍ଦ୍ର ପର୍ଯ୍ୟନ୍ତ କିଭଳି ସଂଗଠନ କୁ ବିସ୍ତାର ଓ ମଜଭୂତ କରାଯିବ ତାପାଇଁ ପ୍ରସ୍ତୁତି କରାଯାଇଥିଲା ଏବଂ ବିଭିନ୍ନ ସଂଗଠନ ର ସମସ୍ୟା ଦାବି ଗୁଡିକକୁ କିଭଳି ବ୍ଲକ ଜିଲ୍ଲା ରାଜ୍ୟ ସ୍ତର ରେ ଆଲୋଚନା କରାଯାଇ ତାହାର ସମାଧାନ କରାଯିବା ପାଇଁ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ଅଲ ଓଡିଶା ଅଙ୍ଗନବାଡି ଲେଡ଼ିଜ ୱାର୍କର ଆସିସିଏସନ, ଓଡିଶା ରାଜ୍ୟ ଆଶା କର୍ମୀ ସଂଘ, ଓଡ଼ିଶା ରାଜ୍ୟ ହସ୍ପିଟାଲ କର୍ମଚାରୀ ସଂଘ , ଓଡିଶା ପାଚିକା ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଓଡିଶା କୃଷି ଓ ଗ୍ରାମୀଣ ମଜଦୁର ସଂଘ, ଜେକେ ପେପର ମଜଦୂର ସଂଘ , ଉତ୍କଳ ଆଲୁମିନା ଠିକା ମଜଦୁର ସଂଘ , ଇମ୍ପା ଠିକା କର୍ମଚାରୀ ସଂଘ, ରାୟଗଡ଼ା ପରିବା ବ୍ୟବସାୟ ମଜଦୂର ସଂଘ , ରାୟଗଡ଼ା ସଫେଇ ମଜଦୁର ସଂଘ , ରାୟଗଡ଼ା ଜିଲ୍ଲା ରାଜ ମେସ୍ତ୍ରୀ ସଂଘ ସହ ୧୧ ଟି ବ୍ଲକର ନେତୃବୃନ୍ଦ ଏବଂ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।ଶେଷରେ ଭାରତୀୟ ମଜଦୁର ସଂଘ ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୈବ ବିବିଧତା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ପୁରୀ,୧ ।୬ (ନିପ୍ର); ଓଡିଶା ଜୈବ ବିବିଧତା ବୋର୍ଡ, ଚିଲିକା ବନଖଣ୍ଡ ଓ ସପ୍ନା ସଂସ୍ଥା ମିଳିତ ଅଧ୍ୟକ୍ଷତାରେ ବ୍ଲକ ସଭା କକ୍ଷ ଓ ବଜ୍ରକୋଟ ପଞ୍ଚାୟତ ଆଶ୍ରୟସ୍ଥଳୀ ଠାରେ ଜୈବ ବିବିଧତା ପରିଚାଳନା ସମିତି (ବିଏମସି)ର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ବୃକ୍ଷଲତା ଓ ଜଳଚର ଜୀବଙ୍କ ବଂଶ ଲୋପ ପାଉଥିବାରୁ ଏହାର ପୁନରୁଦ୍ଧାର ଓ ସଂରକ୍ଷଣ ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ଜୈବ ବିବିଧତା ବୋର୍ଡ ବନଖଣ୍ଡ ଅଧିକାରୀ ଶିଶିର କୁମାର ମିଶ୍ର , ବିଡିଓ ଅମିୟ କୁମାର ପଣ୍ଡା,ଭାରତୀୟ ସର୍ବେକ୍ଷଣ ପ୍ରାଣୀ ବୈଜ୍ଞାନିକ ଡଃ ଅନିଲ ମହାପାତ୍ର, ବରିଷ୍ଠ ବୈଜ୍ଞାନିକ ଡଃ ଶିବ ପ୍ରସାଦ ପରିଡା,ବୋର୍ଡ ପ୍ରାଣୀ ବୈଜ୍ଞାନିକ ଡଃ ସତ୍ୟ ରଞ୍ଜନ ବେହେରା ,ଉଦଭିଦ ବୈଜ୍ଞାନିକ ଡଃ ପ୍ରସନ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଉଦ୍ଭିଦ ଓ ପ୍ରାଣୀ ଜଗତର ବିଭିନ ବୃକ୍ଷରାଶି ଓ ଜଳଚର ଜୀବଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ ।ବିଭିନ ପଞ୍ଚାୟତର ଜୈବ ବିବିଧତା ପରିଚାଳନା ସମିତିର ସଭାପତି, ସମ୍ପାଦକ ଓ ସଭ୍ୟ ସଭ୍ୟାମାନେ ଚାଷ ସମ୍ପର୍କରେ ମତ ଦେବା ସହ ଜନ ଜୈବ ବିବିଧତା ପଞ୍ଜିକା କିପରି ଭାବେ ପ୍ରସ୍ତୁତ କରାଯିବ ଆଲୋଚନା ହୋଇଥିଲା

## ବରିଷ୍ଠ ଆଚାର୍ଯ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ହିଞ୍ଜିଳିକାଟୁ,୧ ।୬ (ନିପ୍ର): ହିଞ୍ଜିଳିକାଟୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷା ଦାନ କରୁଥିବା ବରିଷ୍ଠ ଆଚାର୍ଯ୍ୟ ଅରୁଣ କୁମାର ସାମନ୍ତରାଙ୍କୁ ଅନୁଷ୍ଠାନ ତରଫରୁ ରବିବାର ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପରିଚାଳନା କମିଟି ଉପସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଆଶିଷ କୁମାର ସାହୁ, ଯୁଗ୍ମ ସମ୍ପାଦକ ସୀମାଞ୍ଚଳ ପ୍ରଧାନ ଓ କୋଷାଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ଚଣ୍ଡୀ ପ୍ରସାଦ ବେହେରା ଓ ସଭ୍ୟା ସୁପ୍ରିୟା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ଆଚାର୍ଯ୍ୟ ଶ୍ରୀ ସାମନ୍ତରାଙ୍କ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତିତା, ଶିକ୍ଷା ଦାନ କ୍ଷେତ୍ରରେ ପାରଦର୍ଶିତା, ଅମାୟିକ ବ୍ୟବହାର ଲାଗି ବିଦ୍ୟାର୍ଥୀ ଓ ସହଯୋଗୀ ଆଚାର୍ଯ୍ୟଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି ଅତିଥି ମାନେ ବକ୍ତବ୍ୟ ପ୍ରଧାନ କରି ପ୍ରଶଂସିତ କରିଥିଲେ।ଏକ ଭାବ ବିହ୍ୱଳ ପରିବେଶରେ ବିଦ୍ୟାଳୟ ତରଫରୁ ତାଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରି ୧୦ ହଜାର ଟଙ୍କା, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଚାର୍ଯ୍ୟ ଓ ଆଚାର୍ଯ୍ୟା ସମୂହ ଉପହାର ପ୍ରଦାନ କରି ତାଙ୍କୁ ମଧ ସମ୍ମାନିତ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ରିତାଞ୍ଜଳି ମିଶ୍ର ବୌଦ୍ଧିକ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଉନ୍ନୟନ କାର୍ଯ୍ୟ ହେଉନଥିବାରୁ ଅସ୍ତିତ୍ୱ ହରାଉଛି ମୁଣ୍ଡାଢିପା ଭୋଗରା ପୋଖରୀ

କୁଚିଣ୍ଡା,୧ ।୬ (ନିପ୍ର); ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ପିଣ୍ଡାପଥର ପଞ୍ଚାୟତର ପିଣ୍ଡାପଥର (ମୁଣ୍ଡାଢିପା) ଭୋଗରା ପୋଖରୀରରେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ କୌଣସି ଉନ୍ନୟନ କାର୍ଯ୍ୟ ହୋଇପାରୁନାହିଁ। ପୋଖରୀର ଏକ ଅଂଶକୁ ନେଇ ଜଣେ ବ୍ୟକ୍ତିଙ୍କ ମଧ୍ୟରେ ବିବାଦ ଥିବା ଓ ଏହା କୋର୍ଟରେ ମାମଲା ରହିଥିବା ବେଳେ ପ୍ରଶାସନ ପକ୍ଷରୁ ମାମଲାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆ ଯାଉନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘ ବର୍ଷ ଧରି ପୋଖରୀର ମରାମତି କିମ୍ବା ପୁନରୁଦ୍ଧାର ନହେବା କାରଣରୁ ପୋଖରୀଟି ଧୀରେ ଧୀରେ ନିଜର ଅସ୍ତିତ୍ୱ ହରାଇବାରେ ଲାଗିଛି। ତେଣୁ ତୁରନ୍ତ ଏହାର ସମାଧାନ କରି ପୋଖରୀର ଉନ୍ନତିକରଣ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ମୁଣ୍ଡାଢିପାର ଭୋଗରା ପୋଖରୀ ଗ୍ରାମର ଏକ ପୁରାତନ ଜଳାଶୟ ହୋଇଥିଲେ ମଧ ବିଗତ ଏକ ଦଶନ୍ଧି ଧରି ଏହାର ସଂରକ୍ଷଣ ଓ ଉନ୍ନୟନ ପ୍ରତି କୌଣସି ପଦକ୍ଷେପ ନିଆଯାଇନାହିଁ। ପୋଖରୀର କିଛି



ଅଂଶକୁ ନେଇ ଜମି ବିବାଦ ଥିବା ବେଳେ ଜଣେ ସ୍ଥାନୀୟ ବ୍ୟକ୍ତି ସେହି ଜମି ଉପରେ ନିଜର ହକ ଦାବି କରି ଆଇନଗତ ଲଢ଼େଇ କରୁଥିବାରୁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ପଞ୍ଚାୟତ ପକ୍ଷରୁ କୁହାଯାଉଛି। ଉପୁଜିଥିବା ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ପୂର୍ବରୁ ପିଣ୍ଡାପଥର ପଞ୍ଚାୟତ,ବାମରା ବ୍ଲକ ଓ କୁଚିଣ୍ଡା ଉପଜିଲ୍ଲାପାଳଙ୍କ ସମେତ ବାମରା ତହସିଲ କାର୍ଯ୍ୟାଳୟରେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ସ୍ଥାୟୀ ସମାଧାନ କରାଯାଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପ୍ରଶାସନିକ ଅବହେଳା କାରଣରୁ ପୋଖରୀରେ କୌଣସି ଉନ୍ନୟନ କାର୍ଯ୍ୟ ହୋଇ ପାରୁନଥିବା ନେଇ ଗ୍ରାମବାସୀ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୀଘ୍ର ଏଦିଗରେ ପଦକ୍ଷେପ ନିଆନଗଲେ ଗ୍ରାମବାସୀ ରାସ୍ତାରୋକ ଆନ୍ଦୋଳନ କରବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଥାଉକି, ଦୀର୍ଘ ବର୍ଷ ଧରି ଉନ୍ନୟନ କାର୍ଯ୍ୟ ନହେବାରୁ ପୋଖରୀରେ ପଙ୍କ ଓ ଜଳ ଘାସ ଆଚ୍ଛାଦିତ ହୋଇ ରହିଥିବାରୁ ପୂର୍ବଭଳି ବ୍ୟବହାର ଉପଯୋଗୀ ହେଉନାହିଁ। ଫଳରେ ଜନସାଧାରଣ ଗାଧୋଇବା, ଗୃହପାଳିତ ପଶୁଙ୍କ ପାଣି ପିଇବା ଓ ଅନ୍ୟାନ୍ୟ କାର୍ଯ୍ୟରେ ଏହାର ବ୍ୟବହାର ପ୍ରାୟ ବନ୍ଦ ହୋଇଯାଇଛି। ଉନ୍ନୟନ କାର୍ଯ୍ୟ ନହେଲେ ଆଗାମୀ ଦିନରେ ପୋଖରୀଟି ସମ୍ପୂର୍ଣ୍ଣ ଭାବେ ପରିତ୍ୟକ୍ତ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ପିଣ୍ଡାପଥର ସରପଞ୍ଚ ବିରଞ୍ଚି ମାଝିଙ୍କୁ ପଚାରିବାରେ ସେ କହିଛନ୍ତି, ପୋଖରୀକୁ ନେଇ ଜମି ବିବାଦ ଥିବା ଓ ମାମଲା କୋର୍ଟରେ ବିଚାରାଧୀନ ରହିଥିବାରୁ କୌଣସି ଉନ୍ନୟନକାର୍ଯ୍ୟ ହୋଇପାରୁନାହିଁ ।

# ଫ୍ୟାକ୍ଟ୍ରିରେ ବିଷାକ୍ତ ଗ୍ୟାସ୍ ଲିକ୍: ୩ ମୃତ, ୨ ଆହତ

ଲୁଧିଆନା, ୧।୬: ଲୁଧିଆନାର ଚିମା ଚୌକ ନିକଟସ୍ଥ ଇଣ୍ଡଷ୍ଟ୍ରିଆଲ୍ ଏ ବ୍ଲକରେ ଥିବା ଏକ ମେସିନ୍ ଟୁଲ୍ସ ଫ୍ୟାକ୍ଟ୍ରିରେ ବର୍ଜ୍ୟବସ୍ତୁ ନିଷ୍କାସନ ସମୟରେ ବିଷାକ୍ତ ଗ୍ୟାସ୍ ଲିକ୍ ହେବା ଫଳରେ ତିନି ଜଣଙ୍କର ମୃତ୍ୟୁ ହୋଇଛି । ଲୁଧିଆନା ଡିସିପି ହରପାଲ ସିଂହଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣା ରବିବାର -ସୋମବାର ରାତି ପ୍ରାୟ ୨ଟା ୩୦ ମିନିଟ ସମୟରେ ଘଟିଥିଲା । ଏହି ଘଟଣାରେ ଗୁରୁତର ହୋଇଥିବା ଅନ୍ୟ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୁଲିସର ସୂଚନା ଅନୁଯାୟୀ, ପରେ ପାଞ୍ଚ ଜଣଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା । ସେମାନଙ୍କ ମଧ୍ୟରୁ ଚିକିତ୍ସା ସମୟରେ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟ ଦୁଇଜଣଙ୍କ ଅବସ୍ଥା ସ୍ଥିର ରହିଛି ଓ ସେମାନେ ଡାକ୍ତରୀ ନିରୀକ୍ଷଣରେ ଅଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ମାନ ସିଂହ ଓ ତାଙ୍କ ପୁଅ ଅମିତ ଅଛନ୍ତି । ପ୍ରାଣ ହରାଇଥିବା ତୃତୀୟ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ । ମାନ ସିଂହଙ୍କ ଝିଅ ରେଣୁ ଅଭିଯୋଗ କରିଛନ୍ତି ଯେ, ତାଙ୍କ ବାପା ସେହି ରାତିରେ କାମକୁ ଯିବାକୁ ଅନିଚ୍ଛା ପ୍ରକାଶ କରିବା ସତ୍ତ୍ୱେ ତାଙ୍କୁ ଡ୍ୟୁଟିରେ ଯୋଗ ଦେବାକୁ ବାଧ୍ୟ କରାଯାଇଥିଲା । ରେଣୁ କହିଛନ୍ତି ଯେ, ପ୍ରଭାବିତ ଶ୍ରମିକମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ମଧ୍ୟ ପରିବାରକୁ ଘଟଣା ବିଷୟରେ ଅବଗତ କରାଯାଇ ନଥିଲା । ଫ୍ୟାକ୍ଟ୍ରି ମାଲିକ ନିଜେ ଶ୍ରମିକମାନଙ୍କୁ ଡାକ୍ତରଖାନା ନେଇଯାଇଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ତାଙ୍କ ପରିବାର ତାଙ୍କ ବାପା ଓ ଭାଇଙ୍କୁ ଫ୍ୟାକ୍ଟ୍ରିରେ ଖୋଜିବା ପରେ ସେମାନେ ଦୁର୍ଘଟଣା ବିଷୟରେ ଜାଣିବାକୁ ପାଇଲେ । ରେଣୁ ଡାକ୍ତରଖାନାରେ ପହଞ୍ଚିବା ପରେ ତାଙ୍କ ବାପା ଓ ଭାଇ ଉଭୟଙ୍କ ମୃତ୍ୟୁ ହୋଇସାରିଥିବା କୁହାଯାଇଥିଲା । ପୁଲିସ ଏହି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି ।

## କଣ୍ଠଶିଳ୍ପୀ ସୁମନ କଲ୍ୟାଣପୁରଙ୍କ ପରଲୋକ



ମୁମ୍ବାଇ, ୧।୬: ଭେଟେରାନ କଣ୍ଠଶିଳ୍ପୀ ସୁମନ କଲ୍ୟାଣପୁରଙ୍କ ରବିବାର ପରଲୋକ ଘଟିଛି । ୮୯ ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଛି । ତାଙ୍କ ଦେହାନ୍ତର ଖବର ସଙ୍ଗୀତ ଜଗତରେ ଶୋକର ଛାୟା ଖେଳାଇ ଦେଇଛି । ବହୁ ପ୍ରଶଂସକ, ସେଲିବ୍ରିଟି ଏବଂ ରାଜନେତା ଏହି କିମ୍ବଦନ୍ତୀ ଗାୟିକାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ମରାଠୀ ଫିଲ୍ମରୁ କ୍ୟାରିଅର ଆରମ୍ଭ କରିଥିବା ସୁମନ ୮୫୦ରୁ ଅଧିକ ଫିଲ୍ମରେ କଣ୍ଠଦାନ କରିଛନ୍ତି । ସୁମନଙ୍କ ଚଳଚ୍ଚିତ୍ର ଜଗତର ଯାତ୍ରା 'ଶୁକ୍ରାଚୀ ଚାନ୍ଦନୀ' ଏବଂ 'ମଙ୍ଗୁ' (୧୯୫୪) ଭଳି ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିଲା । ସେ 'ଶରାବି ଶରାବି ୟେ ସାୱନ୍ କା ମୌସମ୍', 'ଆଜକଲ୍ ତେରେ ମେରେ ପ୍ୟାର୍ କେ ଚର୍ଚ୍ଚା', 'ନା ନା କରତେ ପ୍ୟାର, 'ନା ତୁମ୍ ହମେ ଜାନୋ', 'ପର୍ବତୋଁ କେ ପେଡ୍ରୋନ୍ ପର' ଏବଂ 'ନିମ୍ବୋନିଚ୍ୟା ଝଡ଼ା ମାଗେ' ଭଳି ଅନେକ ଗୀତରେ କଣ୍ଠଦାନ କରିଥିଲେ । ମହମ୍ମଦ ରଫିଙ୍କ ସହିତ ତାଙ୍କର ସହଯୋଗ ଅତ୍ୟନ୍ତ ଲୋକପ୍ରିୟତା ହାସଲ କରିଥିଲା । ଓଡ଼ିଆ ଫିଲ୍ମରେ ବି ଛାପ ଛାଡ଼ିଯାଇଛନ୍ତି ସୁମନ । 'ଗପ ହେଲେ ବି ସତ', 'ଚିଲିକା ତୀରେ', 'ସମୟ'ରେ ସେ କଣ୍ଠଦାନ କରିଛନ୍ତି । ଲତା ମଙ୍ଗେସକରଙ୍କ ସ୍ୱର ସହ ତାଙ୍କ ସମାନତା ଥିବାରୁ 'ଅନ୍ୟ ଲତା' କୁହାଯାଉଥିଲା ।

## ଛୋଟ ପିଲାଙ୍କ ପାଇଁ ସୋସିଆଲ ମିଡିଆ ନିଷେଧ କଲା ମାଲେସିଆ

କୁଆଲାଲମ୍ପୁର, ୧।୬: ମାଲେସିଆ ସୋମବାର ଦିନ ଏକ ନୂତନ ନିୟମ ଲାଗୁ କରିଛି । ୧୬ ବର୍ଷରୁ କମ୍ ବୟସର ପିଲାମାନେ ଆଉ ସୋସିଆଲ ମିଡିଆ ଆକାଉଣ୍ଟ ତିଆରି କରିପାରିବେ ନାହିଁ । ଫେସବୁକ୍, ଇନଷ୍ଟାଗ୍ରାମ୍, ଟିକଟକ୍ ଏବଂ ୟୁଟ୍ୟୁବ୍ ସମେତ ସମସ୍ତ ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାର କରିବା ପୂର୍ବରୁ ବୟସ ଯାଞ୍ଚ ଆବଶ୍ୟକ । ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଆକାଉଣ୍ଟ ତିଆରି କରିବା ନିଷେଧ । ଏହି ସରକାରୀ ନିୟମ ଉଲ୍ଲଂଘନ କରୁଥିବା କମ୍ପାନିଗୁଡ଼ିକୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ । ଏହି ନୂତନ ନିୟମ ଅନୁଯାୟୀ, ଯଦି ପିଲାମାନେ କୌଣସି ପ୍ରକାରେ ଆକାଉଣ୍ଟ ତିଆରି କରିବାରେ ସଫଳ ହୁଅନ୍ତି, ତେବେ ସେମାନଙ୍କ ପିତାମାତାଙ୍କୁ ଦଣ୍ଡ ଦିଆଯିବ ନାହିଁ । ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସୋସିଆଲ ମିଡିଆରୁ ଦୂରେଇ ରଖିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କ ଲକ୍ଷ୍ୟ ହେଉଛି ପିଲାମାନଙ୍କୁ କ୍ଷତିକାରକ ବିଷୟବସ୍ତୁ, ସାଇବର ଧମକ ଏବଂ ଅତ୍ୟଧିକ ଅନଲାଇନ୍ ଖର୍ଚ୍ଚ ଅଭ୍ୟାସରୁ ରକ୍ଷା କରିବା । ସରକାର କହିଛନ୍ତି ଯେ, ଆମେ ପିଲାମାନଙ୍କୁ ଇଣ୍ଟରନେଟ୍ ଠାରୁ ସମ୍ପୂର୍ଣ୍ଣ ନିଷିଦ୍ଧ କରୁନାହୁଁ, ବରଂ ସେମାନଙ୍କୁ ସୁରକ୍ଷିତ ରଖିବାକୁ ଚାହୁଁଛୁ । ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଏବେ ଏପରି ବୈଶିଷ୍ଟ୍ୟ ବିକଶିତ କରିବାକୁ ପଡିବ ଯାହା ପିଲାମାନଙ୍କୁ କ୍ଷତିକାରକ ବିଷୟବସ୍ତୁରୁ ରକ୍ଷା କରିବ । ଏହି ନିୟମ କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କୁ କିଛି ସମୟ ମଧ୍ୟ ଦିଆଯାଇଛି । ସୋସିଆଲ ମିଡିଆରେ ଥିବା ବିଷୟବସ୍ତୁ ଯୋଗୁଁ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କର ମାନସିକ ବିକାଶ ଅନେକ ଭାବରେ ପ୍ରଭାବିତ ହୋଇଥାଏ ।

## ବାହାଘରର କିଛି ଘଣ୍ଟା ପରେ ହେଲିକପ୍ଟର ଦୁର୍ଘଟଣା ସ୍ୱାମୀ ମୃତ, ହସ୍ପିଟାଲରେ ସ୍ତ୍ରୀ

ନୂଆଦିଲ୍ଲୀ, ୧।୬: ମାତ୍ର କିଛି ଘଣ୍ଟା ତଳେ ପରସ୍ପରର ହାତ ଧରିଥିଲେ । ବାହାଘର ପରେ ଖୁସିରେ କିଛି ସମୟ ବିତାଇଥିଲେ । ଏହାପରେ ବାହାଘର ଦିନକୁ ଆହୁରି ସ୍ମରଣୀୟ କରିବାକୁ ହେଲିକପ୍ଟରରେ ଯାତ୍ରା କରିଥିଲେ ନବ ଦମ୍ପତି । ହେଲେ ଅଧା ରାସ୍ତାରେ ଘଟିଲା ଅଘଟଣ । ନବ ଦମ୍ପତିଙ୍କୁ ନେଇ ଯାଉଥିବା ହେଲିକପ୍ଟରଟି ହଠାତ୍ ଦୁର୍ଘଟଣା ହୋଇଥିଲା । ଏହି ଦୁର୍ଘଟଣାରେ ପାଇଲଟଙ୍କ ସମେତ ମାତ୍ର କିଛି ଘଣ୍ଟା ତଳେ ବାହା ହୋଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଏବେ ତାଙ୍କ ପତ୍ନୀ ହସ୍ପିଟାଲରେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଆମେରିକାର ଜର୍ଜିଆରେ ଏତେ ବଡ଼ ଘଟଣା ଘଟିଛି । ମୃତ ବ୍ୟକ୍ତି ଜଣଙ୍କ ପେଶାରେ ଜଣେ ପାଇଲଟ । ସେ ଭାରତୀୟ ବଂଶୋଦ୍ଭବ । ପତ୍ନୀଙ୍କ ସହ ସେ ହେଲିକପ୍ଟରରେ ଯାତ୍ରା କରୁଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଆମେରିକୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଆଟଲାଣ୍ଟାରେ ରହୁଥିବା ଓ ଡେଲ୍ଟା ଏୟାର ଲାଇନ୍ସର ପାଇଲଟ୍ ୨୫ ବର୍ଷୀୟ ଡେଭ ଫିଜି ଡସନ କାଉଣ୍ଟୀର ଡସନଭିଲ୍ ନିକଟରେ ପାଞ୍ଚ ଆସନ ବିଶିଷ୍ଟ ରବିନସନ୍ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ।

# ଭାରତ- ମିଆଁମାର ସୁରକ୍ଷା, ଆର୍ଥିକ ସହଯୋଗ, ସଂଯୋଗ ସମ୍ପ୍ରସାରଣ ପାଇଁ ସହମତ



ନୂଆଦିଲ୍ଲୀ, ୧।୬: ଭାରତ ଏବଂ ମିଆଁମାର ଆର୍ଥିକ ଏବଂ ସୁରକ୍ଷା ସହଯୋଗ ଏବଂ ସଂଯୋଗ ସମ୍ପ୍ରସାରଣ କରିବା ଲାଗି ସହମତ ହୋଇଛନ୍ତି । ଭିତିଭୂମି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ବାଣିଜ୍ୟ ଓ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରିବା ଲାଗି ମଧ୍ୟ ନିଷ୍ପତି ନିଆଯାଇଛି । ଏଥି ସହିତ, ପଡ଼ୋଶୀ ଦେଶରୁ ଏକ ଆଶ୍ୱାସନା ଦିଆଯାଇଛି ଯେ ଏହାର ଜମିକୁ ଭାରତର ସୁରକ୍ଷା ସ୍ୱାର୍ଥ ବିରୁଦ୍ଧରେ ବ୍ୟବହାର କରିବାକୁ ଦିଆଯିବ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମିଆଁମାର ରାଷ୍ଟ୍ରପତି ୟୁ ମିନ୍ ଅଙ୍ଗ ହ୍ଲାଇଙ୍ଗ ସୋମବାର ଦିଲ୍ଲୀର ହାଇଦ୍ରାବାଦ ହାଉସରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ସୁରକ୍ଷା, ସୀମା ପରିଚାଳନା, ବିକାଶ ସହଯୋଗ, ସାଂସ୍କୃତିକ ବିନିମୟ ଏବଂ ଆଞ୍ଚଳିକ ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟ, ଶିକ୍ଷା, ଶକ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ମହାକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଲାଗି ଦୁଇ ଦେଶ ସହମତ ହୋଇଥିଲେ ।ରାଷ୍ଟ୍ରପତି ହ୍ଲାଇଙ୍ଗ ୩୦ ମଇ ରୁ ୩ ଜୁନ୍ ପର୍ଯ୍ୟନ୍ତ ଭାରତ ଗସ୍ତରେ ଅଛନ୍ତି । ଏପ୍ରିଲ ୨୦୨୬ ରେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ । ପ୍ରଥମେ ସେ 'ଇଣ୍ଟରନ୍ୟାସନାଲ ବିଗ୍ କ୍ୟାଟ୍ ଆଲାଏନ୍ସ' ଶିଖର ସମ୍ମିଳନୀରେ ଯୋଗ ଦେବାର ଥିଲା, କିନ୍ତୁ ସମ୍ମିଳନୀ ସ୍ଥଗିତ ହେବା ପରେ ଏହି ସୁଯୋଗକୁ ଦ୍ୱିପାକ୍ଷିକ ଆଲୋଚନା ପାଇଁ ବ୍ୟବହାର କରାଯାଇଥିଲା । ମିଆଁମାର ରାଷ୍ଟ୍ରପତିଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭାରତ ଗସ୍ତରେ ଆସିଛନ୍ତି । ଏଥିରେ ପାଂଚ ଜଣ କ୍ୟାବିନେଟ ମନ୍ତ୍ରୀ, ତିନି ଜଣ ଉପମନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି । ଆଲୋଚନା ପରେ ବୈଦେଶିକ ସଚିବ ବିକ୍ରମ ମିସ୍ରି ମନ୍ତ୍ରଣାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଉଭୟ ପକ୍ଷ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଁ ସଂଯୋଗର ଗୁରୁତ୍ୱକୁ ସ୍ୱୀକାର କରିଛନ୍ତି । ଭାରତ-ମିଆଁମାର-ଥାଇଲାଣ୍ଡ ତ୍ରିପାକ୍ଷିକ ରାଜପଥର କାଲାଦାନ ମଲ୍ଟି-ମୋଡାଲ ଟ୍ରାଞ୍ଜିଟ୍ ପରିବହନ ପ୍ରକଳ୍ପକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଏବଂ କାଲେୱା-ଯାଗି ବିଭାଗର ଶୀଘ୍ର ନିର୍ମାଣ ପାଇଁ ମଧ୍ୟ ଏହା ଆହ୍ୱାନ ଦେଇଛି ।

## ନିଟ୍ ପ୍ରଶ୍ନପତ୍ର ଲିକ୍ ୧୪ ଦିନିଆ ନ୍ୟାୟିକ ହେପାଜତକୁ ଗଲେ ୩ ଅଭିଯୁକ୍ତ

ନୂଆଦିଲ୍ଲୀ. ୧।୬: ଦିଲ୍ଲୀର ଏକ କୋର୍ଟ ସୋମବାର ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ତିନିଜଣ ଅଭିଯୁକ୍ତଙ୍କୁ ୧୪ ଦିନର ନ୍ୟାୟିକ ହାଜତକୁ ପଠାଇ ଦେଇଛନ୍ତି । ଅଭିଯୁକ୍ତମାନଙ୍କ ମଧ୍ୟରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ସହ ଜଡିତ ଜଣେ ପଦାର୍ଥ ବିଜ୍ଞାନ ଅଧ୍ୟାପକ, ଲାଟୁରର ଜଣେ ଶିଶୁରୋଗ ବିଶେଷଜ୍ଞ ଓ ଜଣେ ପଦାର୍ଥ ବିଜ୍ଞାନ ଶିକ୍ଷକ ଅନ୍ତର୍ଭୁକ୍ତ । ପଦାର୍ଥ ବିଜ୍ଞାନ ଅନୁବାଦକ ମନୀଷା ସଞ୍ଜୟ ହାୱଲଦାର, ଶିଶୁରୋଗ ବିଶେଷଜ୍ଞ ଡାକ୍ତର ମନୋଜ ଶିରୁରେ ଓ ପଦାର୍ଥ ବିଜ୍ଞାନ ଶିକ୍ଷକ ତେଜସ ହର୍ଷଦକୁମାର ଶାହଙ୍କ ନ୍ୟାୟିକ ହେପାଜତ ପାଇଁ ସିବିଆଇର ଆବେଦନକୁ ସ୍ୱତନ୍ତ୍ର ବିଚାରପତି ଅଜୟ ଗୁପ୍ତା ମଞ୍ଜୁର କରିଛନ୍ତି । ଶନିବାର ହାୱଲଦାରଙ୍କ ସିବିଆଇ ହେପାଜତ ଦୁଇ ଦିନ ବୃଦ୍ଧି କରାଯାଇଥିଲା । ଶିରୁରେ ଓ ଶାହଙ୍କୁ ମେ ୨୭ ତାରିଖରେ ପାଞ୍ଚ ଦିନ ପାଇଁ ହାଜତରେ ପଚରାଉଚରା ପାଇଁ ପଠାଯାଇଥିଲା ।

## ଗାଜିଆବାଦ ଛାତ୍ର ହତ୍ୟା ମାମଲା ମୁଖ୍ୟ ଅଭିଯୁକ୍ତ ଅସଦକୁ ଏନକାଉଣ୍ଟର କଲା ପୁଲିସ

ଗାଜିଆବାଦ, ୧/୬: ଉତ୍ତରପ୍ରଦେଶର ଗାଜିଆବାଦରେ ଏକାଦଶ ଶ୍ରେଣୀ ଛାତ୍ର ସୂର୍ଯ୍ୟ ଚୌହାନଙ୍କୁ ଗତ ୨୮ତାରିଖରେ ଅତି ନିର୍ମମ ଭାବେ ଛୁରି ଭୁସି ହତ୍ୟା କରାଯାଇଥିଲା । ୩ ଦିନପରେ ଅର୍ଥାତ ରବିବାର ଭୋର ସମୟରେ ଘଟଣାର ମୁଖ୍ୟ ଅଭିଯୁକ୍ତ ଅସଦ୍ (୧୯) ପୁଲିସ ଏନକାଉଣ୍ଟରରେ ପ୍ରାଣ ହରାଇଛି । ଅସଦ୍ ସହର ଛାଡ଼ି ଅନ୍ୟତ୍ର ପଳାୟନ କରିବା ଚକ୍କରରେ ଥିଲା । କିନ୍ତୁ ପୁଲିସ ତାକୁ ଧରିବାପାଇଁ ଚାରିଆଡ଼େ ଜାଲ ବିଛାଇଥିଲା । ତା'ମୁଣ୍ଡରେ ୫୦ ହଜାର ଟଙ୍କାର ପୁରସ୍କାର ବି ଘୋଷଣା ହୋଇଥିଲା । ଶନିବାର ପୁଲିସ ତା'ବାବଦରେ ଠୋସ ସୂଚନା ପାଇବାରେ ସମର୍ଥ ହୋଇଥିଲା । ରବିବାର ଭୋର ସମୟରେ ବସୁନ୍ଧରା ଅଞ୍ଚଳରେ ଅସଦ୍ ସହ ପୁଲିସର ସାମ୍ନାସାମ୍ନି ହୋଇଥିଲା । ପୁଲିସକୁ ଦେଖିବା ମାତ୍ରେ ଅସଦ୍ ଗୁଳି ଚଳାଇଥିଲା । ହେଲେ ଜବାବୀ ଗୁଳିମାଡ଼ରେ ସେ ଟଳିପଡ଼ିଥିଲା । ଉଲ୍ଲେଖଯୋଗ୍ୟ,ବକ୍ରୀଦ ଦିନ ଅର୍ଥାତ ଗତ ୨୮ତାରିଖରେ ୧୭ ବର୍ଷୀୟ ସୂର୍ଯ୍ୟଚୌହାନଙ୍କୁ ହତ୍ୟା କରାଯାଇଥିଲା । ତାଙ୍କ ବନ୍ଧୁଙ୍କ ସୂଚନା ଅନୁସାରେ, ଅସଦ୍ ଫୋନ କରି ସୂର୍ଯ୍ୟଙ୍କୁ ଡକାଇଥିଲା ।

## ଶୁଭେନ୍ଦୁଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ: ୩୫ ମନ୍ତ୍ରୀ ନେଲେ ଶପଥ



କୋଲାକାତା, ୧।୬: ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରାଯାଇଛି । ମୋଟ ୩୫ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି । ଲୋକଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଆର.ଏନ୍. ରବି ମନ୍ତ୍ରୀମାନଙ୍କ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ପୂର୍ବରୁ ମେ'୯ରେ ଶୁଭେନ୍ଦୁଙ୍କ ସହିତ ଦିଲୀପ ଘୋଷ, ଅଗ୍ନିମିତ୍ର ପାଉଲ୍, ଅଶୋକ କୀର୍ତ୍ତନିଆ, ନିସିଥ୍ ପ୍ରାମାଣିକ୍ ଏବଂ କ୍ଷୁଦ୍ରରାମ ଟୁଡୁ ପ୍ରମୁଖ ୫ ଜଣ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଥିଲେ । ଏବେ ନୂଆ ୩୫ ଜଣ ମନ୍ତ୍ରୀଙ୍କ ସହ ଶୁଭେନ୍ଦୁଙ୍କୁ ମିଶାଇ ରାଜ୍ୟରେ ମୋଟ ମନ୍ତ୍ରୀଙ୍କ ସଂଖ୍ୟା ୪୧ରେ ପହଞ୍ଚିଛି । ନୂଆ ୩୫ ଜଣ ମନ୍ତ୍ରୀଙ୍କ ମଧ୍ୟରେ ୧୩ ଜଣ କ୍ୟାବିନେଟ୍ ମନ୍ତ୍ରୀ ଥିବାବେଳେ ୩ ଜଣ ରାଷ୍ଟ୍ରପାହ୍ୟା (ସ୍ୱାଧୀନ ଦାୟିତ୍ୱ) ମନ୍ତ୍ରୀ ଏବଂ ୧୯ ଜଣ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି । ଦୀପକ ବର୍ମନ,ତାପସ ରାୟ,ଡାକ୍ତର ଶଙ୍କର ଘୋଷ,ମନୋଜ କୁମାର ଓରାଓଁ,ଅର୍ଜୁନ ସିଂହ,ଗୌରୀ ଶଙ୍କର ଘୋଷ,ସ୍ୱପନ ଦାସଗୁପ୍ତା, ଜଗନ୍ନାଥ ଚଟ୍ଟୋପାଧ୍ୟାୟ,କଲ୍ୟାଣ ଚକ୍ରବର୍ତ୍ତୀ,ଅଜୟ ପୋଦ୍ଦାର,ସାରଦୱତ ମୁଖାର୍ଜୀ,ଦୁଧ କୁମାର ମଣ୍ଡଳ,ଅନୁପ କୁମାର ଦାସ,ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)ଡାକ୍ତର ଇନ୍ଦ୍ରନୀଲ ଖାନ,ମାଳତୀ ରାଓ ରାୟ, ରାଜେଶ ମହତୋ,ରାଷ୍ଟ୍ରମନ୍ତ୍ରୀ,ଜୋଏଲ୍ ମୁର୍ମୁ, ହରେ କୃଷ୍ଣ ବେରା, ଆନନ୍ଦମୟ ବର୍ମନ, ଅଶୋକ ଡିଣ୍ଡା, ନଦିଆର ଚନ୍ଦ ବାଉରୀ, ବିଶାଳ ଲାମା, ଶାନ୍ତନୁ ପ୍ରାମାଣିକ, ମୌମିତା ବିଶ୍ୱାସ ମିଶ୍ର,ଉମେଶ ରାୟ,ପୂର୍ଣ୍ଣିମା ଚକ୍ରବର୍ତ୍ତୀ,କୌଶିକ ଚୌଧୁରୀ,ଭାସ୍କର ଭଟ୍ଟାଚାର୍ଯ୍ୟ,ଦିବାକର ଘରାମି,ଅମିଆ କିସ୍କୁ,କଳିତା ମାଝୀ,ଗାର୍ଗୀ ଦାସ ଘୋଷ,ବିରାଜ ବିଶ୍ୱାସ,ଦୀପଙ୍କର ଜନା, ସୁମନା ସରକାର । ପଶ୍ଚିମବଙ୍ଗ ବିଧାନସଭାର ଆକାର ଅନୁସାରେ, ରାଜ୍ୟରେ ମୁଖ୍ୟମନ୍ତ୍ରୀ ବ୍ୟତୀତ ସର୍ବାଧିକ ୪୪ ଜଣ ମନ୍ତ୍ରୀଙ୍କୁ ନିଯୁକ୍ତ କରାଯାଇପାରିବ । ସୋମବାର ୩୫ ଜଣ ନୂତନ ମନ୍ତ୍ରୀଙ୍କ ଯୋଗଦାନ ସହିତ, ମୁଖ୍ୟମନ୍ତ୍ରୀଙ୍କୁ ବାଦ୍ ଦେଇ ସରକାରରେ ମୋଟ ୪୦ ଜଣ ମନ୍ତ୍ରୀ ରହିଛନ୍ତି । ଏହାର ଅର୍ଥ ହେଉଛି ମୁଖ୍ୟମନ୍ତ୍ରୀଙ୍କ ସମେତ ମୋଟ ମନ୍ତ୍ରୀଙ୍କ ସଂଖ୍ୟା ୪୧ ଛୁଇଁଛି । ସୂତ୍ର ଅନୁଯାୟୀ କେବଳ ୧୩ ଜଣ ନୂତନ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ସାମିଲ କରିବା ବିଜେପିର ଏକ ଛୋଟ କ୍ୟାବିନେଟ୍ ରଖିବାର ରଣନୀତିକୁ ପ୍ରତିଫଳିତ କରୁଛି । କେବଳ ପ୍ରଶାସନିକ ଅଭିଜ୍ଞତା ଥିବା ବିଧାୟକମାନଙ୍କୁ କ୍ୟାବିନେଟ୍ ସ୍ତରୀୟ ଦାୟିତ୍ୱ ଦିଆଯାଇଥିବା କୁହାଯାଉଛି ।

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଚୂଡାନ୍ତ ଶୀଘ୍ର ସ୍ୱାକ୍ଷରିତ ହେବ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଡିଲ୍

ନୂଆଦିଲ୍ଲୀ, ୧।୬ ଭାରତ-ଯୁକ୍ତରାଷ୍ଟ୍ର ବାଣିଜ୍ୟ ଚୁକ୍ତି ଚୂଡାନ୍ତ । ଶୀଘ୍ର ସ୍ୱାକ୍ଷରିତ ହେବ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟର ପ୍ରଥମ ପର୍ଯ୍ୟାୟ ଡିଲ । ସମସ୍ତ ପ୍ରମୁଖ ପଏଣ୍ଟ ସମାଧାନ ହୋଇସାରିଛି ବୋଲି କହିଛନ୍ତି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୂଷ ଗୋୟଲ । ଏହି ମନ୍ତବ୍ୟ ସେହି ସମୟରେ ଆସିଛି ଯେତେବେଳେ ଏକ ଉଚ୍ଚପଦସ୍ଥ ଯୁକ୍ତରାଷ୍ଟ୍ର ପ୍ରତିନିଧି ଦଳ ନୂଆଦିଲ୍ଲୀ ଆସିଛନ୍ତି ଏବଂ ଆଲୋଚନାର ନୂଆ ରାଉଣ୍ଡ ଆରମ୍ଭ କରିବାକୁ ଯାଉଛନ୍ତି । ଆଜି କେନ୍ଦ୍ରମନ୍ତ୍ରୀ ଗୋୟଲ କହିଛନ୍ତି, ଆମେରିକା ଟିମର କିଛି ସଦସ୍ୟ ପୂର୍ବରୁ ଆସି ସାରିଛନ୍ତି, ଆଉ କିଛି ଆଜି ରାତିରେ ଆସୁଛନ୍ତି । ଆମ ଆଲୋଚନା ଜୁନ୍ ୨, ୩ ଏବଂ ୪ ତାରିଖରେ ନିର୍ଦ୍ଧାରିତ ହୋଇଛି । ଉଭୟ ଦେଶର ନେତାମାନେ ଫେବୃଆରୀ ୩ ତାରିଖରେ ଫ୍ରେମୱର୍କ ଏଗ୍ରିମେଣ୍ଟ ଘୋଷଣା କରିବେ । ଏହି ଚୁକ୍ତି ଯୁକ୍ତରାଷ୍ଟ୍ରର ନୂତନ ଟ୍ୟାରିଫ୍ ପରିବର୍ତ୍ତନକୁ ମଧ୍ୟ ବିବେଚନାରେ ନିଆଯିବ । ଭାରତରେ ଅବସ୍ଥିତ ଯୁକ୍ତରାଷ୍ଟ୍ର ରାଷ୍ଟ୍ରଦୂତ ସର୍ଜିଓ ଗୋର କହିଛନ୍ତି, ୯୯% ବିବରଣୀ ଫାଇନାଲ୍ ହୋଇସାରିଛି । ମୁଁ ପୂର୍ଣ୍ଣ ଆତ୍ମବିଶ୍ୱାସୀ ଯେ, ଆମେ ଯୁକ୍ତରାଷ୍ଟ୍ର ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଖୁବ୍ ଶୀଘ୍ର ସମାପ୍ତ କରିବୁ । ଏହା ସ୍ୱାକ୍ଷରିତ କରିବା ପରେ ଆହୁରି ବିସ୍ତୃତ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଆରମ୍ଭ କରିବୁ । ଗତ ଦୁଇ ଦଶକରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ମାତ୍ର ୨୦ ବିଲିୟନ୍ ଡଲାରରୁ ୨୨୦ ବିଲିୟନ୍ ଡଲାରକୁ ବଢ଼ିଛି । ଏହି ବାଣିଜ୍ୟ ଚୁକ୍ତିରେ ମାର୍କେଟ୍ ଆକ୍ସେସ୍, ଟ୍ୟାରିଫ୍, ଆମଦାନୀ ଶୁଳ୍କ, ବାଣିଜ୍ୟ ସୁବିଧା, ନିବେଶ ପ୍ରୋତ୍ସାହନ ଇତ୍ୟାଦି ଉପରେ ଆଲୋଚନା ହେବ ।



## ଦ୍ୱିଶାଙ୍କ ଶାଶୁ ଗିରିବାଳଙ୍କ ଘରେ ସିବିଆଇର ସିନ୍ ରିକ୍ରିଏସନ୍

ଭୋପାଳ, ୧।୬: ଭୋପାଳରେ ଘଟିଥିବା ଦ୍ୱିଶା ଶର୍ମାଙ୍କ ମୃତ୍ୟୁ ମାମଲା ଏବେ ଚାଞ୍ଚଲ୍ୟ ଖେଳାଇବା ସହ ସାରା ଦେଶରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ବିବାହର କିଛି ମାସ ପରେ ସନ୍ଦେହଜନକ ପରିସ୍ଥିତିରେ ଦ୍ୱିଶାଙ୍କ ମୃତ୍ୟୁ ପରେ, ଏହି ମାମଲା ହଇଚଇ ସୃଷ୍ଟି କରିଛି । ମଡେଲ୍ , ଅଭିନେତ୍ରୀ ଦ୍ୱିଶା ଶର୍ମା ମୃତ୍ୟୁ ଘଟଣାରେ ବଡ ଅପଡେଟ ସାମ୍ନାକୁ ଆସିଛି । ଦ୍ୱିଶାଙ୍କ ଶାଶୁ ଗିରିବାଳଙ୍କ ଘରେ ସିବିଆଇର ସିନ୍ ରିକ୍ରିଏସନ୍ । ଶାଶୁ ଗିରିବାଳା ଓ ସ୍ୱାମୀ ସମର୍ଥଙ୍କ ସାମ୍ନାରେ ଦ୍ୱିଶା ସଦୃଶ ଏକ କଣ୍ଢେଇ ଆଣି ସିନ୍ ରିକ୍ରିଏସନ କରୁଛି ସିବିଆଇ । ଗିରିବାଳା ସିଂହଙ୍କ ଘରକୁ ଏକ ୮୦ କେଜି ଓଜନର ଦ୍ୱିଶାଙ୍କ ଡମି ଆଣିଛି ସିବିଆଇ । ପଚରାଉଚରା ବେଳେ ଦ୍ୱିଶାଙ୍କୁ ଫାଶୀ ଦଉଡ଼ିରୁ ତଳକୁ ଓହ୍ଲାଇଥିବା କହିଥିଲେ ସ୍ୱାମୀ ସମର୍ଥ । ତଳକୁ ଆଣିବା ପରେତ ମାଆ ଗିରିବାଳା ଏହି ଫାଶୀ ଗଣ୍ଠି ଖୋଲିଥିଲେ ।

## ୩ ଜୁନରୁ ରିଜର୍ଭ ବ୍ୟାଙ୍କର ମୁଦ୍ରା ନୀତି ସମୀକ୍ଷା ରେପୋ ହାର ଅପରିବର୍ତ୍ତିତ ରହିପାରେ

ନୂଆଦିଲ୍ଲୀ, ୧।୬: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଛଅ ସଦସ୍ୟ ବିଶିଷ୍ଟ ମୁଦ୍ରା ନୀତି କମିଟି (ଏମପିସି) ତିନିଦିନିଆ ସମୀକ୍ଷା ବୈଠକ ୩ ରୁ ୫ ଜୁନ୍ ପର୍ଯ୍ୟନ୍ତ ହେବ । ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଜୁନ୍ ୫ ରେ ନୀତିଗତ ନିଷ୍ପତ୍ତି ଘୋଷଣା କରିବେ । ବିଶେଷଜ୍ଞଙ୍କ ଅନୁଯାୟୀ ଆର୍‌ବିଆଇ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପଶ୍ଚିମ ଏସିଆ ସଙ୍କଟ ଏବଂ ଭୂ-ରାଜନୈତିକ ଉତ୍ତେଜନା,ମୁଦ୍ରାସ୍ଫୀତି ଚିନ୍ତା ଏବଂ ଟଙ୍କା ଉପରେ ଚାପ ଯୋଗୁଁ ରେପୋ ହାରକୁ ୫.୨୫% ରେ ଅପରିବର୍ତ୍ତିତ ରଖିପାରେ । ଅର୍ଥନୈତିକ ବିଶେଷଜ୍ଞମାନେ କହିଛନ୍ତି ଯେ ଏମ୍‌ପିସି ଏଥର ପ୍ରମୁଖ ସୁଧ ହାର, ରେପୋ ହାରରେ କୌଣସି ପରିବର୍ତ୍ତନ କରିବ ନାହିଁ । ବୃଦ୍ଧି ପାଉଥିବା ଶକ୍ତି ମୂଲ୍ୟ, ଟଙ୍କା ଦୁର୍ବଳ ହେବା ଏବଂ ଯୋଗାଣ ଶୃଙ୍ଖଳା ବାଧା ଯୋଗୁଁ ଆର୍‌ବିଆଇ ଏହାର ମୁଦ୍ରାସ୍ଫୀତି ପୂର୍ବାନୁମାନ ବଢ଼ାଇପାରେ ।

## ଓମାନ ସହ ମୁକ୍ତ ବାଣିଜ୍ୟ ରାଜିନାମା କାର୍ଯ୍ୟକ୍ଷମ

ନୂଆଦିଲ୍ଲୀ, ୧।୬: ମଧ୍ୟପ୍ରାଚ୍ୟ ଦେଶ ଓମାନ ସହ ମୁକ୍ତ ବାଣିଜ୍ୟ ରାଜିନାମା ଆଜିଠାରୁ କାର୍ଯ୍ୟକ୍ଷମ ହୋଇଥିବା ନେଇ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଛନ୍ତି । ଏହି ରାଜିନାମା ଦ୍ୱାରା ଭାରତର ବୟନ, ଚମଡ଼ା ପ୍ରସ୍ତୁତ ସାମଗ୍ରୀ, ପ୍ଲାଷ୍ଟିକ୍, ସାମୁଦ୍ରିକ ଉତ୍ପାଦ, ଅଟୋମୋବାଇଲ୍, କ୍ରୀଡ଼ା ସାମଗ୍ରୀ ଓ କୃଷିଜାତ ସାମଗ୍ରୀ ରପ୍ତାନିକାରୀମାନେ ଉପକୃତ ହେବେ । ଓମାନ ବଜାରରେ ସେମାନଙ୍କୁ ପ୍ରତିଦ୍ୱନ୍ଦ୍ୱୀ ଦେଶଗୁଡ଼ିକ ତୁଳନାରେ ଅଗ୍ରାଧିକାର ମିଳିବ । ୨୦୨୫ ଡିସେମ୍ବର ୧୮ରେ ଓମାନ ସହ ବ୍ୟାପକ ଅର୍ଥନୈତିକ ସହଯୋଗିତା ଚୁକ୍ତି ସ୍ୱାକ୍ଷର ହୋଇଥିଲା ।

# ଦୁଇ ଇରାନୀ ଦ୍ୱୀପପୁଞ୍ଜରେ ଆମେରିକାର ଏୟାର ଷ୍ଟ୍ରାଇକ୍




ୱାସିଂଟନ, ୧/୬: ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଆଉ ଏକ ବିପଦପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି । ଅନ୍ତର୍ଜାତୀୟ ଜଳସୀମାରେ ଇରାନ ଦ୍ୱାରା ଗୁପ୍ତଚର ଡ୍ରୋନ୍ ଏମକ୍ୟୁ-୧କୁ ଗୁଳି କରି ଖସାଇ ଦେବାର ଜବାବରେ ଆମେରିକୀୟ ସେନା ଇରାନ ବିରୋଧରେ ଏକ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସୋମବାର ଦିନ, ଆମେରିକାର ଲଢୁଆ ବିମାନ ଦୁଇଟି ଇରାନ ଦ୍ୱୀପପୁଞ୍ଜ ଉପରେ ପ୍ରବଳ ବୋମା ମାଡ଼ କରିଛି । ଯାହା ଫଳରେ ଏହି ଅଞ୍ଚଳରେ ପୁଣି ଯୁଦ୍ଧ ହେବାର ଆଶଙ୍କା ଘନେଇବାରେ ଲାଗିଛି । ଆମେରିକାର ପ୍ରତିରକ୍ଷା ବିଭାଗ କହିଛି, ଏହି ଏୟାର ଷ୍ଟ୍ରାଇକରେ ଇରାନର ଗୋରୁକ ଏବଂ କ୍ୱେଶମ ଦ୍ୱୀପପୁଞ୍ଜକୁ ଟାର୍ଗେଟ କରିଥିଲା । ବୋମାମାଡ଼ରେ ଇରାନ ସେନାର ରାଡାର ସିଷ୍ଟମ, ଡ୍ରୋନ୍ ନିୟନ୍ତ୍ରଣ ଷ୍ଟେସନ ଏବଂ ମୁଖ୍ୟ କମାଣ୍ଡ ସେଣ୍ଟର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି । ଏହା ସହିତ ଆମେରିକାର ଲଢୁଆ ବିମାନଗୁଡ଼ିକ ଦୁଇଟି ଇରାନୀ ଘାତକ ଡ୍ରୋନକୁ ମଧ୍ୟ ଆକାଶ ମାର୍ଗରେ ଧ୍ୱଂସ କରିଦେଇଛି । ଏହି ସଂଘର୍ଷ କେବଳ ଇରାନ ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ସୀମିତ ହୋଇନାହିଁ । ରିପୋର୍ଟ ଅନୁଯାୟୀ କୁଏତରେ ଥିବା ଏକ ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରି ଇରାନ ପ୍ରତିଶୋଧ ନେଇଛି । ଏହି ଘାତକ ଆକ୍ରମଣରେ ପାଞ୍ଚ ଜଣ ଆମେରିକୀୟ ସୈନିକ ଆହତ ହୋଇଛନ୍ତି ।

### କୁଏତ ଉପରେ କ୍ଷେପଣାସ୍ତ୍ର-ଡ୍ରୋନ୍ ଆକ୍ରମଣ କଲା ଇରାନ

ତେହେରାନ, ୧।୬: ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ଏବେ ଶୀର୍ଷରେ ପହଞ୍ଚିଛି । ସୋମବାର ୧ ଜୁନ୍ ସକାଳେ, ଇରାନ ହଠାତ୍ କ୍ଷେପଣାସ୍ତ୍ର ଏବଂ ଘାତକ ଡ୍ରୋନ୍ ଦ୍ୱାରା କୁଏତ ଉପରେ ଏକ ବଡ଼ ଧରଣର ଆକ୍ରମଣ ଆରମ୍ଭ କରିଛି । ଏହି ହଠାତ୍ ବୋମାମାଡ଼ ପରେ, ଭୋରରୁ କୁଏତର ପ୍ରମୁଖ ସହରଗୁଡ଼ିକରେ ସାଇରନ୍ ବାଜିବା ଆରମ୍ଭ କରିଥିଲା । ଏହା ସାଧାରଣ ନାଗରିକଙ୍କ ମଧ୍ୟରେ ବ୍ୟାପକ ଆତଙ୍କ ସୃଷ୍ଟି କରିଥିଲା । ଜୀବନ ବଞ୍ଚାଇବା ପାଇଁ ଲୋକମାନେ ସୁରକ୍ଷିତ ସ୍ଥାନ ଏବଂ ବଙ୍କର ଆଡକୁ ଦୌଡ଼ିବା ଦେଖାଯାଇଥିଲା । କୁଏତର ସରକାରୀ ଖବର ସଂସ୍ଥା ନିଶ୍ଚିତ କରିଛି ଯେ, ସାରା ଦେଶରେ ସାଇରନ୍ ବାଜୁଛି । କୁଏତର ସାମରିକ ବାହିନୀ ତୁରନ୍ତ ଏହାର ଅତ୍ୟାଧୁନିକ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ସକ୍ରିୟ କରି ଜବାବ ଦେବା ଆରମ୍ଭ କରିଥିଲା ।

## ନକଲି ଦସ୍ତଖତ ମାମଲା ଦୁଇ ଟିଏମ୍‌ସି ବିଧାୟକ ନିଲମ୍ବିତ



କୋଲକାତା, ୧।୬: ନକଲି ଦସ୍ତଖତ ମାମଲାରେ ବିଧାୟକ ରତୋବ୍ରତା ବାନାର୍ଜୀ ଏବଂ ସନ୍ଦିପନ ସାହାଙ୍କୁ ତୃଣମୂଳ କଂଗ୍ରେସରୁ ବହିଷ୍କାର କରାଯାଇଛି । ରତୋବ୍ରତା ବାନାର୍ଜୀ ଉଲୁବେରିଆ ପୂର୍ବର ବିଧାୟକ ଏବଂ ସନ୍ଦିପନ ସାହା ଏଣ୍ଟାଲିର ଟିଏମସି ବିଧାୟକ । ଏହି କାର୍ଯ୍ୟ ପରେ, ସନ୍ଦିପନ ସାହା ଦଳ ଭିତରେ ଅଭିଯୋଗ ହୋଇଥିବା ଅନିୟମିତତା ବିଷୟରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ, ବୈଠକରେ ଉପସ୍ଥିତ ନଥିବା ଲୋକଙ୍କ ଦସ୍ତଖତ ପ୍ରସ୍ତାବରେ ଅନ୍ତର୍ଭୁକ୍ତ କରାଯାଇଛି । ତାଙ୍କ ମତରେ, ଏହା ଏକ ଗମ୍ଭୀର ତ୍ରୁଟି । ସନ୍ଦିପନ ସାହା କହିଛନ୍ତି, ଅଭିଷେକ ବାନାର୍ଜୀ ଦଳର ସାଧାରଣ ସମ୍ପାଦକ ଭାବରେ ବିଧାୟକଙ୍କ ତାଲିକାରେ ଦସ୍ତଖତ କରିଥିବାରୁ ତାଙ୍କ ନାମ ଏହି ବିବାଦରେ ଉଠାଯାଉଛି । ସେ କହିଛନ୍ତି ତାଙ୍କ ଦସ୍ତଖତ ତାଲିକାରେ ଅନେକ ତ୍ରୁଟି ଅଛି, ତେଣୁ ଏହି ବିଷୟ ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ସେ ଏହା ମଧ୍ୟ କହିଛନ୍ତି ଯେ ଅଭିଷେକ ବାନାର୍ଜୀ ତାଲିକା ଯାଞ୍ଚ କରିବା ପାଇଁ ଉତ୍ତରଦାୟୀ ଥିଲେ । କିନ୍ତୁ ସେ ଏହି ଦାୟିତ୍ୱକୁ ସଠିକ୍ ଭାବରେ ପାଳନ କରିବାରେ ବିଫଳ ହୋଇଥିଲେ । ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ଦଳ ନେତାଙ୍କ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ସାମ୍ବାଦିକ ସମ୍ମିଳନୀ ସମୟରେ ଶୁଭେନ୍ଦୁ ଅଧିକାରୀ ଦାବି କରିଥିଲେ ଯେ ଟିଏମସି ବିଧାୟକ ସନ୍ଦିପନ ଏବଂ ରତୋବ୍ରତା ବିଧାନସଭା ବାଚସ୍ପତିଙ୍କ ନିକଟରେ ଅଭିଯୋଗ କରିଥିଲେ ।

# ଜାଗମରାରେ ଆମ୍ବୁଲାନ୍ସ ଜଳିଗଲା

- ଜିଲ୍ଲା ସ୍ତରରେ ଫିଟନେସ୍ ଯାଞ୍ଚ ହେଉନି
- ଅସୁରକ୍ଷିତ ଆମ୍ବୁଲାନ୍ସରେ ରୋଗୀ ସ୍ଥାନାନ୍ତର ହେଉଥିଲେ
- ରାତିରେ ରୋଗୀ ଆଣି ପାର୍କ କରିଥିଲାବେଳେ ନିଆଁ ଲାଗିଲା
- ବ୍ୟାଟେରୀ ସମସ୍ୟା ଥିଲା, ଠେଲିଲେ ଷ୍ଟାର୍ଟ ହେଉଥିଲା: ଡ୍ରାଇଭର

ଭୁବନେଶ୍ୱର(ନିପ୍ର): ସଟସର୍କିଟରେ ଆମ୍ବୁଲାନ୍ସ ଜଳିଗଲା। ଭୁବନେଶ୍ୱର ଜାଗମରା ଅଞ୍ଚଳରେ ଆମ୍ବୁଲାନ୍ସ ଜଳିଯାଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆମ୍ବୁଲାନ୍ସଟି ଜଗନ୍ନାଥ ମନ୍ଦିର ସାମ୍ନାରେ ବର୍ଷ ସାରା ଠିଆ ହୋଇଥାଏ। ସୋମବାର ଦିନ ହଠାତ୍ ଆମ୍ବୁଲାନ୍ସଟି ଜଳିବାକୁ ଲାଗିଲା। ସର୍ଟସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଏନେଇ ଡ୍ରାଇଭର କହିଛନ୍ତି, ଆମ୍ବୁଲାନ୍ସଟି କିଛି ଦିନ ହେଲା ବ୍ୟାଟେରୀ ସମସ୍ୟା ଭୋଗୁଥିଲା। ପ୍ରତିଦିନ ସକାଳେ ଠେଲିକି ଷ୍ଟାର୍ଟ କରିବାକୁ ପଡୁଥିଲା। ଇଞ୍ଜିନରେ ବି ସର୍ଟସର୍କିଟ୍ ହେଉଥିଲା। ରବିବାର ରାତିରେ ଗାଡ଼ି କଟକ ଯାଇ ଭୋର ସାଢେ ୪ଟାରେ ଫେରିଥିଲା। ଆଉ ୬ଟା ପଖାପାଖି ହଠାତ୍ ନିଆଁ ଲାଗିଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ କିଛି ମିନିଟ୍ ମଧ୍ୟରେ ପୁରା ଗାଡ଼ି ଜଳି ପାଉଁଶ ହୋଇଗଲା। ସୌଭାଗ୍ୟବଶତଃ ଆମ୍ବୁଲାନ୍ସରେ କୌଣସି ରୋଗୀ ନଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଆମ୍ବୁଲାନ୍ସ ପାଖରେ ପ୍ରାୟ ୪-୫ଟି କାର୍ ଆଉ ଅନ୍ୟ ଗାଡ଼ି ପାର୍କ ହୋଇଥିଲା। ବିଏମସି ସୁଇପର ନିଆଁ ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ପରେ ତୁରନ୍ତ ସବୁ ଗାଡ଼ିକୁ ସୁରକ୍ଷିତ ସ୍ଥାନକୁ ଗାଡ଼ିମାଲିକମାନେ ହଟାଇ ଦେଇଥିଲେ। ନହେଲେ ସକାଳୁ ଘଟିଥିବା ଏହି ଅଗ୍ନିକାଣ୍ଡ ଏକ ବଡ଼ ଅଘଟଣ ଭାବେ ସାମ୍ନାକୁ ଆସିଥାନ୍ତା। ହସ୍ତଗତ ତଥ୍ୟ ମୁତାବକ, ଏନେଇ ତମାଣ୍ଡୋ ଅଗ୍ନିଶମ ବାହିନୀ ଖବର ପାଇ ପହଞ୍ଚି ଫୋମ୍ ସ୍ପ୍ରେ କରି ନିଆଁକୁ ଆୟତ୍ତ କରିଥିଲେ। ଏହି ସମୟରେ ବିଜେପି ନେତା ହିମାଂଶୁ ଶେଖର ଛୋଟରାୟ ଓ ସ୍ଥାନୀୟ ବାସିନ୍ଦା ରଘୁ ମହାନ୍ତି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମ୍ଭାଳିବାରେ ସାହାଯ୍ୟ କରିଥିଲେ। ଏହି ଘଟଣା ଏବେ ରୋଗୀଙ୍କୁ ମେଡିକାଲ ନେଉଥିବା ଅନସେଫ୍ ବା ଚାଲୁ ରହିଥିବା ବିପଦପୂର୍ଣ୍ଣ ଆମ୍ବୁଲାନ୍ସକୁ ନେଇ ବଡ ପ୍ରଶ୍ନ ଛିଡା କରିଛି। ଯଦି କେହି ରୋଗୀ ଆମ୍ବୁଲାନ୍ସରେ ଥାନ୍ତେ ଓ ଏପରି ଘଟିଥାନ୍ତା, ତେବେ ତାଙ୍କୁ କିପରି ମେଡିକାଲ ସ୍ଥାନାନ୍ତର କରାଯାଇଥାନ୍ତା ସେନେଇ ସାଧାରଣ ଲୋକ ପ୍ରଶ୍ନ କରିଥିବାବେଳେ ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଧ୍ୟାନ ଦେବା ନିହାତି ଜରୁରୀ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିୟମିତ ଆମ୍ବୁଲାନ୍ସର ଫିଟନେସ୍ ଯାଞ୍ଚ କରିବାକୁ ଦାବି ହୋଇଛି।

### କାଳୀବାଡ଼ି ବସ୍ତିରେ ମହିଳାଙ୍କୁ ହତ୍ୟା ମାମଲା

# ଅଭିଯୁକ୍ତ ଶୁକଦେବଙ୍କୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର(ନିପ୍ର): ଟଙ୍କା ଭାଗବଣ୍ଟାକୁ କେନ୍ଦ୍ରକରି ୨୦୧୮ ମସିହାରେ କ୍ୟାପିଟାଲ ଥାନା ଅନ୍ତର୍ଗତ କାଳୀବାଡି ବସ୍ତିରେ ଜଣେ ମହିଳାଙ୍କୁ ବିଭତ୍ସ ଭାବେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିବା ମାମଲାର ବିଚାରକରି ସୋମବାର ୩ୟ ଅତିରିକ୍ତ ଜିଲ୍ଲା ସୈରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ବିଚାରପତି ଏହି ମାମଲାରେ ଅଭିଯୁକ୍ତ ଶୁକଦେବ କେବଟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଅର୍ଥରେ ମଧ୍ୟ ଦଣ୍ଡିତ କରିଛନ୍ତି। ଏହି ଘଟଣା ୨୦୧୮ ମସିହା ସେପ୍ଟେମ୍ବର ୨୩ ତାରିଖରେ କ୍ୟାପିଟାଲ ଥାନା ଅନ୍ତର୍ଗତ କାଳୀବାଡି ବସ୍ତିରେ ହୋଇଥିଲା। ଏନେଇ ସୁର ଜେନା ନାମକ ଜଣେ ବ୍ୟକ୍ତି ଫୋନ ଯୋଗେ ପୋଲିସକୁ ସୂଚନା ଦେଇଥିଲା। ମାମଲାର ତଦନ୍ତ ତତ୍କାଳୀନ ଇନ୍ସପେକ୍ଟର ସନ୍ଧ୍ୟାରାଣୀ ସିଂ କରିଥିବା ବେଳେ ୧୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସୁଭାଶ୍ରୀ ଜେନା ସଫଳତାର ସହ ପରିଚାଳନା କରିଥିଲେ। ସୂଚନାଥାଉ କି, ଅଶୋକ ନଗରସ୍ଥିତ କାଳୀବାଡ଼ି ବସ୍ତିରେ ଥିବା ଏକ ଭଡା ଘର ଭିତରେ ଜଣେ ମହିଳାଙ୍କର ମୃତ ଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ନେଇ ଅଶୋକ ନଗର ଅଞ୍ଚଳର ସୁର ଜେନା ନାମକ ଜଣେ ବ୍ୟକ୍ତି ଫୋନ ଯୋଗେ କ୍ୟାପିଟାଲ ଥାନାର ତତ୍କାଳୀନ ଏସିପି ଇନଚାର୍ଜ ମାନସ ରଞ୍ଜନ ଗଡନାୟକ (ବର୍ତ୍ତମାନ ଅତିରିକ୍ତ ଡିସିପି ଭାବେ କାର୍ଯ୍ୟରତ)ଙ୍କୁ ସୂଚନା ଦେଇଥିଲେ । ଏହି ସୂଚନା ପାଇବା ପରେ ସେ, ଥାନା ଇନ୍ସପେକ୍ଟର ସନ୍ଧ୍ୟାରାଣୀ ସିଂହ, ସବ-ଇନ୍ସପେକ୍ଟର ଷ୍ଟାଲିନ୍ ବିଶ୍ୱାଳ, ଏଏସଆଇ ଏଲ. ଏମ୍. ସିଂହ, ଏଏସଆଇ ଏସ. କେ. ପରିଡା ଏବଂ କନଷ୍ଟେବଲ ଜେ. ଆର ଦାସଙ୍କ ସହ ମିଶି ତୁରନ୍ତ ଘଟଣାସ୍ଥଳକୁ ଯାଇଥିଲେ । ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଏକ ଆଜବେଷ୍ଟ କୋଠରୀର ଦ୍ୱାର ଖୋଲା ଯାଇଥିଲା। ଦ୍ୱାରା ଖୋଲିବା ମାତ୍ରେ, ସବୁଜ ରଙ୍ଗର ଶାଢୀ ପରିଧାନ କରିଥିବା ଜଣେ ମହିଳାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଥିବା ବେଳେ, ମୃତଦେହର ବେକରେ ଗଭୀର କ୍ଷତ ଚିହ୍ନ ଥିବା ଏବଂ ଦେହ ଉପରେ ଏକ ସାଲ୍ ଆଂଶିକ ଭାବରେ ଘୋଡେଇ ହୋଇ ରହିଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବାରୁ, ଉକ୍ତ ମୃତଦେହ ବାଣପୁର ଅନ୍ତର୍ଗତ ନୈରୀ ଅଞ୍ଚଳର ସୀତା ଦେଇଙ୍କର ବୋଲି ସେମାନେ ଚିହ୍ନଟ କରିଥିଲେ ଏବଂ ଏହା ମଧ୍ୟ ପ୍ରକାଶ କରିଥିଲେ ଯେ, ଜଣେ ଅଣଓଡ଼ିଆ ହିନ୍ଦୀ ଭାଷୀ ବ୍ୟକ୍ତି ଉକ୍ତ ଘରକୁ କେ. ପାପାଙ୍କ ଠାରୁ ଭଡା ସୂତ୍ରରେ ନେଇ ଗତ ଏକ ମାସ ଧରି ରହିଆସୁଥିଲେ ଏବଂ ମୃତକ ସୀତା ଦେଇ ମଧ୍ୟ ସେହି ଭଡା ଘରକୁ ଆସି ପ୍ରାୟ ସମୟ ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ ସମୟ ଅତିବାହିତ କରୁଥିଲେ । ମୃତକ ସୀତା ଦେଇ ଆଖପାଖ ଅଞ୍ଚଳରେ ଶ୍ରମିକ ଭାବରେ କାମ କରୁଥିବା ବେଳେ, ଅଭିଯୁକ୍ତ ଜଣକ ରାଜ ମିସ୍ତ୍ରୀ ଭାବରେ କାମ କରୁଥିଲେ। ଘଟଣା ଦିନ ସକାଳ ୯ଟା୩୦ ସମୟରେ ସ୍ଥାନୀୟ ଜଣେ ପଡୋଶୀ ମୃତକ ଶୀତା ଦେଇ ଏବଂ ଅଭିଯୁକ୍ତଙ୍କୁ ଉକ୍ତ ଘରେ ଏକାଠି ଥିବାର ଦେଖିଥିଲେ। ସେହିଦିନ ସନ୍ଧ୍ୟାରେ ରେଣୁ ଦାସ ନାମକ ଅନ୍ୟ ଜଣେ ମହିଳା ଝରକା ଦେଇ ଦେଖିବା ବେଳକୁ, ଶୀତା ଦେଇଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଭିତରେ ପଡିଥିବାର ଦେଖିଥିଲେ ଏବଂ ତୁରନ୍ତ ଅନ୍ୟ ପଡୋଶୀ ମାନଙ୍କୁ ଖବର ଦେଇଥିଲେ । ଏହି ଘଟଣା ପରେ ଅଭିଯୁକ୍ତ ଜଣକ ସ୍ଥାନୀୟ ଅଞ୍ଚଳ ଛାଡି କେଉଁଆଡେ ଫେରାର ହୋଇଯାଇଥିଲେ । ଉପରୋକ୍ତ ଘଟଣାକୁ କେନ୍ଦ୍ରକରି କ୍ୟାପିଟାଲ ଥାନା କେସ୍ ନମ୍ବର-୪୦୦/୨୦୧୮, ଆଇପିସି ର ଧାରା-୩୦୨ ରେ ମାମଲା ରୁଜୁ ହୋଇଥିଲା ଏବଂ ତତ୍କାଳୀନ ଥାନା ଇନ୍ସପେକ୍ଟର ସନ୍ଧ୍ୟାରାଣୀ ସିଂହ ଏହାର ତଦନ୍ତ ଦାୟିତ୍ୱ ନିର୍ବାହ କରିଥିଲେ । ତଦନ୍ତ ସମୟରେ ଉକ୍ତ ଘରୁ କେବଳ ଅଭିଯୁକ୍ତଙ୍କର ଏକ ଆଧାର କାର୍ଡ ମିଳିଥିଲା, ଯେଉଁଥିରୁ ସେ ମଧ୍ୟ ପ୍ରଦେଶର ଭୋପାଳ ବାସିନ୍ଦା ବୋଲି ଜଣାପଡିଥିଲା ଏବଂ ଆଧାରକାର୍ଡରେ ଥିବା ମୋବାଇଲ ନମ୍ବରକୁ ପାଥେୟ କରି ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବା ପାଇଁ ଏହାହିଁ ଏକ ମାତ୍ର ରାସ୍ତା ଥିଲା । ଉକ୍ତ ମୋବାଇଲ ନମ୍ବରକୁ ଟ୍ରାକ କରିବାରୁ ତାହାର ଅବସ୍ଥିତି ସମ୍ବଲପୁର ସୂଚିତ କରୁଥିଲା । ସବ-ଇନ୍ସପେକ୍ଟର ଗୟାନନ୍ଦ ସାହାଙ୍କ ନେତୃତ୍ୱରେ ଥାନାର ଏକ ସ୍ୱତନ୍ତ୍ର ଟିମ ଅଭିଯୁକ୍ତଙ୍କୁ ଧରିବା ଉଦ୍ଦେଶ୍ୟରେ ଅବିଳମ୍ବେ ସମ୍ବଲପୁର ଅଭିମୁଖେ ବାହାରିଥିଲେ । ଅଭିଯୁକ୍ତ ଜଣକ ଏକ କି-ପ୍ୟାଡ ମୋବାଇଲ ଫୋନ ବ୍ୟବହାର କରୁଥିବାରୁ ତାଙ୍କର ସଠିକ ଉପସ୍ଥିତି ଜାଣିବା କଷ୍ଟକର ହେଉଥିଲା । ଏହା ବ୍ୟତୀତ ଆଧାରକାର୍ଡରେ ଅଭିଯୁକ୍ତଙ୍କ ଫଟୋ ଠିକସେ ଦେଖାଯାଉନଥିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା କଷ୍ଟକର ଥିଲା । ତାପରଦିନ ସନ୍ଧ୍ୟା ସମୟରେ ଅଭିଯୁକ୍ତଙ୍କ ଶେଷ ଅବସ୍ଥିତି ସମ୍ବଲପୁରର କ୍ଷେତରାଜ ରେଲଷ୍ଟେସନ ଦେଖାଇଥିଲା । ପୋଲିସ ଟିମ ତୁରନ୍ତ କ୍ଷେତରାଜ ଷ୍ଟେସନରେ ପହଞ୍ଚି ଅଭିଯୁକ୍ତଙ୍କୁ ଖୋଜାଖୋଜି କରିଥିଲେ । ପୋଲିସ ଟିମକୁ ଦେଖି ଅଭିଯୁକ୍ତ ଜଣକ ହଠାତ ସେଠାରୁ ଦୌଡି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ପୋଲିସ ତାଙ୍କୁ ସେଠାରେ କାବୁ କରିବାରେ ସକ୍ଷମ ହୋଇଥିଲେ। ପରବର୍ତ୍ତୀ ସମୟରେ ତଦନ୍ତକାରୀ ଅଧିକାରୀ ଆସାମୀ ଶୁକଦେବ କେବଟଙ୍କୁ ଏହି ଘଟଣାରେ ଦୋଷୀ ବିବେଚନା କରିବା ସହ ତାଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ବେଳେ, ୨୦୧୯ ମସିହା ଜାନୁଆରୀ ୨୨ ତାରିଖରେ ଚାର୍ଜସିଟ୍ ? ଦାଖଲ କରିଥିଲେ। ବିଚାର ସମୟରେ ମାନ୍ୟବର ଅଦାଲତ ମୋଟ ୧୩ ଜଣ ସାକ୍ଷୀଙ୍କ ବୟାନ ଏବଂ ପ୍ରଯୁଜ୍ୟ ଦସ୍ତାବିଜ ଗୁଡିକୁ ଆଧାର କରି ବିଚାର କାର୍ଯ୍ୟ ସମ୍ପନ୍ନ କରିଥିଲେ ।

## କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ, ଚାଳକ ଗିରଫ

ଭୁବନେଶ୍ୱର(ନିପ୍ର): ବେପରୁଆ କାର ଚାଳନା ଯୋଗୁଁ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ନନ୍ଦନକାନନ ଥାନା ପୋଲିସ ସୋମବାର କାର ଚାଳକଙ୍କୁ ଗିରଫ କରିଛି। ଗିରଫ କାର ଚାଳକଙ୍କ ନାମ ଅଭିଷେକ ପଣ୍ଡା ଓ ତାଙ୍କ ଘର ବଡମ୍ବା ଅଞ୍ଚଳରେ ବୋଲି ଜଣାପଡିଛି। ଏନେଇ ଲକ୍ଷ୍ମୀଧର ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନା ଯୋଗ୍ୟ ଯେ, ଦୁର୍ଘଟଣାର ଶିକାର ହୋଇଥିବା ପଞ୍ଚାନନ ନାୟକ ହେଉଛନ୍ତି ଅଭିଯୋଗକାରୀଙ୍କର ସାନ ଭାଇ । ଗତକାଲି ସନ୍ଧ୍ୟା ପ୍ରାୟ ୭ଟା୪୦ ସମୟରେ ପଞ୍ଚାନନ ଚାଉଳ କିଣିବା ଲାଗି ଦୁଲାଦେଇ ଛକ ନିକଟକୁ ସାଇକେଲ ଯୋଗେ ଯାଇଥିବା ବେଳେ, ଏକ କାର ଦ୍ରୁତଗତିରେ ଆସି ତାଙ୍କୁ ଧକା ଦେବା ସହ କିଛିଦୂର ପର୍ଯ୍ୟନ୍ତ ଟାଣି ନେଇଥିଲା । ଫଳରେ ପଞ୍ଚାନନ ଘଟଣା ସ୍ଥଳରେ ଗୁରୁତର ହୋଇପଡିଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ଲାଗି କିମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଅଭିଯୁକ୍ତ କାର ଚାଳକ ଅଭିଷେକ ପଣ୍ଡାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ ସମୟରେ ଆହତ ପଞ୍ଚାନନଙ୍କର ସୋମବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। କାର ଚାଳକଙ୍କ ଅସାବଧାନତା ତଥା ଦ୍ରୁତ ଓ ବେପରୁଆ ଗାଡି ଚାଳନା ଏହି ଦୁର୍ଘଟଣା ପାଇଁ ଦାୟୀ ବୋଲି ଜଣାପଡିଥିଲା । ଅଧିକ ତଦନ୍ତ ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକ୍ରମେ ଚଢଉ କରି ଅଭିଯୁକ୍ତ କାର ଚାଳକ ଅଭିଷେକ ପଣ୍ଡାଙ୍କୁ ପୋଲିସ ରଘୁନାଥପୁର ପୋଲ ନିକଟରୁ ଗିରଫ କରିବାରେ ସକ୍ଷମ ହୋଇଛି।

### ଜମି ସମସ୍ୟା ନେଇ ପ୍ରତିବାଦ କରୁଥିଲେ

## ଲୋୟର ପିଏମଜି ଧାରଣାସ୍ଥଳରେ ଦୁଇ ମହିଳା ବିଷ ପିଇଲେ

ଭୁବନେଶ୍ୱର(ନିପ୍ର): ପୋଲିସକୁ ନ୍ୟାୟ ମାଗିବାକୁ ଥାନାକୁ ଯାଇଥିଲେ। ବହୁ ଚେଷ୍ଟା ସତ୍ତ୍ୱେ ନିରାଶ ହେବା ପରେ ସରକାରଙ୍କଠାରୁ ନ୍ୟାୟ ଆଶାରେ ଭୁବନେଶ୍ୱର ଆସିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିଜ ଗୁହାରୀ ଜଣାଇ ଅଭିଯୋଗର ସମାଧାନ କରିବେ ବୋଲି ଭାବିଥିଲେ। ଦିନେ ଲୋୟର ପିଏମଜିରେ ଧାରଣା ମଧ୍ୟ ଦେଇଥିଲେ। ହେଲେ ସେଠି ବି ପୋଲିସ୍ ଘଉଡାବାରୁ ଶେଷରେ କେମିକାଲଯୁକ୍ତ ଔଷଧ ଖାଇ ନିଜ ଜୀବନ ନେବାକୁ ୨ ମହିଳା ଚେଷ୍ଟା କରିଛନ୍ତି। ଭୁବନେଶ୍ୱର ଲୋୟର ପିଏମଜିରେ ଏହି ଘଟଣା ଘଟିଥିବାବେଳେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଅଞ୍ଚଳର ବିଜ୍ଞାନୀ ପଣ୍ଡା ଓ ମାନସୀ ବେହେରା ନିଜ ସମସ୍ୟାର ସମାଧାନ ଦାବିରେ ଲୋୟର ପିଏମଜିରେ ଧାରଣା ଦେବା ପରେ ପୋଲିସ ଉଠାଇ ଦେବାରୁ ନିଜ ଜୀବନ ନେବାକୁ ଚେଷ୍ଟା କରିଛନ୍ତି। ଅଭିଯୋଗ ଅନୁସାରେ, ପୂର୍ବରୁ ବାଣପୁର ଥାନାରେ ନ୍ୟାୟ ପାଇଁ ଯାଇଥିଲେ ମଧ୍ୟ ତାଙ୍କ କଥା ଶୁଣାଯାଇନଥିଲା। ଧାରଣାସ୍ଥଳରୁ ପୋଲିସ ଉଠାଇବାକୁ ଉଦ୍ୟମ କରିବା ପରେ ନିରୁପାୟ ହୋଇ ଉଭୟ ମହିଳା ବିଷାକ୍ତ କେମିକାଲ ସେବନ କରିଥିଲେ। ଘଟଣା ପରେ ତୁରନ୍ତ ପୋଲିସ ଉଭୟଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଉଭୟ ମହିଳା ଖାଦ୍ୟ ସଂରକ୍ଷଣରେ ବ୍ୟବହୃତ ଏକ କେମିକାଲ ସେମାନେ ସେବନ କରିଥିଲେ। ତେବେ ହସ୍ପିଟାଲରେ ପହଞ୍ଚିବା ପରେ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯାଇଥିବାରୁ ବର୍ତ୍ତମାନ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

କଟକ : ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଆଜି କଣ୍ଟାପଡା ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୩ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୪୯ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨ଟି ସାମୁହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ପୁଲିସ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ବିଦ୍ୟୁତ୍,ସ୍ୱାସ୍ଥ୍ୟ, ଶିକ୍ଷା, ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### ସାମାନ୍ୟ କଥାରୁ ପଡୋଶୀଙ୍କୁ ମରଣାନ୍ତକ ଆକ୍ରମଣ

## ୨ ନାବାଳକଙ୍କ ସମେତ ୬ ଗିରଫ

ଭୁବନେଶ୍ୱର(ନିପ୍ର): ସାମାନ୍ୟ କଥାକୁ ନେଇ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ୨ ଜଣ ନାବାଳକଙ୍କ ସମେତ ମୋଟ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି,ଭରତପୁର ଦୁର୍ଗାମଣ୍ଡପ ପାଖ ଅଞ୍ଚଳର ପ୍ରଦ୍ୟୁମ୍ନ ନାୟକ ଓରଫ ଦିପୁ (୧୯),ହର୍ଷ ନାୟକ (୨୩),ପ୍ରଦୀପ ନାୟକ (୨୫) ଓ ପ୍ରଭାତୀ ନାୟକ (୩୯)। ଗିରଫ ଦୁଇ ନାବାଳକଙ୍କୁ ଜୁଭେନାଇଲ ବୋର୍ଡରେ ହାଜର କରାଯାଇଛି। ଏନେଇ କୁମାରୀ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରିଣୀ ଭରତପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀ ବିହାର, ହରପାର୍ବତୀ ସାହିରେ ରୁହନ୍ତି । ଗତ ରବିବାର ରାତି ୧୧ଟା ସମୟରେ, ତାଙ୍କ ପୁଅ ଦୁଃଶାସନ ନାୟକ ଏକ ସ୍ଥାନୀୟ ଭୋଜିରୁ କିଛି ଖାଦ୍ୟ ପାର୍ସଲ ନେଇ ଘରକୁ ଫେରୁଥିବା ବେଳେ ତାଙ୍କ ପଡ଼ୋଶୀ ପ୍ରଭାତୀ ନାୟକ, ତାଙ୍କ ଦୁଇ ପୁଅ ଲିପୁ ଏବଂ ଦୀପୁ, ତାଙ୍କ ଝିଅ ଅଶାନ୍ତି ନାୟକ ଏବଂ ତାଙ୍କ ଘରେ ରହୁଥିବା ଅନ୍ୟ ୪ ଜଣ ବ୍ୟକ୍ତି ମଧ୍ୟ ଉକ୍ତ ଭୋଜିରେ ଖାଦ୍ୟ ଖାଉଥିବା ବେଳେ ଦୁଃଶାସନ ନାୟକଙ୍କୁ ଘରକୁ ଭୋଜି ଖାଦ୍ୟ ନେଇଯିବା ଏବଂ ତାଙ୍କ ଉପରେ ଛେପ ପକାଇବା ପାଇଁ ମନ୍ତବ୍ୟ ଦେଇଥିଲେ । ଦୁଃଶାସନ ନାୟକ ସେମାନଙ୍କୁ ବିରୋଧ କରିବାରୁ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ମୁଠା ଏବଂ ଲାତ ସାହାଯ୍ୟରେ ଶାରୀରିକ ଆକ୍ରମଣ କରିଥିଲେ। ତା'ପରେ ସେମାନେ ତାଙ୍କୁ ତାରିଣୀ ମାର୍କେଟ ପର୍ଯ୍ୟନ୍ତ ପିଛା କରି ତାଙ୍କୁ ତଳେ ପକାଇ ଦେଇଥିଲେ । ତା'ପରେ ପ୍ରଭାତୀ ନାୟକ ତାଙ୍କ ଘର ଭିତରୁ ୩ଟି ଖଣ୍ଡା ଆଣି ତାଙ୍କ ଦୁଇ ପୁଅ ସୂର୍ଯ୍ୟକାନ୍ତ ନାୟକ ଓରଫ ଲିପୁ ଏବଂ ପ୍ରଦ୍ୟୁମ୍ନ ନାୟକ ଓରଫ ଦିପୁ ଏବଂ ଅନ୍ୟମାନେ ଯଥା ହର୍ଷ ନାୟକ, ପ୍ରଦୀପ ନାୟକ ଏବଂ କୃଷ୍ଣ ନାୟକଙ୍କୁ ଦେଇଥିଲେ ଏବଂ ସେହି ଖଣ୍ଡା ଦ୍ୱାରା ଦୁଃଶାସନ ନାୟକଙ୍କୁ ଶାରୀରିକ ଆକ୍ରମଣ କରିବାକୁ ପ୍ରବର୍ତ୍ତାଇଥିଲେ । ଏହା ପରେ ସୂର୍ଯ୍ୟକାନ୍ତ, ପ୍ରଦ୍ୟୁମ୍ନ, ହର୍ଷ ନାୟକ, ପ୍ରଦୀପ ଏବଂ କୃଷ୍ଣ ମିଳିତ ଭାବରେ ଦୁଃଶାସନ ନାୟକଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଖଣ୍ଡା ସାହାଯ୍ୟରେ ଆକ୍ରମଣ କରିଥିଲେ। ଯେତେବେଳେ ସେ ତାଙ୍କ ମୁଣ୍ଡକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ, ଖଣ୍ଡାଗୁଡ଼ିକ ତାଙ୍କ ହାତ, କାନ ଏବଂ ଶରୀରର ଅନ୍ୟାନ୍ୟ ଅଂଶରେ ଆଘାତ କରିଥିଲା, ଯାହା ଫଳରେ ତାଙ୍କ ଶରୀରରୁ ରକ୍ତସ୍ରାବ ହୋଇଥିଲା । ଅଭିଯୋଗକାରିଣୀ ସେଠାରେ ପହଞ୍ଚି ତାଙ୍କ ପୁଅକୁ ବଞ୍ଚାଇବାକୁ ଚେଷ୍ଟା କରିଥିବା ବେଳେ, ସେମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଅଭିଯୋଗକାରିଣୀ ଘଟଣାସ୍ଥଳକୁ ପିସିଆରକୁ ଡାକିବା ପରେ, ଆକ୍ରମଣକାରୀ ମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ଏହା ପରେ ପୀଡିତ ଦୁଃଶାସନ ନାୟକଙ୍କୁ ତୁରନ୍ତ ଡାକ୍ତରୀ ଚିକିତ୍ସା ପାଇଁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ପରେ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରିଣୀ ଥାନାରେ ଅଭିଯୋଗ କରିଥିଲେ ।

## ପ୍ରେମିକାକୁ ଦୁଷ୍କର୍ମ ଅଭିଯୋଗ: ପ୍ରେମିକ ଫେରାର

ରେଢ଼ାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ଅଞ୍ଚଳର ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ନେଇ ରାବିବାର ଚାରମାଳ ଥାନାରେ ଅଭିଯୋଗ ହୋଇଛି ଅଭିଯୋଗ ପରେ ସୋମବାର ପୋଲିସ ଏକ ମାମଲା ରୁଜୁକରି ନାବାଳିକାର ଡାକ୍ତରୀ ମଇନା କରିଛି । ସୂଚନା ଯୋଗ୍ୟ ଯେ ସୋନପୁର ଜିଲ୍ଲା ବୀରମହାରାଜପୁର ଥାନା ଅଞ୍ଚଳର ଜଣେ ନାବାଳକ ସହିତ ଚାରିମଳ ଥାନା ଅଂଚଳର ନାବାଳିକା ସହିତ ପ୍ରେମ ସମ୍ପର୍କ ରହିଥିଲା । ତେବେ ନାବାଳିକାର ଅନିଚ୍ଛା ସତ୍ତ୍ୱେ ନାବାଳକ ଜଣକ ଜୋରଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିବା ନେଇ ପୀଡିତାର ମା ଅଭିଯୋଗ କରିଛନ୍ତି । ସେପଟେ ନାବାଳକ ପ୍ରେମିକ ଫେରାର ହୋଇଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ବିଦେଶୀ ମଦ ଜବତ: ଜଣେ ଗିରଫ

କାଶୀନଗର(ନିପ୍ର): କାଶୀନଗର ଥାନା ଅନ୍ତର୍ଗତ କେ.ସୀତାପୁର ଗ୍ରାମରେ ପୋଲିସ ଦାରୁପୁ ବିନ୍ଧ୍ୟଗିରିଙ୍କ ଦୋକାନ ଉପରେ ଚଢ଼ାଉ କରି ବିଭିନ୍ନ ବ୍ରାଣ୍ଡର ମଦ ସବୁ ଜବତ କରିଛି। ସୀତାପୁର ଗ୍ରାମରେ ବେଆଇନ ମଦ କାରବାର ହେଉଥିବା ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ନିର୍ଦ୍ଦେଶକ୍ରମ ଅଚାନକ ଦୋକାନ ଗୃହରେ ଚଢ଼ାଉ କରି ୧୮ଟି ବିୟର ବୋତଲ, ୧୨ଟି ବିଦେଶୀ ମଦ ସହ ୮ ଟି ବାକାଡି ଲେମନ ମଦ ଜବତ କରି ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

## ଠିପି ବନ୍ଦ ମଦ ଦୋକାନ ପାଖରେ ପିଇବାକୁ ଦିଆଯିବନାହିଁ: ଏସ୍‌ପି

ରାୟଗଡ଼ା(ନିପ୍ର): ଠିପି ବନ୍ଦ ବିଦେଶୀ ମଦ ଦୋକାନ ପାଖରେ ମଦ୍ୟପଙ୍କ ସର୍ବଦା ଭିଡ ଲାଗିରହୁଛି। ଜନବସତି ପାଖରେ ମଦ୍ୟପଙ୍କ ଉତ୍ପାତ ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ତେବେ ଦୋକାନ ସମ୍ମୁଖରେ ଆଉ ମଦ ପିଇବାକୁ ଦିଆଯିବନି ବୋଲି କହିଛନ୍ତି ଏସପି ରାଜ ପ୍ରସାଦ। ଏ ନେଇ ଅବକାରୀ ଅଧିକ୍ଷକଙ୍କ ସହ ଆଲୋଚନା ହୋଇଛି । ଯଦି ଏଥିରେ ଖିଲାପ ହୁଏ ତେବେ ଦୋକାନ ଓ ପିଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବ ବୋଲି କହିଛନ୍ତି ଏସପି ରାଜ ପ୍ରସାଦ। ରାୟଗଡ଼ା ପ୍ରେସ କ୍ଲବ ତରଫରୁ ନୂତନ ଭାବେ ଯୋଗଦାନ କରିଥିବା ଏସପି ରାଜ ପ୍ରସାଦଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲା । ସାକ୍ଷାତ ସମୟରେ ସହରରେ ଥିବା ବିଭିନ୍ନ ସମସ୍ୟା ସଂପର୍କରେ ପ୍ରେସ କ୍ଲବ କର୍ମକର୍ତ୍ତାଙ୍କ ସହ ଏସପି ଆଲୋଚନା କରିଥିଲେ । ବିଶେଷ କରି ସହରର ବିଭିନ୍ନ ସ୍ଥାନରେ ଖୋଲାଖୋଲି ମଦ ବିକ୍ରୀ ଏବଂ ମଦ ପିଉଥିବା ବ୍ୟକ୍ତିମାନଙ୍କ ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ପ୍ରକାଶ କରିଥିଲେ। ମୋଟର ଆଇନ ଉଲ୍ଲଂଘନ କରି ଦୁଇଚକିଆ ଯାନବାହନ ଚଲାଇ ଉପଦ୍ରବ କରୁଥିବା ଚାଳକଙ୍କ ଉପରେ ମଧ୍ୟ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ । ସହରରେ ଆଇନ ଶୃଙ୍ଖଳା ସ୍ଥିତି ସଂପର୍କରେ ପ୍ରେସ କ୍ଲବର ସଦସ୍ୟମାନେ ଆଲୋଚନା କରି ସହରର ସାଇପ୍ରିୟା ନଗର ଏବଂ ରାଣିଗୁଡାଠାରେ ପୁଲିସ ଆଉଟପୋଷ୍ଟ ଖୋଲିବା ପାଇଁ ଏସପିଙ୍କୁ ଅନୁରୋଧ କରିଥିଲେ।

## ଚୋରି ଟ୍ରକ ଜବତ, ଡ୍ରାଇଭର ଗିରଫ



କଟକ(ନିପ୍ର): ଜଗତପୁର ଥାନା ପୋଲିସ ଏକ ଚୋରି ଯାଇଥିବା ଟ୍ରକକୁ ଜବତ କରିବା ସହ ଚୋରି କରି ନେଉଥିବା ଡ୍ରାଇଭରକୁ ଗିରଫକରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରମ୍ଭେଇର ଚିନ୍ମୟ ଦାସ (୨୧) । ମିଳିଥିବା ସୂଚନା ଅନୁଯାୟୀ ମଧୁପଟଣାର ପୁରୁଷୋତ୍ତମ ସିଂହ ତାଙ୍କ ଗାଡି (ଓଆର ୧୫ କ୍ୟୁ ୦୫୪୨)କୁ ଜଗତପୁର ପେପସୀ କମ୍ପାନୀରେ ଲଗାଇଥିଲେ । ଗତ ୨୮ ତାରିଖରେ ପେପସୀ କମ୍ପାନୀରୁ ମାଲ ଲୋଡ୍ କରି ଗାଡି ପଟିଆ ଯାଇଥିଲା ଓ ସେଠାରେ ମାଲ ଅନଲୋଡ୍ କରିଥିଲା । ୨୯ ତାରିଖରେ ଗାଡିର ଜିପିଏସ ଏବଂ ଡ୍ରାଇଭରର ମୋବାଇଲ ସ୍ୱିଚ ଅଫ ଥିବାରୁ ଡ୍ରାଇଭରକୁ ସନ୍ଦେହ କରି ପୁରୁଷୋତ୍ତମ ଜଗତପୁର ଥାନାରେ ଅଭିଯୋଗ କରିଥିଲେ । ତଦନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ଏ ନେଇ ମୋବାଇଲ କଲ୍ ଡାଟା ଓ ଜିପିଏସ ଡିଟେଲସ ମଗାଯାଇ ସମସ୍ତ ଥାନାକୁ ଅବଗତ କରାଯାଇଥିଲା। ପିପିଲି ଥାନାରେ ଡ୍ରାଇଭର ଗାଡି ସହ ସନ୍ଦେହଜନକ ଅବସ୍ଥାରେ ଅଟକ ଥିବା ସୂଚନା ମିଳିବା ପରେ ପୋଲିସ ଗାଡିକୁ ଜବତ କରିବା ସହ ଡ୍ରାଇଭରକୁ ହେପାଜତକୁ ଆଣିଥିଲେ । ପଚରା ଉଚରା ସମୟରେ ଡ୍ରାଇଭର ତାର ଉଦ୍ଦେଶ୍ୟ ସ୍ୱୀକାର କରିଥିଲା । ଅଭିଯୁକ୍ତ ଡ୍ରାଇଭରକୁ କୋର୍ଟ ଚାଲାଣ କରାଯାଇଛି ।

## ଇନଭର୍ଟର-ବ୍ୟାଟେରୀ ସହ ସିସିଟିଭି ହାର୍ଡଡିସ୍କ ଗାଏବ: ତିନି ଅଟକ

ଧାମନଗର(ନିପ୍ର): ଧାମନଗର ଥାନା ଅନ୍ତର୍ଗତ ଚୁଡ଼ାକୁଟି ଇନ୍ଦ୍ରମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ଚୋରି ହୋଇଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଛି। ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ବିଦ୍ୟାଳୟର ରାତ୍ରୀ ଜଗୁଆଳି ସନ୍ତୋଷ ଦାସ ଓ ଦୁଇ ଜଣ ସହଯୋଗୀଙ୍କୁ ଥାନାରେ ଅଟକ ରଖିଥିବା ଜଣାଯାଇଛି। ପ୍ରକାଶ ଥାଉକି ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ପ୍ରଭାତ ଜେନାଙ୍କ ଅଭିଯୋଗ ଅନୁସାରେ ରବିବାର ସନ୍ଧ୍ୟାରେ ବିଦ୍ୟାଳୟର ଅଫିସ କକ୍ଷର ତାଲା ଖୋଲି ୨ଟି ଇନଭର୍ଟର, ୨ଟି ବ୍ୟାଟେରୀ, ସିସିଟିଭି କ୍ୟାମେରାର ହାର୍ଡଡିସ୍କ, କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଭଙ୍ଗା ମଦ ବୋତଲ ମିଳିଥିବାରୁ ଚୋରି ପୂର୍ବରୁ ସେଠାରେ ମଦ୍ୟପାନ ହୋଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଧାମନଗର ଥାନାର ଏସ୍‌ଆଇ ସୁନୀତା ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ଅଞ୍ଚଳର ବାସିନ୍ଦା ତଥା ବିଦ୍ୟାଳୟର ନାଇଟ ୱାଚମ୍ୟାନ ସନ୍ତୋଷ ଦାସଙ୍କୁ ଥାନାକୁ ନେଇ ପଚରାଉଚରା କରାଯାଇଥିବା ବେଳେ ସେ ଘଟଣା ସମ୍ପର୍କରେ ସତ ମାନିଥିବା ସୂଚନା ମିଳିଛି। ପରେ ଦୁଇ ଜଣ ସହଯୋଗୀଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା ଜାରି ରହିଛି। ପୋଲିସ୍ କେସ ନମ୍ବର୍ ୨୪୨/୨୬ରେ ମାମଲା ରୁଜୁ କରାଯାଇଛି। ଉଲ୍ଲେଖ ଥାଉକି ବିଦ୍ୟାଳୟ ପରିସରରେ ପ୍ରତିଦିନ ରାତିରେ ମଦ ଓ ମାଂସ ଭୋଜିର ଆସର ବସୁଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ସ୍କୁଲ ପରିସରକୁ ଏଭଳି କାର୍ଯ୍ୟକଳାପ ପାଇଁ ବ୍ୟବହାର କରୁଥିବା ବେଳେ ଏଥିପ୍ରତି ସମ୍ପୃକ୍ତ ପ୍ରଧାନ ଶିକ୍ଷକ ପ୍ରଭାତ ଜେନାଙ୍କ ପ୍ରଶ୍ରୟ ରହିଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଚୋରିର ପ୍ରକୃତ କାରଣ ଓ ଏଥିରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଶୁଭ୍ରଜିତ ଦାସ ସୁଚନା ଦେଇଛନ୍ତି।

# ଚୋରି ଗ୍ୟାଙ୍ଗ ଆଗରେ ହାର୍ ମାନୁଛି ଗୋଲାମୁଣ୍ଡା ପୁଲିସ !

- ସବୁ ପ୍ରକାର ସକ୍ଷମ ଥାଇ ବି ଅକ୍ଷମ
- ଗୋଲାମୁଣ୍ଡା ବ୍ଲକରେ ବୃଦ୍ଧି ପାଇଛି ଚୋରି, ଡକାୟତି ଓ ରାହାଜାନି
- ସର୍ବମଙ୍ଗଳା ମହାବିଦ୍ୟାଳୟରୁ ୨ଟି ସିସିଟିଭି ମନିଟର ଗାଏବ !
- ମାସକ ମଧ୍ୟରେ ହେଲାଣି ୪ଟି ଚୋରି
- ପୁଲିସର ସୁରକ୍ଷା ନେଇ ଉଠିଲା ପ୍ରଶ୍ନବାଚୀ

ଗୋଲାମୁଣ୍ଡା(ନିପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ଦୁଇଟି ଥାନା ଗୋଟିଏ ପୁଲିସ ଫାଣ୍ଡି ଥାଇ ମଧ୍ୟ ଦିନକୁ ଦିନ ଚୋରି, ଡକାୟତି, ରାହାଜନୀ ବୃଦ୍ଧି ପାଉଛି । ପୁଲିସର ଅପାରଗତା ଯୋଗୁଁ ଗୋଟିଏ ମାସରେ ଚାରି ଚାରି ଥର ଚୋରି ଡକାୟତି ହେଲାଣି । ବର୍ତ୍ତମାନ ଗୋଲାମୁଣ୍ଡା ବ୍ଲକକୁ ଚୋରି ଗ୍ୟାଙ୍ଗ ନିଜ କବଜାକୁ ନେଇଥିବା ବେଳେ ନିଜର ଚରାଭୂଇଁ କରିଥିବା ନେଇ ଜିଲ୍ଲା ସାରା ଚର୍ଚ୍ଚା ହେଉଛି । ବର୍ତ୍ତମାନ ସିଆରପି କ୍ୟାମ୍ପ ବା ପୁରୁଣା ଥାନାରୁ ୧୦୦ ମିଟର ଦୂର ସର୍ବମଙ୍ଗଳା କଲେଜର ସିସିଟିଭି ମନିଟର ଚୋରି ହୋଇଛି । ପୁଲିସର ପାରିବାପଣିଆ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ ହେଲାଣି । ଗୃହ ବିଭାଗ ପକ୍ଷରୁ ଥାନାମାନଙ୍କରେ ଅତ୍ୟାଧୁନିକ ବ୍ୟବସ୍ଥା ଥିବାବେଳେ ଚୋରି ଧରିବାରେ ଗୋଲାମୁଣ୍ଡା ପୁଲିସ ଫେଲ ମାରୁଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି । ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ସର୍ବମଙ୍ଗଳା ମହାବିଦ୍ୟାଳୟରେ ଶନିବାର ରାତ୍ର ୧:୪୫ ଘଣ୍ଟା ସମୟରେ ସିସିଟିଭି ଫୁଟେଜରୁ ଜଣାପଡିଛି ଯେ ଜଣେ ଦୁର୍ବୃତ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ସ୍ୱାଇଁ ଚ୍ୟାମ୍ବରର କବାଟ ଭାଙ୍ଗି ସିସିଟିଭି ଏଲ୍ଏଡି ମନିଟର ଦୁଇ ଗୋଟି ଏବଂ ଦୁଇଗୋଟି ଆଲମାରୀ ଭାଙ୍ଗି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ନେଇଥିବା ନେଇ ଗୋଲାମୁଣ୍ଡା ଥାନାରେ ଲିଖିତ ଏତଲା ଦେଇଥିବା ଜଣାଯାଇଛି । ସେହିଭଳି ଗୋଲାମୁଣ୍ଡା ନାଏକପଡ଼ା ସ୍କୁଲରେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟର କବାଟ ଭାଙ୍ଗିଥିବା ସୁଚନା ମିଳିଛି । ସେହିପରି କିଛିଦିନ ପୂର୍ବେ ଖଲିଆକାନୀ ଗ୍ରାମର ଆନନ୍ଦ ମେହେର (୩୫)ଙ୍କ ଘରୁ ଏକ ବଡ଼ଧରଣର ଲୁଟ୍ ହୋଇଥିଲା। ୨୧/୦୫/୨୦୨୬ ରାତି ପ୍ରାୟ ୧୧ଟା ସମୟରେ ଆନନ୍ଦଙ୍କ ପରିବାର ରାତ୍ରିଭୋଜନ ସାରି ଶୋଇପଡିଥିଲେ। ଭୋର ପ୍ରାୟ ୪ଟା ସମୟରେ ତାଙ୍କ ମାଆ ଉଠି ଦେଖିବା ବେଳକୁ ଘରର ମୁଖ୍ୟ ଦ୍ୱାରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ଘର ଭିତରକୁ ଯାଇ ଯାଞ୍ଚ କରିବା ପରେ ଜଣାପଡିଥିଲା ଯେ, ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ବ୍ୟବହାର କରାଯାଉଥିବା ପ୍ରାୟ ୩୦ଭରି ସୁନା ଗହଣା ଏବଂ ନଗଦ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଚୋରମାନେ ଗହଣା ନେଇସାରିବା ପରେ ଖାଲି ଡବାଗୁଡିକୁ ଘର ପାଖରେ ଥିବା ଶୌଚାଳୟ ନିକଟରେ ଫିଙ୍ଗି ଦେଇ ପଳାଇଛନ୍ତି। ଏ ନେଇ ଆନନ୍ଦ ମେହେର ଗୋଲାମୁଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଗତ କିଛି ଦିନ ତଳେ ଗୋଲାମୁଣ୍ଡାର ଜିମୁତ ବାହାନ ହରପାଲଙ୍କ ଘରେ ମଧ୍ୟ ଚୋରମାନେ ଝରକା ଭାଙ୍ଗି ଭିତରକୁ ପଶିବାକୁ ଚେଷ୍ଟା କରିଥିଲେ। ସେହିପରି ଏହି ଥାନା ଅନ୍ତର୍ଗତ ସାରସଗୁଡା ଗ୍ରାମରେ ମଧ୍ୟ ଏକ ଚାଞ୍ଚଲ୍ୟକର ଡକାୟତି ଘଟିଥିଲା। ସେଠାକାର ବାସିନ୍ଦା ନିରଞ୍ଜନ ଅଘରିଆଙ୍କ ଘରେ ଦୁର୍ବୃତ୍ତମାନେ କଳାକାନା ବୁଲାଇ ନଗଦ ୨ ଲକ୍ଷ ଟଙ୍କା, ୨ ଭରି ସୁନା, ୫୦ ଭରି ରୁପା ସମେତ ୩୫୦୦ ଟଙ୍କାର ଖୁଚୁରା ପଇସା ଲୁଟି ନେଇଥିଲେ। ଏକାଧିକ ଗ୍ରାମରେ ବାରମ୍ବାର ଚୋରି ହେଉଥିଲେ ମଧ୍ୟ ପୋଲିସ ଦୁର୍ବୃତ୍ତମାନଙ୍କୁ ଧରିବାରେ ବିଫଳ ହୋଇଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣ ନିଜର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିବା ସହ ତୁରନ୍ତ ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି କରିଛନ୍ତି। ସମଗ୍ର ଅଞ୍ଚଳ ପାଇଁ ଥାନାରେ ମାତ୍ର ଦୁଇଗୋଟି ସରକାରୀ ଗାଡ଼ି ରହିଛି। ଅଞ୍ଚଳର ବ୍ୟାପକତା ଯୋଗୁଁ ଏହି ଦୁଇଟି ଗାଡ଼ି ସାହାଯ୍ୟରେ ସବୁ ସ୍ଥାନକୁ ସମାନ ଭାବେ ପାଟ୍ରୋଲିଂ କଭର କରିବା ସମ୍ଭବପର ହେଉନାହିଁ। ତେବେ ଏହି ସୀମିତ ସମ୍ବଳ ମଧ୍ୟରେ ବି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଓ ପାଟ୍ରୋଲିଂକୁ ସୁଦୃଢ଼ କରିବା ପାଇଁ ସର୍ବୋତ୍ତମ ଚେଷ୍ଟା ଜାରି ରହିଛି ବୋଲି ଗୋଲାମୁଣ୍ଡା ଥାନାଧିକାରୀ ସୂଚନା ଦେଇଛନ୍ତି।

# ଏମସିଏଲ୍‌ର କାର୍ଯ୍ୟଦକ୍ଷତା ସମୀକ୍ଷା କଲେ କୋଇଲା ମନ୍ତ୍ରୀ

ଭୁବନେଶ୍ୱର, ୬/୧(ନିପ୍ର): କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଷନ ରେଡ୍ଡୀ ସୋମବାର ଓଡ଼ିଶା ଗସ୍ତରେ ଆସି ରାଜ୍ୟରେ କାର୍ଯ୍ୟ କରୁଥିବା କୋଇଲା ଏବଂ ଖଣି କ୍ଷେତ୍ରର କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ କରିବା ପାଇଁ ଏକ ବ୍ୟାପକ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ, ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ସମୀକ୍ଷା ବୈଠକର ଉଦଘାଟନୀ ଅଧିବେଶନରେ ଯୋଗ ଦେଇଥିଲେ। ଗସ୍ତ ସମୟରେ, କେନ୍ଦ୍ର ମନ୍ତ୍ରୀ ଭାରତ ସରକାରଙ୍କ କୋଇଲା ଏବଂ ଖଣି ମନ୍ତ୍ରଣାଳୟର ପ୍ରଶାସନିକ ପରିସର ଅଧୀନରେ ଥିବା ସରକାରୀ କ୍ଷେତ୍ରର ଉଦ୍ୟୋଗ ଏବଂ ଘରୋଇ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟଦକ୍ଷତା ବିଷୟରେ ଏକ ବିସ୍ତୃତ ସମୀକ୍ଷା କରିଥିଲେ। କୋଲ୍ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ବି. ସାଇରାମଙ୍କ ଉପସ୍ଥିତିରେ, ଏମସିଏଲର ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ, ମାନ୍ୟବର କୋଇଲା ମନ୍ତ୍ରୀଙ୍କ ସମ୍ମୁଖରେ କମ୍ପାନୀର କାର୍ଯ୍ୟଦକ୍ଷତା, ଚାଲୁଥିବା ପଦକ୍ଷେପ ଏବଂ ଭବିଷ୍ୟତର ଅଭିବୃଦ୍ଧିକୁ ସମର୍ଥନ କରିବା ଏବଂ କୋଇଲା ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ଭିତ୍ତିଭୂମି ବିକାଶ ଯୋଜନା ବିଷୟରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ। ପ୍ରେଜେଣ୍ଟେସନ୍ ରେ ଏମସିଏଲର କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି, ଲଜିଷ୍ଟିକ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଦେଶର ଶକ୍ତି ସୁରକ୍ଷାରେ ଯୋଗଦାନ ଦେବା ଦିଗରେ ପ୍ରୟାସ ଉପରେ ଆଲୋକପାତ କରାଯାଇଥିଲା। ସମୀକ୍ଷା ବୈଠକରେ କୋଇଲା ଉତ୍ପାଦନ ବୃଦ୍ଧି, ସ୍ଥାନାନ୍ତର ଭିତ୍ତିଭୂମିକୁ ଉନ୍ନତ କରିବା, ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା, ସ୍ୱଚ୍ଛ ଶକ୍ତିରେ ବିବିଧତା ଏବଂ କେନ୍ଦ୍ର ସରକାରଙ୍କ ଦେଶର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ଦୃଷ୍ଟିକୋଣ ସହିତ ସ୍ଥାୟୀ ଖଣି କାର୍ଯ୍ୟପଦ୍ଧତି ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବରୁ, ତାଙ୍କ ଗସ୍ତ ସମୟରେ, ଶ୍ରୀ ରେଡ୍ଡି ଏମସିଏଲର ମହିଳା ଖଣି ଉଦ୍ଧାର ଦଳର ସଦସ୍ୟମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ ଏବଂ ଖଣି ସୁରକ୍ଷା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରସ୍ତୁତିକୁ ସୁଦୃଢ଼ କରିବା ପ୍ରତି ସେମାନଙ୍କର ସାହସ, ବୃତ୍ତିଗତତା ଏବଂ ସମର୍ପଣକୁ ପ୍ରଶଂସା କରିଥିଲେ।



# ଆସାମର ମଜୁଲି ଦ୍ୱୀପରେ ମିଳିଛି ୪,୦୦୦ ବର୍ଷ ପୁରୁଣା ଉଦ୍ଭିଦ ଇତିହାସ

**ନୂଆଦିଲ୍ଲୀ, ୧/୬ :** ବିଶ୍ୱର ସର୍ବବୃହତ୍ ନଦୀ ଦ୍ୱୀପ ଆସାମର ମାଜୁଲୀ ୪,୦୦୦ ବର୍ଷର ଜଳବାୟୁ ଏବଂ ଉଦ୍ଭିଦ ବିଜ୍ଞାନର ଇତିହାସ ପ୍ରକାଶ କରିଛି। ଏଠାରେ ଗବେଷଣା କରୁଥିବା ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ଏହି ଅଧ୍ୟୟନ ବନ୍ୟା ଏବଂ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ଅଂଚଳ ପାଇଁ ଭବିଷ୍ୟତର ଅନୁକୂଳ ରଣନୀତି ପ୍ରସ୍ତୁତ କରିବାରେ ସହାୟକ ହେବ। ଲକ୍ଷ୍ନୌସ୍ଥିତ ବୀରବଲ ସାହନୀ ଇନଷ୍ଟିଚ୍ୟୁଟ୍ ଅଫ୍ ପାଲେଓସାଇନ୍ସର ବୈଜ୍ଞାନିକମାନେ ମଜୁଲିର ସକାଳି ଆର୍ଦ୍ରଭୂମିରୁ ୧୫୦ ସେଣ୍ଟିମିଟର ଗଭୀର ଅବକ୍ଷେପ ନମୁନା ସଂଗ୍ରହ କରି ଅଧ୍ୟୟନ କରିଥିଲେ। ଗବେଷକମାନେ ପରାଗ କଣିକା ଏବଂ ମୃତିକା କଣିକାର ବିଶ୍ଳେଷଣ ମାଧ୍ୟମରେ ଦ୍ୱୀପର ପରିବେଶ ଇତିହାସକୁ ପୁନର୍ବାର ନିର୍ମାଣ କରିଥିଲେ। ପ୍ରାୟ ୪୦୪୦ରୁ ୨୨୬୦ ବର୍ଷ ପୂର୍ବେ, ମଜୁଲି ଅଂଚଳରେ ଘନ ଜଙ୍ଗଲ ସହିତ ଗରମ ଏବଂ ଆର୍ଦ୍ର ଜଳବାୟୁ ଥିଲା। ଏହାପରେ ମୌସୁମୀ ଏବଂ ବନ୍ୟା ଢାଂଚାରେ ଅନେକ ପରିବର୍ତ୍ତନ ଆସିଥିଲା। ୧୧୦୦ ରୁ ୫୦୦ ବର୍ଷ ପୂର୍ବେ, ଏହି ଅଂଚଳ ଅପେକ୍ଷାକୃତ ଉଚ୍ଚ ଆର୍ଦ୍ରତାର ସମୟ ଅନୁଭବ କରିଥିଲା। ଗତ ୫୦୦ ବର୍ଷ କିମ୍ବା ତା' ଠାରୁ ଅଧିକ ସମୟ ମଧ୍ୟରେ ତାପମାତ୍ରା ଏବଂ ବୃଷ୍ଟିପାତ ହ୍ରାସ ପାଇଥିଲା।



# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ: ସହାୟତାର ହାତ ବଢ଼ାଇଲା ଧାମନଗର ବରିଷ୍ଠ ନାଗରିକ ପରିଷଦ

ଧାମନଗର, ୧/୬(ନିପ୍ର): ଧାମନଗର ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ଭଣ୍ଡାରୀପଦି ଅଞ୍ଚଳର ଜୟନ୍ତ ପ୍ରଧାନ ବର୍ତ୍ତମାନ ଏକ ଭୟାନକ ସଡ଼କ ଦୁର୍ଘଟଣାର ଶିକାର ହୋଇ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ସୂଚନା ଅନୁଯାୟୀ, ଗତ ଏପ୍ରିଲ ୨୧ ତାରିଖରେ ଜୟନ୍ତ ନିଜ କର୍ମ ନିମନ୍ତେ ଏକ ଗାଡ଼ି ଯୋଗେ କାମାକ୍ଷାନଗର ଅଞ୍ଚଳକୁ ଯାଇଥିଲେ। ସେଠାରେ ଏକ ବାଲି ବୋଝେଇ ଗାଡ଼ି ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରୀ ପରୀକ୍ଷାରୁ ତାଙ୍କ ସ୍ପାଇନାଲ କର୍ଡରେ ଗୁରୁତର ଆଘାତ ଲାଗିଥିବା ଜଣାପଡ଼ିଥିଲା। ତେବେ ଉନ୍ନତ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବାରେ ପରିବାର ଅକ୍ଷମ ହେବାରୁ ବାଧ୍ୟ ହୋଇ ତାଙ୍କୁ ଘରକୁ ଫେରାଇ ଅଣାଯାଇଛି। ଜୟନ୍ତଙ୍କ ପରିବାରରେ ତାଙ୍କର ୧୩ ବର୍ଷୀୟା କନ୍ୟା ଓ ୯ ବର୍ଷୀୟ ପୁଅ ଅଛନ୍ତି। ରୋଜଗାରକ୍ଷମ ବ୍ୟକ୍ତି ବିଶେଷଙ୍କ ଏପରି ଅବସ୍ଥା ଯୋଗୁଁ ପରିବାର ଏବେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଗତି କରୁଛି।

# ରେଳ ଅର୍ବାନବ୍ୟାଙ୍କ ସେୟାରହୋଲଡର ମାନଙ୍କୁ ସାମୂହିକ ବିଦାୟକାଳୀନ ସମ୍ବର୍ଦ୍ଧନା

ଜଟଣୀ, ୧/୬(ନିପ୍ର): ଖୋର୍ଦ୍ଧାରୋଡ ରେଳମଣ୍ଡଳଠାରେ ଅବସ୍ଥିତ ରେଳ ଅର୍ବାନ କୋଅପରେଟିଭ ବ୍ୟାଙ୍କରେ ସୋମବାର ରିଟାୟାର୍ଡ ଅଂଶୀଦାରମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବ୍ୟାଙ୍କ ମ୍ୟାନେଜର ପି ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ଜଗମୋହନ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସର ନେଇଥିବା ୫୮ ଜଣ ଅଂଶୀଦାର ମାନଙ୍କୁ ଉତ୍ତରୀୟ, ପୁଷ୍ପତୋରା ଓ ଉପହାର ଦେଇଥିଲେ। ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ମଣ୍ଡଳ ସହ ସଂଯୋଜକ ତଥା ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର, ଶାଖା ସମ୍ପାଦକ ତଥା ଅର୍ବାନବ୍ୟାଙ୍କ ଡ଼େଲିଗେଟ ଏଲ ଡ଼ି ମହାନ୍ତି, ସୁନୀଲ ପରିଡା , ସୂର୍ଯ୍ୟନାରାୟଣ ଶତପଥୀ ଅନ୍ୟାନ୍ୟ ଅତିଥିଭାବେ ଯୋଗଦେଇଥିଲେ । ଗତ ୨୦୨୪ ଶ୍ରମିକ କଂଗ୍ରେସ ଓ ଗଠବନ୍ଧନ ପରିବର୍ତ୍ତନ ପ୍ୟାନେଲ ଶହେ ବର୍ଷର ଲାଲପାର୍ଟିକୁ ଗାଦିଚ୍ୟୁତ କରି କ୍ଷମତାକୁ ଆସିବା ପରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି । ଲୋନ ଉପରେ ଏକ ଶତକଡା ସୁଧ ହ୍ରାସ, ଫିକ୍ସ ଡିପୋଜିଟ ଉପରେ ୬ ଶତକଡା ସୁଧରୁ ୮.୫ ଶତକଡା ବୃଦ୍ଧି, ଜମା ଉପରେ ଥିବା ୫ ଶତକଡା ସୁଧରୁ ୭.୫ ଶତକଡାକୁ ବୃଦ୍ଧି , ହଲିଡେ ହୋମ ସଂଖ୍ୟାରେ ବୃଦ୍ଧି ସହିତ ସ୍ୱଳ୍ପ ମୂଲ୍ୟରେ ଆରାମଦାୟକ ରହଣି ବ୍ୟବସ୍ଥା କରାଯାଇଛି।

# ବାଘ ଆକ୍ରମଣରେ ଯୁବକ ମୃତ !

ଯଶିପୁର, ୧ ।୬: ଯଶିପୁର ବ୍ଲକ ଶିମିଳିପାଳ ବନାଞ୍ଚଳ ବେଷ୍ଟିତ ଏକତାଳି ପଞ୍ଚାୟତ କୁମୁଡ଼ା ବାଡ଼ି ବନ୍ଧ ପାଖରେ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ଖଣ୍ଡିତ ଗୋଡ଼ ଉଦ୍ଧାର ହୋଇଛି। ମହାବଳ ବାଘ ଆକ୍ରମଣ ଜନିତ ଘଟଣା ବୋଲି ସ୍ଥାନୀୟ ଲୋକେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ପାଖ ଗାଁ ବସନ୍ତପୁରର ସାଧୁ ନାଏକ କାଲି ବନ୍ଧ ପାଖ ରାଜାମ ସାହିକୁ ଯାଇଥିଲା ବେଳେ ଏହି ଅଘଟଣ ଘଟିଥିଲା। ଛେଳି ପାଇଁ ଡାଳ କାଟୁଥିବା ବେଳେ ଏହି ଆକ୍ରମଣ ହୋଇଥିଲା । ରାତିରେ ଲୋକେ ତାକୁ ଖୋଜି ନ ପାଇ ଆଜି ଏଭଳି ଖଣ୍ଡିତ ଗୋଡ଼ ମିଳିଥିଲା । ବନ ବିଭାଗ ରେଞ୍ଜର ଯଶିପୁର, ଆଇ ଆଇ ସି ସ୍ଥାନୀୟ ଜନ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚିଛନ୍ତି।

## ଗଛ ଲଗାରେ ବ୍ୟାପକ ଦୁର୍ନୀତି ଅଭିଯୋଗ

# ୯ ଜଣିଆ ଟିମ୍‌ର ତଦନ୍ତ ଆରମ୍ଭ

ଆଠଗଡ଼, ୧/୬(ନିପ୍ର): ସାରା ରାଜ୍ୟରେ ବହୁ ଚର୍ଚ୍ଚିତ ଆଠଗଡ଼ ବନଖଣ୍ଡ, ଏବେ କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଦାଣ୍ଡରେ ପଡି ହାଟରେ ଗଡୁଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ଦୁର୍ନୀତି ନିବାରଣ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ। ଆଉ ଏହି ଅଭିଯୋଗ ଅନୁସାରେ ଦୁର୍ନୀତି ନିବାରଣ ବିଭାଗର ଏକ ୯ ଜଣିଆ ଟିମର ଏସିଏଫ ବବିତା ସୋରେନଙ୍କ ସମେତ ଦୁର୍ନୀତି ନିବାରଣ ନିରୀକ୍ଷକ ସପଲିନା ସୁଚରିତା ସାହୁ ପ୍ରଥମେ ଆଠଗଡ ବନଖଣ୍ଡ କାର୍ଯ୍ୟାଳୟ ପହଂଚି ପରେ ଆଠଗଡ ସଦର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଅଭିଯୋଗ ଅନୁସାରେ କୁଲାଇଲୋ ବିଟ ଓରିଙ୍ଗାବାଡ଼ି ସଂରକ୍ଷିତ ଜଙ୍ଗଲରେ ପହଞ୍ଚି ଗଛ ଗଣିଥିଲେ। ଏହି ସବୁ ତଦନ୍ତ ଆଗକୁ ଦୁଇ ତିନ ଦିନ ଚାଲିବ ବୋଲି ତଦନ୍ତ କାରୀ ଟିମ ପକ୍ଷରୁ ସୂଚନା ମିଳିଛି। ପୂର୍ବରୁ ଗଛ ଲଗାଇବାରେ ଫରେଷ୍ଟର ଅନିୟମିତତା କରିଥିବା ସେହି ବିଟର ଫରେଷ୍ଟ ଗାର୍ଡ ଆଠଗଡ ବନଖଣ୍ଡ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ପରେ ଅଭିଯୋଗ ଅନୁସାରେ ଆଠଗଡ ସହକାରୀ ବନସଂରକ୍ଷକ ମନୋଜ କୁମାର ପାତ୍ର ଗତ ଏପ୍ରିଲ ମାସରେ ଏହାର ବିଭାଗୀୟ ତଦନ୍ତ କରିଥିଲେ ମଧ୍ୟ ଏହି ଅନିୟମିତତାକୁ ଘଷ୍ଟ ଘଡଉଥିବା ଦୁର୍ନୀତି ନିବାରଣ ନିକଟରେ ଅଭିଯୋଗ ହୋଇଥିଲା। ଫଳରେ ଦୁର୍ନୀତି ନିବାରଣ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ବନ୍ଦର ଭିତ୍ତିଭୂମିର ତ୍ୱରିତ୍ ବିକାଶ ଆବଶ୍ୟକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧ ।୬(ନିପ୍ର)- ଓଡ଼ିଶାର ଖଣିଜ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଜାତୀୟ ଅର୍ଥନୀତିରେ ଓଡ଼ିଶାର ଅବଦାନକୁ ଆହୁରି ବୃଦ୍ଧି କରିବା ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ ରେଡ୍ଡୀଙ୍କ ସହିତ ଆଲୋଚନା କରି କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଛନ୍ତି । ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶର ଖଣିଜ ଅର୍ଥନୀତି ଓ ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶାର ଗୁରୁତ୍ୱ କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାରେ ପ୍ରାୟ ୪୬୧ ମିଲିଅନ୍ ଟନ୍ ଖଣିଜ ପଦାର୍ଥ ଉତ୍ପାଦନ ହୋଇଥିବା ବେଳେ ଏଥିରୁ ପ୍ରାୟ ୪୬ ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଛି । ତେବେ, ଏ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅହୁରି ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ । ଓଡ଼ିଶାରେ ଯେଉଁ ଖଣିଜ ବ୍ଲକ୍ ଗୁଡ଼ିକ ନିଲାମ ହୋଇଛି, ତାହାର ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ତ୍ୱରାନ୍ୱିତ କରିବା ପାଇଁ ସେ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଥିଲେ। ଏହାସହିତ ଶାଶୁବୋହୂମାଳୀ ବକ୍ସାଇଟ ବ୍ଲକ୍ ଓ ଠାକୁରାଣୀ ଲୁହାପଥର ବ୍ଲକ୍ ଓଏମସି କୁ ପ୍ରଦାନ କରିବା ପାଇଁ ମଧ୍ୟ ସେ କହିଥିଲେ । ଖଣିଜ ଓ ପରିବହନକୁ ଅଧିକ ଦକ୍ଷ ଓ ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ କରିବା ପାଇଁ ରେଳ ଓ ବନ୍ଦର ଭିତ୍ତିଭୂମିର ତ୍ୱରିତ ବିକାଶ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପରିବେଶ ସୁରକ୍ଷା ଦୃଷ୍ଟିରୁ ପରିତ୍ୟକ୍ତ କୋଇଲା ଖଣି ଗୁଡ଼ିକ ଫ୍ଲାଇଆସ୍ ଜରିଆରେ ପୁର୍ନଭରଣ କରିବା ପାଇଁ ଏକ ଉପଯୁକ୍ତ ଫ୍ରେମୱାର୍କ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାସହିତ ଖଣିଜ ପଦାର୍ଥର ଉନ୍ନତ ବିଶ୍ଳେଷଣ ପାଇଁ ଆଧୁନିକ ଟେକ୍ନୋଲୋଜି ଯୋଗାଇ ଦେବା ପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଥିଲେ ଯେ, ଖଣି କ୍ଷେତ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରେଳ, ବନ୍ଦର, ଜଙ୍ଗଲ ଓ ପରିବେଶ ଆଦି ବିଭିନ୍ନ ବିଭାଗର ସହଯୋଗର ଆବଶ୍ୟକତା ରହିଛି । ବୈଠକରେ ବିଭିନ୍ନ କେନ୍ଦ୍ରୀୟ ଖଣି ପିଏସୟୁ ମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା ।



# ୪୮ ଜାତୀୟ ରାଜପଥ ପ୍ରକଳ୍ପର ସମୀକ୍ଷା କଲେ ପୂର୍ତ୍ତମନ୍ତ୍ରୀ

## ଖୁବ୍‌ଶୀଘ୍ର ୧୭୨୧ କୋଟି ମୂଲ୍ୟର ୪୯ଟି ପ୍ରକଳ୍ପର ହେବ ଲୋକାର୍ପଣ

ଭୁବନେଶ୍ୱର, ୧/୬(ନିପ୍ର): ୫୦ କୋଟିରୁ ଅଧିକ ବ୍ୟୟ ଅଟକଳ ଥିବା ୪୮ ଗୋଟି ଜାତୀୟ ରାଜପଥର ଅଗ୍ରଗତି ନେଇ ସୋମବାର ଲୋକସେବା ଭବନ କନଭେନସନ୍ ହଲ୍ ଠାରେ ଆୟୋଜିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ କେନ୍ଦ୍ର ସରକାର ସବୁବେଳେ ଓଡ଼ିଶାକୁ ଅଧିକରୁ ଅଧିକ ପାଣ୍ଠି ଦେବାକୁ ପ୍ରସ୍ତୁତ ଅଛନ୍ତି । ବର୍ତ୍ତମାନ ରାଜ୍ୟରେ ଅନେକ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ଥିବାବେଳେ ଆଗକୁ ଆହୁରି ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏହାକୁ ଦୃଷ୍ଟିରେ ରଖି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ୧୭୨୧ କୋଟି ମୂଲ୍ୟର ୪୯ଟି ପ୍ରକଳ୍ପ ନିକଟରେ ଶେଷ ହୋଇଛି, ଯାହା ଖୁବ୍‌ଶୀଘ୍ର ଲୋକାର୍ପିତ ହେବ । ସେହିପରି ୧୨୧୦୨ କୋଟି ମୂଲ୍ୟର ୪୭ଟି ନୂଆ ପ୍ରକଳ୍ପର ଭିତିପ୍ରସ୍ତର ଖୁବ୍‌ଶୀଘ୍ର ସ୍ଥାପନ ହେବାକୁ ଯାଉଛି ବୋଲି ସେ ପ୍ରକାଶ କରିଥିଲେ । ବୈଠକରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଉଦବୋଧନ ଦେଇ କହିଲେ ଯେ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ, ୟୁଟିଲିଟି ସିଫ୍ଟିଂ, ସଠିକ୍ ପ୍ଲାନିଂ ଓ ଡିଜାଇନ୍ ସହ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବା ପାଇଁ ଆମକୁ ଅଧିକ ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼ିବ । ଆଜିର ବୈଠକରେ ୩୦ଟି ଚାଲୁ ରହିଥିବା ପ୍ରକଳ୍ପ, ୧୪ଟି କାର୍ଯ୍ୟାଦେଶ ହେବାକୁ ଥିବା ପ୍ରକଳ୍ପ ଏବଂ ୪ଟି ଟେଣ୍ଡର ପ୍ରକ୍ରିୟାରେ ଥିବା ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଥିଲା ।



# ଗ୍ରୀଷ୍ମ ପ୍ରବାହ ଜାରି: ଗାଁ କୁ ଗଲା ନାହିଁ ଟୋପାଏ ପାଣି

**ଭାପୁର, ୧/୬(ନିପ୍ର):** ରାଜ୍ୟରେ ମୌସୁମୀ ପ୍ରବେଶ ନିକଟତର ହେଲାଣି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳର ଘରକୁ ଘର ପାଣି ଯୋଗେଇବାରେ ରାଜ୍ୟ ସରକାର ବିଫଳ ବୋଲି ଅଭିଯୋଗ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଭାପୁର ବ୍ଲକର ଜନସାଧାରଣ ପାନୀୟ ଜଳ ପାଇଁ ସନ୍ତୁଳିତ ହେଉଥିବାବେଳେ ସ୍ଥାନୀୟ ରାଜନେତା ନିଦାବିଷ୍ଟ ହୋଇ ବସି ଯାଇଛନ୍ତି। ଘରକୁ ଘର ପାନୀୟ ଜଳ ଯୋଗାଣ ପାଇଁ ଠିକା ନେଇଥିବା ଅନ୍ତଃରାଜ୍ୟ ଜିଭିପିଆର କମ୍ପାନୀ ମନମୁଖି କାର୍ଯ୍ୟ ଯୋଗୁଁ ଭାପୁର ଅଞ୍ଚଳର ଜନସାଧାରଣ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ସେ କମ୍ପାନୀର ଦାୟିତ୍ୱହୀନତା ତଥା ନିମ୍ନମାନର କାର୍ଯ୍ୟ ଯୋଗୁଁ ମାଟି ଫୁଟେଇ ପଦାରେ ପାଣି ନିଷ୍କାସନ ହେଉଛି ପଛେ ଘରକୁ ପାଣି ଯାଉ ନାହିଁ। ଏହିଭଳି ଘଟଣା ବିଜିପୁର ପଂଚାୟତର ମାଳିବେରେଣୀ ଗ୍ରାମରେ ଦେଖାଯାଇଛି। କମ୍ପାନୀର ନିମ୍ନମାନର କାର୍ଯ୍ୟ ପାଇଁ ପାଣି ଛାଡ଼ିବା ସମୟରେ ମାଳିବେରେଣୀ ଗ୍ରାମ ଚତୁଃପାର୍ଶ୍ୱ ଜଳାର୍ଣ୍ଣବ ଦେଖାଯାଉଛି। ହିତାଧିକାରୀଙ୍କ ଘରକୁ ପାଣି ନ ଯାଇ ସମସ୍ତ ପାଣି ପାଇପ ଲିକେଜ ହୋଇ ରାସ୍ତା ଉପର ଜଳାର୍ଣ୍ଣବ ହେବାର ଦେଖା ଯାଉଛି। ଜିଭିପିଆର କମ୍ପାନୀର ଏହି ନିମ୍ନମାନର କାର୍ଯ୍ୟ ପାଇଁ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ହିତାଧିକାରୀମାନେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ସନ୍ତୁଳିତ ହେଉଛନ୍ତି। ଏହି ପାନୀୟ ଜଳ ସମସ୍ୟା ଭାପୁର ବ୍ଲକରେ ଦୀର୍ଘଦିନ ହେଲା ଲାଗି ରହିଥିବାରୁ ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ସୋନମ ବେହେରାଙ୍କୁ ମୁମ୍ବାଇରେ ଜାତୀୟ ସମ୍ମାନ

କନ୍ଧମାଳ, ୧/୬(ନିପ୍ର): ଓଡ଼ିଶାର କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକ ଅନ୍ତର୍ଗତ ସୁରାଦେଇ ଗ୍ରାମର ଯୁବ ନେତ୍ରୀ ସୋନମ ବେହେରା ମୁମ୍ବାଇରେ ଆୟୋଜିତ ବିଡବ୍ଲ୍ୟୁ ବିଜିନେସ୍ ୱାର୍ଲ୍ଡ ଫେଷ୍ଟିଭାଲ ଅଫ ୱେଲ୍ ବିଇଙ୍ଗ୍ ୨୦୨୬ ଅବସରରେ ପ୍ରତିଷ୍ଠିତ " ରାଇଜିଙ୍ଗ ଯୁଥ ଲିଡର ଆୱାର୍ଡ " ହାସଲ କରି ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ଏହି ସମ୍ମାନ ଦେଶର ସେହି ଯୁବ ନେତୃତ୍ୱମାନଙ୍କୁ ପ୍ରଦାନ କରାଯାଏ, ଯେଉଁମାନେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଥାନ୍ତି। ବାଲ ରକ୍ଷା ଭାରତ (ସେଭ ଦି ଚିଲଡ୍ରେନ) ଦ୍ୱାରା ପରିଚାଳିତ ଜି ଡି ଏନ ପ୍ରକଳ୍ପ ମାଧ୍ୟମରେ ସୋନମ ମାଇକ୍ରୋ ପ୍ରୋଜେକ୍ଟରେ ଗତ ଏକ ବର୍ଷ ଧରି ଯୁବ ନେତୃତ୍ୱ ଓ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ବିଶେଷ କରି କିଶୋରୀମାନଙ୍କ ମଧ୍ୟରେ ଋତୁସ୍ରାବ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ବୃଦ୍ଧି, ଏହାକୁ ନେଇଥିବା କୁସଂସ୍କାର ଓ ଭ୍ରାନ୍ତ ଧାରଣା ଦୂରୀକରଣ ତଥା ଯୁବ ନେତୃତ୍ୱ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ପ୍ରଶଂସନୀୟ।

# ହାତୀକୁ ମାରିଦେଲେ: ୩ ଗିରଫ



ଭୁବନେଶ୍ୱର, ୧ ।୬(ନିପ୍ର) ଢେଙ୍କାନାଳ ଜିଲ୍ଲାରେ ବିଦ୍ୟୁତ ଆଘାତରେ ଏକ ଜଙ୍ଗଲୀ ହାତୀକୁ ହତ୍ୟା କରିବା ଏବଂ ଗୁପ୍ତ ଭାବରେ ପୋତି ଦେବା ଅଭିଯୋଗରେ ସୋମବାର ଏକ ଫାର୍ମହାଉସର ମାଲିକଙ୍କ ସମେତ ତିନି ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଫାର୍ମ ମାଲିକ ପ୍ରମୋଦ କୁମାର ରାଜ(୬୪),ଏକଜାକାଭେଟର ଅପରେଟର ସୁଧୀର ଭାଟିଆ(୨୮) ଓ ଜଗୁଆଳ ରାଜୀବ ଚୌଧୁରୀ(୩୮)। ହିନ୍ଦୋଳ ଉପଖଣ୍ଡର ରାଜମୋହନପୁରରେ ଏହି ଘଟଣା ତିନିରୁ ଚାରି ଦିନ ପୂର୍ବରୁ ଘଟିଥିବା ସନ୍ଦେହ କରାଯାଉଛି। ଢେଙ୍କାନାଳର ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫଓ) ଲଳିତ କୁମାର ପାତ୍ର କହିଛନ୍ତି ଯେ ଅଧିକାରୀମାନେ ରବିବାର ଘଟଣାସ୍ଥଳ ଯାଞ୍ଚ କରିଥିଲେ ଏବଂ ସୋମବାର ବିସ୍ତୃତ ଯାଞ୍ଚ ସାରି ଫେରି ଆସିଥିଲେ। ଆମ୍ବଗଛ ନଷ୍ଟ କଲା ବୋଲି ହାତୀଟିକୁ ବିଦ୍ୟୁତ୍ ଆଘାତ ଦେଇ ମାରିଥିବା କୁହାଯାଇଛି।

# ସମାସିଂହାରେ ରବି ଧାନ କ୍ରୟ ଆରମ୍ଭ

ଝାରସୁଗୁଡା, ୧/୬(ନିପ୍ର): କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା କୃଷି ସେବା ସମବାୟ ସମିତି ପକ୍ଷରୁ ୨୦୨୫-୨୬ ରବି ଋତୁ ପାଇଁ ସୋମବାର ଠାରୁ ଚାଷୀଙ୍କ ନିକଟରୁ ଧାନ କ୍ରୟ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସରପଞ୍ଚ ସୁରଭି ସେନାପତି, ସମିତି ସଭାପତି ହେମନ୍ତ ସାହୁ, ସମାସିଂହା ପଞ୍ଚାୟତ କୃଷକ ସଂଘ ସଭାପତି ଚେତାନନ୍ଦ ପଟେଲ, ବରିଷ୍ଠ ଚାଷୀ ଗୌତମ ନାଏକ, ଲକ୍ଷ୍ମଣ ରୋହିଦାସ ଓ ମଣ୍ଟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ସୁବାଷ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିନରେ ୫ ଜଣ ଚାଷୀଙ୍କଠାରୁ ମୋଟ ୩୫୬ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଚାଷୀ ଚନ୍ଦ୍ରଶେଖର ପଟେଲ ୭୭.୨୮ କ୍ୱିଣ୍ଟାଲ, ଜୟକୁମାରୀ ନାଏକ ୭୫ କ୍ୱିଣ୍ଟାଲ, ଅର୍ଜୁନ ଠାକୁର ୭୫ କ୍ୱିଣ୍ଟାଲ, ଜଳନ୍ଧର କିସାନ ୬୮.୧୬ କ୍ୱିଣ୍ଟାଲ ଓ କ୍ଷୀରୋଦ୍ର ପଟେଲ ୬୧.୪୪ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ।

# କଲେଜ ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଚୌଦ୍ୱାର, ୧/୬:** ଚୌଦ୍ୱାର କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ କଲେଜ ଅଡିଟୋରିୟମରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ସାହୁ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସମ୍ବର୍ଦ୍ଧନା ସଭାରେ ଡାକ୍ତର ସତ୍ୟବ୍ରତ ମହାପାତ୍ର, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁ, ଅଧ୍ୟାପକ ଗଣେଶ୍ୱର ସ୍ୱାଇଁ, କର୍ମଚାରୀ ସଂଘର ସଭାପତି ସସ୍ମିତା ଭୂୟାଁ, ଅଧ୍ୟାପିକା ହରପ୍ରିୟା ମହାପାତ୍ର, ପୁରାତନ ଛାତ୍ର ସଂସଦ ସଭାପତି ବିବେକାନନ୍ଦ ଜେନା, ରବିନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ କଲେଜର ସର୍ବାଙ୍ଗୀନ ବିକାଶରେ ଶ୍ରୀମତୀ ରାଉତରାୟଙ୍କ ମହତ୍ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଅବସରକାଳୀନ ଜୀବନ ସୁସ୍ଥ, ନିରାମୟ, ସୁଖ ଓ ଶାନ୍ତିରେ ଅତିବାହିତ ହେଉ ବୋଲି କାମନା କରିଥିଲେ।

# ଗୁଣାତ୍ମକ ବିଜୁଳି ଯୋଗାଣ ନିମନ୍ତେ ଟିପିଏସ୍‌ଓଡିଏଲର ପଦକ୍ଷେପ

**ଜୟପୁର, ୧/୬(ନିପ୍ର):** ବିଦ୍ୟୁତ ଚାହିଦାରେ ଦ୍ରୁତ ବୃଦ୍ଧି ଏବଂ ବାରମ୍ବାର ପାଣିପାଗଜନିତ ବାଧାବିଘ୍ନ ମଧ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ଜୟପୁରରେ ନିରବଚ୍ଛିନ୍ନ ଏବଂ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିଜର ପ୍ରୟାସକୁ ଆହୁରି ତୀବ୍ର କରିଛି । ଗତ କିଛି ବର୍ଷ ଧରି ବିଦ୍ୟୁତ ଚାହିଦାରେ ଉଲ୍ଲେଖନୀୟ ବୃଦ୍ଧି, ଚଳିତ ଗ୍ରୀଷ୍ମ ଋତୁରେ ବାରମ୍ବାର କାଳବୈଶାଖୀ ପ୍ରଭାବ ଏବଂ ଏହା ଦ୍ୱାରା ସୃଷ୍ଟ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି କମ୍ପାନୀ ବିଦ୍ୟୁତ ବିତରଣ ନେଟୱର୍କକୁ ସୁଦୃଢ଼ କରିବା ସହ ଉନ୍ନତ ନିରୀକ୍ଷଣ ପ୍ରଣାଳୀର ବ୍ୟବହାର ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ଆହୁରି ମଜବୁତ କରିଛି। ଗତ କିଛି ବର୍ଷ ମଧ୍ୟରେ ଜୟପୁରରେ ବିଦ୍ୟୁତ ଚାହିଦା କ୍ରମାଗତ ଭାବେ ବୃଦ୍ଧି ପାଇଛି । ଦ୍ରୁତ ସହରୀକରଣ, ବାଣିଜ୍ୟିକ କାର୍ଯ୍ୟକଳାପର ବିସ୍ତାର, ସେବା କ୍ଷେତ୍ରର ଅଭିବୃଦ୍ଧି, ବିଦ୍ୟୁତ ଉପକରଣର ବ୍ୟାପକ ବ୍ୟବହାର ଏବଂ ଉପଭୋକ୍ତାଙ୍କର ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପ୍ରତି ବଢୁଥିବା ଭରସା ଏହାର ମୁଖ୍ୟ କାରଣ ଅଟେ । ସେହିପରି, ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ଆର୍ଥିକ କେନ୍ଦ୍ର ଭାବେ ଜୟପୁରରେ ଘରୋଇ, ବାଣିଜ୍ୟିକ, ଅନୁଷ୍ଠାନିକ ଏବଂ କ୍ଷୁଦ୍ର ଶିଳ୍ପ ଉପଭୋକ୍ତାଙ୍କ ପକ୍ଷରୁ ବିଦ୍ୟୁତ ଆବଶ୍ୟକତା ନିରନ୍ତର ବଢୁଛି । ବିଶେଷକରି ସନ୍ଧ୍ୟା ଓ ରାତ୍ରି ସମୟର ବିଜୁଳି ଚାହିଦା ଅଧିକ ରହୁଥିବାରୁ ବିତରଣ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ପଡୁଛି । ପ୍ରାକୃତିକ ବିପର୍ଯ୍ୟୟ ଏହି ଚ୍ୟାଲେଞ୍ଜକୁ ଆହୁରି ବଢ଼ାଇଛି । ଚଳିତ ଗ୍ରୀଷ୍ମ ଋତୁରେ ଜୟପୁର ସର୍କଲରେ ୫୩ଟି କାଳବୈଶାଖୀ ଘଟଣା ରେକର୍ଡ ହୋଇଛି, ଯାହା ବିଦ୍ୟୁତ ଭିତ୍ତିଭୂମିକୁ ପ୍ରଭାବିତ କରିବା ସହ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ଯୋଗାଣକୁ ବାଧାପ୍ରାପ୍ତ କରିଛି । ତଥାପି, ଟିପିଏସ୍ଓଡିଏଲ୍ ନିଜର ନିୟୋଜିତ କ୍ଷେତ୍ରୀୟ ଟିମ୍, ୨୪ ଘଣ୍ଟିଆ ନିରୀକ୍ଷଣ ବ୍ୟବସ୍ଥା ଏବଂ ସୁଦୃଢ଼ କଣ୍ଟିଜେନ୍ସି ପ୍ଲାନିଂ ମାଧ୍ୟମରେ ଦ୍ରୁତ ଗତିରେ ବିଦ୍ୟୁତ ସେବା ପୁନଃସ୍ଥାପନ କରିବାରେ ସକ୍ଷମ ହୋଇଛି । ଏହି ସମୟ ମଧ୍ୟରେ ଜୟପୁର ସର୍କଲରେ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ବିଦ୍ୟୁତ ଚାହିଦାରେ ୧୩ ପ୍ରତିଶତ ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଛି ।



# ଓସାକ୍ସର ନୂତନ ନିର୍ଦ୍ଦେଶକ ହେଲେ ରୂପଭାନୁ ମିଶ୍ର

ଭୁବନେଶ୍ୱର, ୧/୬(ନିପ୍ର): ଡାକ୍ତର ରୂପଭାନୁ ମିଶ୍ର, ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତିର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ଏହି ପଦବୀ ସହ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଡାକ୍ତର ରୂପଭାନୁ ମିଶ୍ର ଦୀର୍ଘ ବର୍ଷ ଧରି ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଆସୁଛନ୍ତି। ପୁରୀ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ସମୟରେ ସେ ଜନସ୍ୱାସ୍ଥ୍ୟ ସେବାର ସୁଦୃଢ଼ୀକରଣ, ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର କାର୍ଯ୍ୟର ରୂପାୟନ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ପରବର୍ତ୍ତୀ ସମୟରେ ସେ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରି ରୋଗୀ ସେବା, ହସ୍ପିଟାଲ ପରିଚାଳନା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ନେତୃତ୍ୱ ପ୍ରଦାନ କରୁଛନ୍ତି। ଓସାକ୍ସ କାର୍ଯ୍ୟାଳୟରେ ଆଜି ଦାୟିତ୍ୱ ଗ୍ରହଣ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ, ସଫଳତା, ଆହ୍ୱାନ ଏବଂ ଭବିଷ୍ୟତ ରଣନୀତି ସମ୍ପର୍କରେ ଏକ ସଂକ୍ଷିପ୍ତ ଉପସ୍ଥାପନା କରାଯାଇଥିଲା। ସେ କହିଥିଲେ ଯେ, "ଏଚ୍.ଆଇ.ଭି./ ଏଡସ୍ ନିୟନ୍ତ୍ରଣ କେବଳ ଏକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଏକ ସାମାଜିକ ଆନ୍ଦୋଳନ। ସଚେତନତା, ସମୟୋପଯୋଗୀ ପରୀକ୍ଷା, ଗୁଣାତ୍ମକ ଚିକିତ୍ସା ଏବଂ ସମାଜରେ ଭେଦଭାବ ଦୂରୀକରଣ ମାଧ୍ୟମରେ ଆମେ ୨୦୩୦ ସୁଦ୍ଧା ଏଡସ୍ ର ଅବସାନ ଲକ୍ଷ୍ୟ ହାସଲ କରିପାରିବା। ଏଥିପାଇଁ ସରକାରୀ ବିଭାଗ, ସମୁଦାୟ ଭିତ୍ତିକ ସଂଗଠନ, ଯୁବବର୍ଗ ଏବଂ ସାଧାରଣ ଜନତାଙ୍କ ସମନ୍ୱିତ ସହଭାଗିତା ଅତ୍ୟନ୍ତ ଆବଶ୍ୟକ।" ସେ କହିଥିଲେ ଯେ, ଏଚ୍.ଆଇ.ଭି. ସଂକ୍ରମିତଙ୍କ ପ୍ରତି ଭେଦଭାବ ଦୂର କରିବା, ନିୟମିତ ପରୀକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଚିକିତ୍ସାରେ ନିରନ୍ତରତା ରଖିବା ଉପରେ ଓସାକ୍ସ ଅଧିକ ଗୁରୁତ୍ୱ ଦେବ।



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ